



ରଘୁ ପ୍ରସାଦ ବର୍ଷର ଶ୍ରେଷ୍ଠ ଅମ୍ପାୟର

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in


# ସକାଳ THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-143 ♦WEDNESDAY ♦19 NOVEMBER 2025 ♦PAGE-12 ♦₹ 6.00

JEYPORE

♦ବର୍ଷ-୪୩ ♦ସଂଖ୍ୟା-୧୪୩ ♦ବୁଧବାର ♦୧୯ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଜୁଆରେ ହାରିଲେ ପତି; ପତ୍ନୀଙ୍କୁ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ବାଗପତ ଜିଲ୍ଲାରୁ ମାନବିକତାକୁ ଲଜ୍ଜିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ଜଣେ ପତି ଜୁଆରେ ହାରିବା ପରେ ନିଜ ନବବିବାହିତା ପତ୍ନୀଙ୍କୁ ଅନ୍ୟ ୮ ଜଣ ଲୋକଙ୍କୁ ସମର୍ପି ଦେଇଥିଲା । ଏହାପରେ ସେମାନେ ଜଣଙ୍କ ପରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ । ପୁଲିସ ଏହି ଜଘନ୍ୟ ମାମଲାର ଯାଞ୍ଚ କରୁଛି । ପୀଡିତା ନିବାଡା ଗାଁରେ ରୁହନ୍ତି । ଗତବର୍ଷ ଅକ୍ଟୋବର ୨୪ରେ ମିରଟର ଖିବାଇ ଗାଁର ଦାନିଶ ସହିତ ଏହି ମହିଳାଙ୍କର ବିବାହ ହୋଇଥିଲା । କିନ୍ତୁ ବିବାହର କିଛିଦିନ ପରେ ପତି ମଦ୍ୟପ ଓ ଜୁଆଡି ବୋଲି ମହିଳା ଜାଣିବାକୁ ପାଇଥିଲେ । ଯୌତୁକ କମ୍ ମିଳିବା କାରଣରୁ ପତି ଓ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ ।



ପତ୍ନୀଙ୍କ ଅଭିଯୋଗ ଅନୁଯାୟୀ ଦିନେ ସ୍ୱାମୀ ଜୁଆ ଖେଳି ଖେଳି ହାରି ଚାଲିଥିଲେ । ଶେଷରେ ସେ ପତ୍ନୀଙ୍କୁ ବାଜି ଲଗାଇ ଦେଇଥିଲେ । ହାରିବା ପରେ ଏହି ମହିଳାଙ୍କୁ ୮ ଜଣ ଦୁଷ୍କର୍ମ କରିଥିଲେ । ଅଭିଯୁକ୍ତଙ୍କ ମଧ୍ୟରେ ଉମେଶ ଗୁପ୍ତା, ମୋନୁ ଏବଂ ଅଂଶୁଲ ସାମିଲ ଅଛନ୍ତି । ଏମାନେ ଗାଜିଆବାଦର ବାସିନ୍ଦା । ପୀଡ଼ିତାଙ୍କ ଦୁଃଖ ଏତିକିରେ ଶେଷ ହୋଇ ଯାଇ ନ ଥିଲା । ନିଜ ଦେଢ଼ଶୂର, ନଣନ୍ଦେଇ ଓ ଶଶୁର ମଧ ତାଙ୍କୁ ଦୁଷ୍କର୍ମ ▶ପୃଷ୍ଠା-୭

## ଆନ୍ଧ୍ରରେ ହେବ ପ୍ରଥମ 'ଏୟାର ଟ୍ୟାକ୍ସି କ୍ଲଷ୍ଟର'

■ ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ଆନ୍ଧ୍ରପ୍ରଦେଶରେ ନିର୍ମାଣ ହେବ ଦେଶର ପ୍ରଥମ ଇଲେକ୍ଟ୍ରିକ୍ 'ଏୟାର ଟ୍ୟାକ୍ସି କ୍ଲଷ୍ଟର' । ଏଥିପାଇଁ ଆନ୍ଧ୍ର ସରକାର ସରଳା ଆଭିଏସନ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ଅନୁଯାୟୀ, ରାଜ୍ୟରେ ଇଭିଟଲ୍ (ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଏବଂ ଲ୍ୟାଣ୍ଡିଂ) ଉତ୍ପାଦନ କାରଖାନା ପ୍ରତିଷ୍ଠା କରାଯିବ । ଏହି ପ୍ରକଳ୍ପର ନାମ 'ସ୍କାଏ ଫ୍ୟାକ୍ଟ୍ରି' ରଖାଯାଇଛି । ଅନନ୍ତପୁର ଜିଲ୍ଲାରେ ଏହି କ୍ଲଷ୍ଟର ନିର୍ମାଣ କରାଯିବ, ଯେଉଁଠାରେ ଇଲେକ୍ଟ୍ରିକ୍ ଏୟାର ଟ୍ୟାକ୍ସି ଭଳି ବିମାନ ନିର୍ମାଣ ହେବ । କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପରେ ୩୩୦ କୋଟି ଟଙ୍କା ନିବେଶ ଯୋଜନା ରଖିଛି । ୨୦୨୯ ସୁଦ୍ଧା ବାଣିଜ୍ୟିକ ବିମାନ ଉଡ଼ାଣ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି । ୧୫୦ ଏକର ଜମିରେ ପ୍ରତିଷ୍ଠା ହେବାକୁ ଥିବା ଏହି ପଦକ୍ଷେପ ଦେଶର ଗ୍ରୀନ ମୋବିଲିଟିକୁ

**୨୦୨୭ ସୁଦ୍ଧା 'ଡ୍ରୋନ୍ ଟ୍ୟାକ୍ସି' ଉତ୍ପାଦନ ଲକ୍ଷ୍ୟ**

ଆଗକୁ ବଢ଼ାଇବା ସହ ଏ କ୍ଷେତ୍ରରେ ଏହା ଏକ ଗେମ୍ ଚେଞ୍ଜର ହୋଇପାରେ । ଏଥିରେ ପ୍ରଡକ୍ସନ ଲାଇନ, ଗବେଷଣା ଏବଂ ବିକାଶ କେନ୍ଦ୍ର, କମ୍ପୋଜିଟ୍ ଲ୍ୟାବ୍ ଏବଂ ୨ କିମିର ରନୱେ ରହିବ, ଯେଉଁଠାରେ ଡିଜିସିଏ ପ୍ରମାଣପତ୍ର ସହ ପରୀକ୍ଷଣ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଏଥିରେ ୧,୩୦୦ କୋଟି ଟଙ୍କା ନିବେଶ ହେବ । ଏହି ୟୁନିଟ୍‌ରେ 'ସରଳା'ର ଫ୍ଲାଗସିପ୍ ଶୂନ୍ୟ ହାଇବ୍ରିଡ୍ 'ଭିଟଲ୍' ବିମାନ ସହ ଇଲେକ୍ଟ୍ରିକାଲ ହାର୍ନେସ୍ ସିଷ୍ଟମ୍, ଲ୍ୟାଣ୍ଡିଂ ଗିୟର୍ ଏବଂ ଉନ୍ନତ ▶ପୃଷ୍ଠା-୭

## ଏସ୍‌ସିବିରେ ଲଜ୍ଜା

### ଆଇସିୟୁରେ ଯୁବତୀଙ୍କୁ ଅସଦାଚରଣ





■ କଟକ, ୧୮ ।୧୧ (ସମିସ): ବିଷ ପିଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣେ ଯୁବତୀଙ୍କୁ ଗତ ରବିବାର ବିଳମ୍ବିତ ରାତିରେ ଏସ୍‌ସିବି ମେଡିସିନ୍ ଆଇସିୟୁରେ ଜଣେ ୱାର୍ଡ ଆଟେଣ୍ଡାଣ୍ଟ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏଭଳି ଲଜ୍ଜାଜନକ ଘଟଣା ଘଟିବା ପରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଓ ମଙ୍ଗଳାବାଗ ପୁଲିସ ଏହାକୁ ଚାପିଦେବା ପାଇଁ ଉଦ୍ୟମ କରିଥିଲେ ହେଁ ଘଟଣା ପଦାକୁ ଆସିଛି । ମେଡିସିନ୍ ଆଇସିୟୁରେ କାର୍ଯ୍ୟରତ ୱାର୍ଡ ଆଟେଣ୍ଡାଣ୍ଟ ମାନସ ରଞ୍ଜନ ପତି ନିଶାସକ୍ତ ଅବସ୍ଥାରେ ଏଭଳି ଅମାନୁଷିକ କାଣ୍ଡ ଭିଆଇଛି । ଆଜି ମଙ୍ଗଳାବାଗ ଥାନା ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଛି । ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି ।

ପୁଲିସ ସୂଚନାନୁସାରେ, ମାନସ ମେଡିସିନ୍ ବିଭାଗ ଆଇସିୟୁରେ ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାମ କରେ । ଗତ ରବିବାର ସେ ମଦ ପିଇ ଡ୍ୟୁଟିକୁ ଆସିଥିଲା ।

**ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ଗିରଫ**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳର ୨୩ ବର୍ଷୀୟ ଜଣେ ଯୁବତୀ ବିଷ ପିଇ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ବିଳମ୍ବିତ ରାତିରେ କାର୍ଯ୍ୟରତ ଡାକ୍ତର ଆଇସିୟୁରୁ ଯିବା ପରେ ମାନସ ଆଇସିୟୁ ଭିତରେ ବୁଲାବୁଲି କରୁଥିଲା । ସମ୍ପୃକ୍ତ ଯୁବତୀଜଣଙ୍କ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ସାଲାଇନ୍ ସରିଯାଇଥିବାରୁ ସାଲାଇନ୍ ବୋତାଲ କାଢ଼ି ସେ ତଳେ ରଖିଥିଲା । ପରେ ମାନସ ତାଙ୍କ ପାଖକୁ ଯାଇ କ'ଣ ହେଉଛି ବୋଲି ପଚାରିଥିଲା । ଯୁବତୀଜଣଙ୍କ କୌଣସି ଉତ୍ତର ଦେବା ଅବସ୍ଥାରେ ନଥିଲେ । ଏହାର ସୁଯୋଗ ନେଇ ମାନସ ତାଙ୍କୁ ଅସଦାଚରଣ କରିଥିଲା । ଯେହେତୁ ଆଇସିୟୁରେ ଭିତରେ ସିସି କ୍ୟାମେରା ନାହିଁ, ତେଣୁ ଏଭଳି ଅପରାଧ କରିବାକୁ ଅଭିଯୁକ୍ତ ସାହସ ଜୁଟାଇଥିଲା । ଯୁବତୀଜଣଙ୍କ ପରେ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ ।

ପରିବାର ପକ୍ଷରୁ ପ୍ରଥମେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ସୂଚନା ଦିଆଯାଇଥିଲା । ଡାକ୍ତରଙ୍କ ସୁପାରିଶକ୍ରମେ ମଙ୍ଗଳାବାଗ ଥାନାରେ ଯୁବତୀଙ୍କ ସମ୍ପର୍କୀୟ ▶ପୃଷ୍ଠା-୭

### ଆମେରିକାରେ ଖାଦ୍ୟ ମୂଲ୍ୟ ବୃଦ୍ଧି ପରେ ଟ୍ରମ୍ପଙ୍କ ପଛଘୁଞ୍ଚା

## ୨୦୦ରୁ ଅଧିକ ଉତ୍ପାଦରୁ ହଟିଲା ଶୁଳ୍କ

■ ୱାଶିଂଟନ୍, ୧୮।୧୧ (ଏଜେନ୍ସି): ଆମେରିକାରେ ସମ୍ପ୍ରତି ଖାଦ୍ୟ ସାମଗ୍ରୀ ମୂଲ୍ୟ ମହଙ୍ଗା ହୋଇଯାଇଛି । ଭାରତ ଉପରେ ଉଚ୍ଚ ଟାରିଫ୍ ଲଗାଇବାର ଏହା ହେଉଛି ଫଳ । ଏହାର ପ୍ରଭାବରେ ଏବେ ଶୁଳ୍କ ପ୍ରସଙ୍ଗରେ ପଛକୁ ହଟିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ । ପଦକ୍ଷେପ ସ୍ୱରୂପ ଆମେରିକା ଭାରତରୁ ଆମଦାନୀ ହେଉଥିବା କଫି, ଚା, ମସଲା, ଟ୍ରପିକାଲ ଫ୍ରୁଟ୍ସ ଏବଂ ଫଳ ରସ ଭଳି ଭାରତୀୟ ଉତ୍ପାଦ ଉପରେ ୫୦% ପାରସ୍ପରିକ ଶୁଳ୍କ ଉଠାଇ ଦେଇଛି । ଏହା ଦେଶର ପ୍ରାୟ ୧ ବିଲିୟନ ଡଲାର (ପ୍ରାୟ ୯୦୦୦ କୋଟି) ଟଙ୍କା ମୂଲ୍ୟର କୃଷି ରପ୍ତାନିକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ ।

ଏହି ଛାଡ଼ ନଭେମ୍ବର ୧୨ରେ ହ୍ୱାଇ ହାଉସ୍ କାର୍ଯ୍ୟନିର୍ବାହୀ ଅର୍ଡରରେ ଜାରି କରାଯାଇଥିଲା ଏବଂ ନଭେମ୍ବର ୧୩ରେ କାର୍ଯ୍ୟକାରୀ ହୋଇଥିଲା । ରୁଷିଆ ତେଲ କ୍ରୟ କରିବା ପାଇଁ ଆମେରିକା ଭାରତ ଉପରେ ୫୦% ଶୁଳ୍କ ଲଗାଇଥିଲା । ୨୦୨୫ ଆର୍ଥିକବର୍ଷରେ ଆମେରିକାକୁ ଭାରତର କୃଷି ରପ୍ତାନି ୨.୫ ବିଲିୟନ ଡଲାର (୨୨,୦୦୦ କୋଟି ଟଙ୍କା) । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) କହିଛି ଯେ ଏହା ଭାରତୀୟ ରପ୍ତାନିକାରୀଙ୍କୁ ସମାନ ସୁଯୋଗ ପ୍ରଦାନ କରିବ । ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଏବେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଭାରତର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ ଭାରତୀୟ ବଜାରରେ ପ୍ରବେଶ ପାଇଁ ଆମେରିକାର ଦାବି, ୨୫% ପାରସ୍ପରିକ ଶୁଳ୍କ ଏବଂ ଅଶୋଧିତ ତୈଳ ଉପରେ ଅତିରିକ୍ତ ୨୫% ଶୁଳ୍କ ଭଳି ପ୍ରସଙ୍ଗରେ ଏକ ଚୁକ୍ତି ପ୍ରାୟ ହୋଇଛି । ସେ କହିଛନ୍ତି ଯେ ଆମେ ଏହାକୁ ଖୁବ୍ ଶୀଘ୍ର ଚୂଡ଼ାନ୍ତ କରିବୁ । ଚଳିତବର୍ଷ ଫେବୃଆରୀ ମାସରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଚାଲିଛି । ତେବେ ଟ୍ରମ୍ପ୍ ପ୍ରଶାସନ ସେହି ଉତ୍ପାଦଗୁଡ଼ିକ ଉପରେ ଶୁଳ୍କ ହଟାଇଛି ଯାହାର ଉତ୍ପାଦନ ଆମେରିକାରେ କମ୍ ଅଛି ।





**ଚା, କଫି, ମସଲା ଉପରୁ ହଟିଲା ୫୦% ଟାରିଫ୍**

## ଅମାନିଆ ବାବୁଙ୍କ ଉପରେ ମୁଖ୍ୟମନ୍ତ୍ରୀ ଖପ୍ପା

**ହୋଇପାରି ନାହିଁ ବରଗଡ଼ରେ କଂସ ଦରବାର, ଖଣ୍ଡପଡ଼ାରେ ପ୍ଲାନେଟୋରିୟମ**

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ବିଳମ୍ବିତ**

**ଯୋଜନା ଓ କାର୍ଯ୍ୟକ୍ରମର ନିୟମିତ ସମୀକ୍ଷା ନିମନ୍ତେ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୧୮।୧୧ (ସମିସ): ପ୍ରଶାସନିକ ସ୍ଥାଣୁତା ଯୋଗୁଁ ରାଜ୍ୟରେ ବିକାଶ କାମ ଏକପ୍ରକାର ଠପ୍ । କିଛି ଅମାନିଆ ବାବୁ ସରକାରୀ କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱୟନ କରିବାରେ ବିଳମ୍ବ କରୁଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ନିର୍ଦ୍ଦେଶ ବି କାର୍ଯ୍ୟକାରୀ ହୋଇ ପାରିନାହିଁ । ଯାହାକୁ ନେଇ ଆଜି ଖୋଲାଖୋଲି କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜିଲ୍ଲାଗସ୍ତ ବେଳେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଘୋଷଣାକୁ କାର୍ଯ୍ୟକାରୀ କରିବା ହେଉ ଅଥବା ବଜେଟରେ ଘୋଷିତ ନୂଆ



ଯୋଜନା କାର୍ଯ୍ୟକାରୀ କରିବା; ଦାୟିତ୍ୱରେ ଥିବା ବାବୁମାନେ ଅତ୍ୟନ୍ତ ହେୟଜ୍ଞାନ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି । ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ(ଏସପି) ସମ୍ମିଳନୀରେ ଏଥିନେଇ ତୀବ୍ର ଅସନ୍ତୋଷ ସହ କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ଧନୁଯାତ୍ରା ସମୟରେ ବରଗଡ଼ ଗସ୍ତ ସମୟରେ ଜୀରା ନଦୀରେ ଏକ ପୋଲ ଓ କଂସ ଦରବାର ନିର୍ମାଣ ପାଇଁ ହଜାର ହଜାର ଲୋକଙ୍କ ସାମ୍ନାରେ ଘୋଷଣା ହୋଇଥିଲା । ମାତ୍ର ତାହା ଆଜିଯାଏ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏଥିପାଇଁ କିଏ ଉତ୍ତରଦାୟୀ ରହିବେ? ବରଗଡ଼ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗ ଏ ସଂକ୍ରାନ୍ତରେ କ'ଣ ପଦକ୍ଷେପ ନେଇଛନ୍ତି? ଯଦି କିଛି ପଦକ୍ଷେପ ନିଆଯାଇ ନାହିଁ, ତେବେ ଏଥିପାଇଁ କିଏ ▶ପୃଷ୍ଠା-୭

### ମରେଡିମିଲ୍ଲି ଜଙ୍ଗଲରେ ପୁଲିସ-ମାଓବାଦୀ ଗୁଳିବିନିମୟ

## କୁଖ୍ୟାତ ମାଓନେତା ହିଡ଼ିମା ଦମ୍ପତି ମୃତ

■ ମାଲକାନଗିରି, ୧୮।୧୧ (ସମିସ): ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି । ଦେଶର ଆତଙ୍କ ସୃଷ୍ଟି କରିଥିବା ସବୁଠାରୁ ଦୁର୍ଦ୍ଦାନ୍ତ ମାଓବାଦୀ ମାଡ଼ଭି ହିଡ଼ମା ନିହତ ହୋଇଛି । ଛତିଶଗଡ଼-ଆନ୍ଧ୍ର ପ୍ରଦେଶ ସୀମାର ମରେଡିମିଲ୍ଲି ଜଙ୍ଗଲରେ ମଙ୍ଗଳବାର ସକାଳେ ହୋଇଥିବା ଏନ୍‌କାଉଣ୍ଟରରେ ସେ ପ୍ରାଣ ହରାଇଛି । ଖାଲି ହିଡ୍‌ମା ନୁହେଁ, ତା'ର ପତ୍ନୀ ରାଜେ ଓରଫ ରଜା ଏବଂ ୪ ଅନ୍ୟ ମାଓବାଦୀ ମଧ୍ୟ ସୁରକ୍ଷାବାହିନୀ ଗୁଳିରେ ନିହତ ହୋଇଛି ।



**ଉଭୟଙ୍କ ମୁଣ୍ଡ ପାଇଁ ଘୋଷଣା ହୋଇଥିଲା ୧ କୋଟିର ପୁରସ୍କାର**

**୪ ରାଜ୍ୟରେ ଆତଙ୍କ ଖେଳାଇଥିଲେ ହିଡ଼ିମା ଓ ସହଯୋଗୀ**

ବସ୍ତର ରେଞ୍ଜର ଆଇଜି ସୁନ୍ଦରରାଜ ପି ଏହି ସୂଚନା ଦେଇଛନ୍ତି । ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମରେ ଥିବା ଏହି ଅଞ୍ଚଳରୁ ୬ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଅଞ୍ଚଳରେ ଏବେ ବି ତଲାସୀ ଅଭିଯାନ ଜାରି ରହିଛି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମାଓବାଦୀ ହିଡ଼ମାକୁ ▶ପୃଷ୍ଠା-୭

## ଜଳପ୍ରପାତରେ ଭାସିଗଲେ ୨ ଛାତ୍ର



■ ଖଇରପୁଟ, ୧୮ ।୧୧ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଗୁମ୍ମାଝରଣ ଜଳପ୍ରପାତରେ ଆଜି ଏକ ଅଘଟଣ ଘଟିଛି । ଏଠାକୁ ବୁଲି ଆସିଥିବା ଦୁଇଜଣ ପର୍ଯ୍ୟଟକ ଗାଧୋଇବା ବେଳେ ଜଳପ୍ରପାତରେ ଭାସି ନିଖୋଜ ହୋଇଯାଇଛନ୍ତି । ସେମାନେ ହେଲେ, ଜେ. ଶ୍ରୀକାନ୍ତ ଓ ଲିଙ୍ଗରାଜ ମହାପାତ୍ର । ସେମାନଙ୍କ ଘର ଜୟପୁରରେ ବୋଲି ସୂଚନା ମିଳିଛି । ଦୁହେଁ ଜୟପୁର ବିକ୍ରମଦେବ ▶ପୃଷ୍ଠା-୭

## ଶୀତରେ ଥରୁଛି ଓଡ଼ିଶା



■ ଭୁବନେଶ୍ୱର, ୧୮ ।୧୧ (ସମିସ): ସାରା ରାଜ୍ୟରେ ହାଡ଼ଭଙ୍ଗା ଶୀତ ଜାରି ରହିଛି । ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ; ସବୁଠି ଜାଡ଼ରେ କଲବଲ ଲୋକେ । ଗତ ୨ ସପ୍ତାହ ହେବ କ୍ରମାଗତ ଭାବେ ରାଜ୍ୟରେ ତାପମାତ୍ରା ହ୍ରାସ ଯୋଗୁଁ ଏଭଳି ଥଣ୍ଡା ଜାରି ରହିଛି । ଫଳସ୍ୱରୂପ, ବିଭିନ୍ନ ସ୍ଥାନରେ ଶୀତ ନଭେମ୍ବର ମାସର ରେକର୍ଡ ଭାଙ୍ଗି ଚାଲିଛି । ଅନ୍ୟପଟେ କିଛି ଦିନର କାଠୁଆ ଶୀତ ପରେ ଆସନ୍ତା ୭ ଦିନରେ ଶୀତର ପରିମାଣ କିଛି ମାତ୍ରାରେ ହ୍ରାସ ଘଟିପାରେ । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ▶ପୃଷ୍ଠା-୭




# ନାଇଜେରିଆ ବୋର୍ଡିଂ ସ୍କୁଲରୁ ୨୫ ଛାତ୍ରୀଙ୍କୁ ଅପହରଣ


ଅବୁଜା, ୧୮ ।୧୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆରେ ଏକ ଅଭାବନୀୟ ଘଟଣା ଘଟିଛି । ଦେଶର କେବ୍ବି ରାଜ୍ୟରେ ସୋମବାର ସକାଳେ କିଛି ଅଜଣା ବନ୍ଧୁକଧାରୀ ଅସାମାଜିକ ଲୋକେ ଏକ ବୋର୍ଡିଂ ସ୍କୁଲ୍ ଉପରେ ଆକ୍ରମଣ କରିଛନ୍ତି । ଏକାଧିକ ଅସ୍ତ୍ର ଧରି ଆକ୍ରମଣକାରୀମାନେ ଆସିଥିଲେ । ସେମାନେ ସ୍କୁଲର ଭାଇସ୍ ପ୍ରିନ୍ସପାଲ୍ ଓ ଜଣେ ଗାର୍ଡଙ୍କୁ ହତ୍ୟା କରି ବାଳିକା ଛାତ୍ରାବାସକୁ ଯାଇ ୨୫ଜଣ ଛାତ୍ରୀଙ୍କୁ ଅପହରଣ କରିନେଇଛନ୍ତି । ଏହି ଘଟଣାରେ ଜଣେ ବ୍ୟକ୍ତି ଆହତ ମଧ୍ୟ ହୋଇଛନ୍ତି । ଏପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି । ଟଙ୍କା ପାଇଁ ଏହି ଅପହରଣ କରାଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଅସାମାଜିକ ବ୍ୟକ୍ତିମାନେ ହିଁ ଏହି କାଣ୍ଡ ଘଟାଇଛନ୍ତି ବୋଲି ଅନୁମାନ କରାଯାଉଛି । ସେନା ଓ ପୁଲିସ ମିଳିତ ଭାବେ ଜଙ୍ଗଲରେ ଅପରେସନ ଆରମ୍ଭ କରିଛନ୍ତି । ଉଲ୍ଲେଖଥାଉ କି, ଉତ୍ତର ନାଇଜେରିଆରେ ଗତ ୧୦ ବର୍ଷ ମଧ୍ୟରେ ସ୍କୁଲଗୁଡିକରୁ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ଅପହରଣ କରାଯାଇଛି । ନାଇଜେରିଆରେ ଏଭଳି ଘଟଣା ଆଦୌ ନୂଆ ନୁହେଁ । ୨୦୧୪ରେ ଚିବୋକ ଅପହରଣ ପରେ ଏହି ଭୟ ସବୁବେଳେ ରହିଆସିଛି । କିନ୍ତୁ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ବୃଦ୍ଧି କରିବା କାରଣରୁ ଅପହରଣ ଘଟଣାରେ ଯଥେଷ୍ଟ ହ୍ରାସ ଦେଖାଯାଇଛି ।

### ଭାଇସ୍ ପ୍ରିନ୍ସପାଲ, ଗାର୍ଡଙ୍କୁ ହତ୍ୟା



# ଦିଲ୍ଲୀର ୩ କୋର୍ଟ, ୨ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ମଙ୍ଗଳବାର ପୁଣି ବୋମା ଧମକ ମିଳିଛି । ଦିଲ୍ଲୀର ୩ଟି ଜିଲ୍ଲା କୋର୍ଟ ଓ ଦୁଇଟି ସ୍କୁଲକୁ ବୋମା ବିସ୍ଫୋରଣ କରି ଉଡ଼ାଇ ଦେବାକୁ ମେଲ୍‌ରେ ଏହି ଧମକ ଦିଆଯାଇଛି । ଧମକ ମିଳିବା ପରେ ପୁଲିସ ସାକେତ କୋର୍ଟ, ପଟିଆଲା କୋର୍ଟ ଓ ଦ୍ୱାରକା କୋର୍ଟକୁ ଖାଲି କରିବା ପରେ ଯାଞ୍ଚ ଆରମ୍ଭ କରିଥିଲା । ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ନାମର ଇମେଲ ଆଇଡିରୁ ଏହି ଧମକ ମିଳିଥିଲା । ଫଳରେ ୩ କୋର୍ଟ କ୍ୟାମ୍ପସରେ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଯାଞ୍ଚ କରିଥିଲେ । ସୂଚନା ଅନୁଯାୟୀ, ଏନ୍‌ଆଇଏ ଆଜି ପଟିଆଲ ହାଉସ କୋର୍ଟରେ ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ ଅନ୍ୟତମ ଅଭିଯୁକ୍ତ ଜସିର ବିଲାଲ ବାନୀକୁ ହାଜର କରାଯିବାର କାର୍ଯ୍ୟକ୍ରମ ଥିଲା । ଏହାର ଠିକ୍ ପୂର୍ବରୁ ସକାଳ ୧୧ଟାରେ ଏହି ମେଲ୍ ପଠାଯାଇଥିଲା । ଏହାପୂର୍ବରୁ ସିଆରପିଏଫ୍‌ର ଦୁଇଟି ସ୍କୁଲ୍‌କୁ ମଧ୍ୟ ବୋମା ଧମକ ମିଳିଥିଲା । ଜଣେ ଅଜଣା ବ୍ୟକ୍ତି ପୁଲିସ୍‌କୁ ଫୋନ୍ କରି ସ୍କୁଲ ପରିସରରେ ବିସ୍ଫୋରକ ରଖାଯାଇଛି ବୋଲି ଦାବି କରିଥିଲା । ସକାଳ ୯ଟାରେ ପ୍ରଶାନ୍ତ ବିହାର ଓ ଦ୍ୱାରକା ସ୍କୁଲ୍‌ରୁ କଲ୍ ମିଳିବା ପରେ ପୁଲିସ ଦୁଇଟି ସ୍କୁଲ୍‌କୁ ଖାଲି କରି ଯାଞ୍ଚ କରିଥିଲା । କିନ୍ତୁ ଯାଞ୍ଚ ପରେ କିଛି ମିଳି ନ ଥିଲା । ଏହାକୁ ଏକ ମିଛ ଧମକ ବୋଲି ପୁଲିସ ତରଫରୁ କୁହାଯାଇଛି ।



# ସାମ୍ନାକୁ ଆସିଲା ଆତ୍ମଘାତୀ ଉମରର ନୂଆ ଭିଡିଓ

## ‘ଆତ୍ମଘାତୀ ଆକ୍ରମଣ ଦ୍ୱାରା ସହିଦ ହେବାର ମିସନ ଥିଲା’

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣର ଆତ୍ମଘାତୀ ବୋମା ଉମର ନବୀର ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି । ବିସ୍ଫୋରଣ ପୂର୍ବରୁ ସେ ଏହି ଭିଡିଓ ସୁଟ୍ କରିଥିଲା ବୋଲି ଜଣାପଡ଼ିଛି । ଏଥିରେ ସେ ଆତ୍ମଘାତୀ ଆକ୍ରମଣକୁ ନେଇ ନିଜର ମତ ରଖିଛି । ସେ ପୂର୍ବରୁ ହିଁ ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରିଥିଲା ବୋଲି ଏଥିରୁ ସ୍ପଷ୍ଟ ହୋଇଥିଲା । ଏହା ଏକ ଆତ୍ମଘାତୀ ଆକ୍ରମଣ ନୁହେଁ, ଏହା ସହିଦ ହେବାର ଏକ ମିସନ ବୋଲି ସେ କହିଛି । ଏଥିରୁ ସ୍ପଷ୍ଟ ହେଉଛି ଯେ ଉମର ହିଁ ଲାଲ୍‌କିଲ୍ଲା ନିକଟରେ ଆଇ-୨୦ କାରରେ ବିସ୍ଫୋରଣ କରିବା ସହ ନିଜକୁ ଉଡାଇ ଦେଇଥିଲା । ଏଥିରେ ୧୫ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ରୁ ଅଧିକ ଲୋକ ଆହତ ହୋଇଥିଲେ । ଏହି ମାମଲାରେ ଏଯାବତ୍ ୮ ଜଣଙ୍କୁ ଗିରଫ କରାଯାଇଛି ଓ ଏମାନଙ୍କ ମଧ୍ୟରେ ୬ ଜଣ ଡାକ୍ତର ସାମିଲ ରହିଛନ୍ତି ।

ଏହି ମାମଲାରେ ଏବେ ଆଉ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି । ଦିଲ୍ଲୀ ବିସ୍ଫୋରଣରେ ଉମରର ଅନ୍ୟତମ ସହଯୋଗୀ ଜସିର ବିଲାଲ ଓରଫ୍ ଦାନିଶକୁ ଗତକାଲି ଶ୍ରୀନଗରରୁ ଗିରଫ କରାଯାଇଥିଲା । ସେ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରଥମ ପସନ୍ଦ ଥିଲା । କିନ୍ତୁ ସେ ଏହା କରିବାକୁ ମନା କରିଥିଲା । ଅନନ୍ତନାଗ ଜିଲ୍ଲାର କାଜିଗୁଣ୍ଡରେ ରହୁଥିବା ଜସିରକୁ ଏହି କାର୍ଯ୍ୟପାଇଁ ଉମର ପ୍ରବର୍ତ୍ତାଇଥିଲା । ରାଜନୀତି ବିଜ୍ଞାନର ଛାତ୍ର ଥିବା ଜସିରକୁ ୨୦୨୩ରୁ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରବର୍ତ୍ତାଯାଉଥିଲା । କିନ୍ତୁ ସେ ଆତ୍ମଘାତୀ ଆକ୍ରମଣ କରିବାକୁ ମନା କରିଥିଲା । ଏହା ଇସ୍ଲାମ ଧର୍ମରେ ପାପ ବୋଲି ସେ କହିଥିଲା । ୨୦୨୩ ଅକ୍ଟୋବରରେ କୁଲଗାଁରେ ଜସିରକୁ ଏକ ମସଜିଦ୍‌ରେ ଏହି ଟେରର ମଡ୍ୟୁଲ ସହ ପରିଚିତ କରାଯାଇଥିଲା । ଏହାପରେ ଫରିଦାବାଦ୍‌ର ଅଲ୍‌ଫଲାହ ବିଶ୍ୱବିଦ୍ୟାଳୟ କିଚେନ୍ସ ଏକ ଭଡ଼ା ଘରେ ତାକୁ ରଖାଯାଇଥିଲା । କିନ୍ତୁ ୨୦୨୫ ଏପ୍ରିଲରେ ସେ ଏହି ମିସନରୁ ଓହରିଯାଇଥିଲା । ଖରାପ ଆର୍ଥିକ ସ୍ଥିତି ଓ ଇସ୍ଲାମରେ ଆତ୍ମହତ୍ୟା ପାପର ଦୁହାଇ ଦେଇ ସେ ଓହରିଯାଇଥିଲା । ଏହାପରେ ଉମର ନିଜେ ଆତ୍ମଘାତୀ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇଥିଲା ।

ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ଯାଞ୍ଚ ଏଜେନ୍ସିଗୁଡିକ ଫରିଦାବାଦ୍‌ସ୍ଥିତ ଅଲଫଲାହ ବିଶ୍ୱବିଦ୍ୟାଳୟରେ ଚଢ଼ାଉ ଜାରି ରଖିଛି । ଆଜକାଲିର ମଡ୍ୟୁଲ ସହିତ ଜଡିତ ଡାକ୍ତର ନିସାର ଉଲ ହାସନର ଡାକ୍ତର ପତ୍ନୀ ଓ ଏମ୍‌ବିବିଏସ୍ କରୁଥିବା ଝିଅ ବିଶ୍ୱବିଦ୍ୟାଳୟ ପରିସରରେ ଗୃହବନ୍ଦୀ କରିଛି । ଏହାକୁ ବାଦ୍ ଦେଲେ ଏମ୍‌ବିବିଏସ୍‌ର ୧୦ ଜଣ ଛାତ୍ରଙ୍କ ମୋବାଇଲ ଫୋନ୍ ଜବତ କରାଯାଇଛି ଓ ଏମାନଙ୍କୁ ବିଶ୍ୱବିଦ୍ୟାଳୟ ପରିସର ବାହାର ଯିବା ନେଇ ବାରଣ କରାଯାଇଛି । ଡାକ୍ତରଙ୍କ ପରିବାର ଘର ଡିଟେଲ ରେକର୍ଡ ଓ ଅନ୍ୟ ତଥ୍ୟଗୁଡିକର ଯାଞ୍ଚ କରାଯାଉଛି । ଡାକ୍ତର ନିସାର ବିଶ୍ୱବିଦ୍ୟାଳୟ ମେଡିସିନ ବିଭାଗର ପ୍ରଫେସର ଅଛନ୍ତି । ନିସାର ଦିଲ୍ଲୀ ବିସ୍ଫୋରଣ ସହିତ ଜଡିତ ଡା ଉମର, ଡା ମୁଜମ୍ମିଲ ଶକିଲ ଓ ଡା ଶାହିନ ସଇଦ ସମ୍ପର୍କରେ ଥିଲେ । ବିସ୍ଫୋରଣ ପରେ ନାସିର ଫେରାର ହୋଇଯାଇଥିଲେ । ପରେ ପଶ୍ଚିମବଙ୍ଗରେ ତାଙ୍କୁ ଯାଞ୍ଚ ଏଜେନ୍ସି ଗିରଫ କରିଥିଲା । ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ନେଟ୍‌ୱର୍କ ଅଂଶ ଥିଲା ନାସିର ବୋଲି ଜଣାପଡ଼ିଛି ।



- ଆତ୍ମଘାତୀ ଆକ୍ରମଣରୁ ଓହରି ଯାଇଥିଲା ଜସିର
- ଅଲ୍ ଫଲାହ ବିଶ୍ୱବିଦ୍ୟାଳୟରେ ଡାକ୍ତର ପରିବାର ଗୃହବନ୍ଦୀ
- ୧୦ ଏମ୍‌ବିବିଏସ୍ ଛାତ୍ରଙ୍କ ମୋବାଇଲ ଜବତ

# ଇରାନରେ ବିନା ଭିସାରେ ଭାରତୀୟଙ୍କ ପ୍ରବେଶ ନିଷିଦ୍ଧ

ତେହେରାନ, ୧୮ ।୧୧(ଏଜେନ୍ସି): ଭାରତ ନାଗରିକଙ୍କ ପ୍ରବେଶ ନେଇ ଇରାନ ଏକ ବଡ଼ ନିଷ୍ପତ୍ତି ନେଇଛି । ଭାରତୀୟଙ୍କ ଭିସା ଫ୍ରି ଏଣ୍ଟ୍ରି ଉପରେ ଇରାନ ନିଷେଧାଦେଶ ଜାରି କରିଛି । ନଭେମ୍ବର ୨୨ରୁ ଏହି ନିଷ୍ପତ୍ତି ଲାଗୁ ହେବ । ବିଭିନ୍ନ କାରଣରୁ ଇରାନ ଏହି ନିଷ୍ପତ୍ତି ନେଇଛି । ଗତ କିଛି ମାସ ହେବ କେତେକ ଭାରତୀୟଙ୍କୁ ନକଲି ଚାକିରି, ପରିବହନ ଯାତ୍ରା ଓ ମାନବ ଚାଲାଣ ବାହାନାରେ ଇରାନକୁ ଆଣିବା ଓ ତା'ପରେ ଅପହରଣ କରାଯିବାରୁ ଇରାନ ସରକାର ଏହି ପଦକ୍ଷେପ ନେଇଛନ୍ତି । ୨୦୨୪ ଫେବୃଆରୀରେ ଇରାନ ଭାରତୀୟଙ୍କ ପାଇଁ ବିନା ଭିସାରେ ପ୍ରବେଶ ସୁବିଧା ଉପଲବ୍ଧ କରାଇଥିଲା । ଏହି ସୁବିଧା କେବଳ ପର୍ଯ୍ୟଟନ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଥିଲା ଓ ପ୍ରତି ୬ ମାସରେ ୧୫ ଦିନ ପର୍ଯ୍ୟନ୍ତ ରହିବାର ସୁଯୋଗ ଦିଆଯାଉଥିଲା । କିନ୍ତୁ ଗତ କିଛି ଦିନ ମଧ୍ୟରେ ଏକାଧିକ ମାମଲାରେ ଏଜେଣ୍ଟମାନେ ଭାରତୀୟଙ୍କୁ ଚାକିରି ଓ ୟୁରୋପ ପହଞ୍ଚାଇବେ ନାମରେ ଇରାନ ଡକାଇଥିଲେ । ଫଳରେ ଭାରତସ୍ଥିତ ଇରାନ ଦୂତାବାସ ମନ୍ତବ୍ୟ ଦେଇଛି ଯେ, ଏବେ ଇରାନ ଯିବାକୁ ହେଲେ ଭାରତୀୟଙ୍କୁ ଭିସା ନେବାକୁ ହେବ । ଭାରତ ସରକାର ମଧ୍ୟ ଏ ନେଇ ମାର୍ଗଦର୍ଶିକା ଜାରି କରିଛି । ଏବେ ଇରାନ ଯାଉଥିବା ଭାରତୀୟଙ୍କୁ ସତର୍କ ରହିବାକୁ ହେବ ବୋଲି କୁହାଯାଇଛି । ଭିସା ଫ୍ରି ଏଣ୍ଟ୍ରି ନେଇ କୌଣସି ଏଜେଣ୍ଟଙ୍କ କଥାକୁ ଭରସା ନ କରିବାକୁ କୁହାଯାଇଛି ।

# ହସିନାଙ୍କ ସମର୍ଥନରେ ବାଂଲାଦେଶ ବନ୍ଦ

ଢାକା, ୧୮ ।୧୧(ଏଜେନ୍ସି): ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବ୍ୟୁନାଲ (ଆଇସିଟି) ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ପରେ ସୋମବାର ସାରା ଦେଶରେ ବନ୍ଦ ଡାକରା ଦିଆଯାଇଛି । ହସିନାଙ୍କ ପାର୍ଟି ଆୱାମୀ ଲିଗ୍ ଏହି ବନ୍ଦ ଡାକରା ଦେଇଛି । ଆଇସିଟିର ରାୟକୁ ଆୱାମୀ ଲିଗ୍ ପ୍ରତ୍ୟାଖାନ କରିଛି । ଏଥିସହ ପାର୍ଟି କମଳା ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ଇସ୍ତଫା ଦାବି କରିଛି । ଆଇସିଟିର ଏହି ନିଷ୍ପତ୍ତି ତଥା ରାୟ ଏକପାଖିଆ ଓ ପକ୍ଷପାତପୂର୍ଣ୍ଣ ବୋଲି ଆୱାମୀ ଲିଗ୍‌ର ନେତା ଜାହାଙ୍ଗୀର କବୀର ନାନକ ପାର୍ଟି ଫେସବୁକ୍ ପେଜ୍‌ରେ ଏକ ଭିଡିଓ ଜାରି କରି କହିଛନ୍ତି । କୋର୍ଟଙ୍କ କାର୍ଯ୍ୟ ଓ ପ୍ରକ୍ରିୟା ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ମକଦମା ଅଗଷ୍ଟ ୧୪ରେ ଆରମ୍ଭ ହୋଇଥିଲା ଓ ନଭେମ୍ବର ୧୭ରେ ଅନ୍ତିମ ରାୟ ଦିଆଯାଇଥିଲା । ଏହା କିପରି ସମ୍ଭବ ବୋଲି ସେ କହିଛନ୍ତି । ମାତ୍ର ତ୍ରୁଟିମାସ ମଧ୍ୟରେ କୋର୍ଟରେ ୨୦ ଦିନ ଶୁଣାଣି ହୋଇଥିଲା । ୮୪ଜଣ ସାକ୍ଷୀଙ୍କ ମଧ୍ୟରୁ କେବଳ ୫୪ଜଣଙ୍କୁ ଶୁଣାଣିରେ ସାମିଲ କରାଯାଇଥିଲା । ମୁଖ୍ୟ ବିଚାରପତି ମାସେ ହେଲା ଅନୁପସ୍ଥିତ ଥିଲେ । ତେଣୁ କିପରି ଏହି ରାୟ ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି । ହସିନାଙ୍କ ବିରୋଧରେ ଦିଆଯାଇଥିବା ଏହି ରାୟକୁ ବାଂଲାଦେଶ ଲୋକ ସ୍ୱୀକାର କରୁନାହାନ୍ତି ବୋଲି ସେ କହିଛନ୍ତି ।



# ସାଉଦିକୁ ଏଫ୍-୩୫ ବିକିବ ଆମେରିକା

ୱାଶିଂଟନ, ୧୮ ।୧୧(ଏଜେନ୍ସି): ସାଉଦି ଆରବକୁ ଆମେରିକା ଏଫ୍-୩୫ ବିମାନ ବିକ୍ରି କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଏହି ବିମାନ ବିଶ୍ୱର ଅନ୍ୟତମ ଅତ୍ୟାଧୁନିକ ସାମରିକ ବିମାନ ବିବେଚିତ ହେଉଛି । ଟ୍ରମ୍ପ ସାଉଦି ଆରବକୁ ଏକ ମହାନ ଭାଗିଦାରି ବୋଲି କହିଛନ୍ତି । ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ (ଏମ୍‌ବିଏସ୍) ମଙ୍ଗଳବାର ହ୍ୱାଇଟ୍ ହାଉସ୍ ଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆମେରିକା ବିମାନ ଦେବାକୁ ନିଷ୍ପତ୍ତି ନେଇଛି । ଗତ କେତେବର୍ଷ ହେବ ସାଉଦି ଏଫ୍-୩୫ ବିମାନ କ୍ରୟ କରିବାକୁ ଚାହିଁ ଆସୁଛି । ମଧ୍ୟପ୍ରାଚ୍ୟରେ କେବଳ ଇସ୍ରାଏଲ ପାଖରେ ଏହି ବିମାନ ରହିଛି । ଆମେରିକୀୟ ସାଂସଦ ଚାହିଁଲେ ଏହି ବିମାନ କିଣିବା ପ୍ରକ୍ରିୟାକୁ ରୋକିପାରିବେ । କିନ୍ତୁ ସାଧାରଣତଃ ଏହା ହୋଇନଥାଏ । ଏଫ୍-୩୫ ୫ମ ପିଢ଼ିର ଫାଇଟର ଜେଟ୍ । ଏହାକୁ ଲକ୍‌ହିଡ୍ ମାର୍ଟିନ କମ୍ପାନୀ ତିଆରି କରିଛି । ୨୦୦୬ରୁ ଏହି ବିମାନ ତିଆରି କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ୨୦୧୫ରେ ଏହାକୁ ଆମେରିକା ବାୟୁସେନାରେ ସାମିଲ କରାଯାଇଥିଲା । ପେଣ୍ଟାଗନ ଇତିହାସରେ ଏହା ସବୁଠାର ଦାମୀ ବିମାନ । ଏଫ୍-୩୫ର ୩ଟି ଭାରିଆଣ୍ଟ ରହିଛି ଓ ଏଗୁଡିକର ମୂଲ୍ୟ ୭୦୦ରୁ ଆରମ୍ଭ କରି ୯୪୪ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି । ପୁଣି ଏଫ୍-୩୫କୁ ଅପରେଟ୍ କରିବା ପାଇଁ ପ୍ରତିଘଣ୍ଟା ୩୧.୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ ।



# ବାଚସ୍ପତି ପଦ ପାଇଁ ଟଣାଓଟରା

ପାଟନା/ନୂଆଦିଲ୍ଲୀ, ୧୮ ।୧୧: ବିହାର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାରେ ୫ ଦିନ ବିତିଗଲାଣି, କିନ୍ତୁ ମନ୍ତ୍ରିମଣ୍ଡଳ ତାଲିକା ପ୍ରସ୍ତୁତ ହୋଇପାରୁ ନାହିଁ । ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ନୀତୀଶ କୁମାର ହିଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ, କିନ୍ତୁ ବର୍ତ୍ତମାନ ସୁଦ୍ଧା ତାଙ୍କ ନାମର ଘୋଷଣା କରାଯାଇ ନାହିଁ । କୁହାଯାଉଛି ଯେ ବାଚସ୍ପତି ପଦ ଓ ଗୃହ ମନ୍ତ୍ରଣାଳୟକୁ ନେଇ ବିଜେପି ଏବଂ ନୀତୀଶଙ୍କ ଜେଡିୟୁ ମଧ୍ୟରେ ଟଣାଓଟରା ଚାଲିଥିବାରୁ ନେତା ନିର୍ବାଚନ ପାଇଁ ଏନଡିଏ ବୈଠକ ମଧ୍ୟ ବସିପାରୁ ନାହିଁ । ଉଭୟ ବାଚସ୍ପତି ପଦ ସହିତ ଗୃହ ବିଭାଗ ଜେଡିୟୁ ହାତରେ ରଖିବା ଲାଗି ନୀତୀଶ ଜିଦ୍ ଧରିଛନ୍ତି । କିନ୍ତୁ ବିଜେପି ଏଥିରେ ରାଜି ହେଉନାହିଁ । ବିଜେପି ନେତା ଯୁକ୍ତି କରୁଛନ୍ତି ଯେ ବିଜେପି ଅଧିକ ଆସନ ପାଇଥିଲେ ମଧ୍ୟ କମ୍ ଆସନ ପାଇଥିବା ଜେଡିୟୁକୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ଦିଆଯିବ । ଏହା ବଦଳରେ ବିଜେପିକୁ ବାଚସ୍ପତି ପଦ ସହିତ ଗୃହ ବିଭାଗ ମିଳିବା ଉଚିତ ।

ବିଗତ ବିଧାନସଭାରେ ବିଜେପିର ନନ୍ଦ କିଶୋର ଯାଦବ ବାଚସ୍ପତି ଥିଲେ । କିନ୍ତୁ ଗୃହ ବିଭାଗ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜ ହାତରେ ରଖିଥିଲେ । କୌଣସି ବି ପରିସ୍ଥିତିରେ ଗୃହ ବିଭାଗ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି ନୀତୀଶ । ଏହାସହିତ ପରିବର୍ତ୍ତିତ ପରିସ୍ଥିତିରେ ଆତଙ୍କିତ ହୋଇପଡ଼ିଥିବା ନୀତୀଶ କୁମାର ବାଚସ୍ପତି ପଦ ତାଙ୍କର ଜେଡିୟୁକୁ ମିଳୁ ବୋଲି ଜିଦ୍ ଧରିଛନ୍ତି । ବାଚସ୍ପତି ଚୌଡ଼ରେ ବିଜେପିର ପ୍ରେମ କୁମାର ଥିବା ବେଳେ ଜେଡିୟୁର ବିଜୟ ଚୌଧୁରୀଙ୍କୁ ବାଚସ୍ପତି କରିବାକୁ ଚାହୁଁଛନ୍ତି ନୀତୀଶ ।

ଅଚଳାବସ୍ଥା ଦୂର କରିବା ଲାଗି ନୂଆଦିଲ୍ଲୀରେ ବିଜେପି ଏବଂ ଜେଡିୟୁର ବରିଷ୍ଠ ନେତାମାନଙ୍କ ମଧ୍ୟରେ ଘନ ଘନ ବୈଠକ ଚାଲିଛି । ବର୍ତ୍ତମାନ ସୁଦ୍ଧା କୌଣସି ସହମତି ହୋଇପାରି ନାହିଁ । ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବିଜେପି ନେତା ଅମିତ ଶାହଙ୍କ ଡକରା ପାଇ ଗତକାଲି ରାତିରେ ଜେଡିୟୁର ଦୁଇ ବରିଷ୍ଠ ନେତା ସଂଜୟ ଝା ଏବଂ ଲଲନ ସିଂହ ଦିଲ୍ଲୀ ଯାଇଥିଲେ । ଅମିତ ଶାହଙ୍କ ସହିତ ଦୀର୍ଘ ତିନି ଘଣ୍ଟା ଧରି ଏହି ଦୁଇ ନେତାଙ୍କର ରୁଦ୍ଧଦ୍ୱାର ବୈଠକ ହୋଇଛି । ବୈଠକରେ ବଜେପି ସଭାପତି ଜେପି ନଡ୍ଡା ମଧ୍ୟ ଉପସ୍ଥିତ ଥିଲେ । ବାଚସ୍ପତି ଓ ଗୃହ ବିଭାଗକୁ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଉଛି ।

ଅମିତ ଶାହ ଆସନ୍ତାକାଲି ପାଟନା ଆସୁଛନ୍ତି । ଏହାପୂର୍ବରୁ ବାଚସ୍ପତି ଓ ଗୃହ ବିଭାଗ ନେଇ ବୁଝାମଣା ହୋଇଯିବ ବୋଲି କୁହାଯାଉଛି । ଆସନ୍ତାକାଲି ଏନଡିଏର ନବନିର୍ବାଚିତ ବିଧାୟକ ଦଳ ବୈଠକରେ ନୀତୀଶଙ୍କୁ ନେତା ନିର୍ବାଚିତ କରାଯିବାର ସମ୍ଭାବନା ରହିଛି । ଏହାପରେ ନୀତୀଶ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ଦେବା ସହିତ ନୂଆ ସରକାର ଗଠନ ପାଇଁ ଦାବି ଜଣାଇବେ ।

### ଗୃହ ବିଭାଗ ଛାଡ଼ିବାକୁ ନୀତୀଶ ନାରାଜ

# ଅଲ-ଫଲାହ ପ୍ରତିଷ୍ଠାତାକୁ ଗିରଫ କଲା ଇଡି

ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣକୁ ନେଇ ଚର୍ଚ୍ଚାରେ ଥିବା ଅଲ୍-ଫଲାହ ୟୁନିଭର୍ସିଟି ପ୍ରତିଷ୍ଠାତା ଜୱାଦ ଅହମ୍ମଦ ସିଦ୍ଦିକିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଗିରଫ କରିଛି । ମନି ଲଣ୍ଡରିଂ ନିରୋଧ ଆଇନ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି ୟୁନିଭର୍ସିଟିର ତିନି ଏମ୍‌ବିବିଏସ ପ୍ରାଧ୍ୟାପକ ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ରରେ ସାମିଲ ଥିଲେ । ଜଣେ ଆତ୍ମଘାତୀ ସାଜି ନିଜକୁ ଉଡ଼ାଇ ଦେଇ ବିସ୍ଫୋରଣ କରିଥିଲା । ଅଲ-ଫଲାହର ଅନେକ ଡାକ୍ତରୀ ଛାତ୍ର ଏବେ ଯାଞ୍ଚ ଏଜେନ୍ସିର ରାଡାରରେ ଅଛନ୍ତି । ସୂଚନା ଅନୁଯାୟୀ ୟୁଜିସିଆର ରେକର୍ଡ ଜାଲିଆତି କରିଥିବା ନେଇ ଅଲ-ଫଲାହ ବିରୋଧରେ ଅଭିଯୋଗ ଲାଗିଥିଲା । ଦିଲ୍ଲୀ ପୁଲିସ ଏ ନେଇ ଦୁଇଟି ଏତଲା ରୁଜୁ କରିଥିଲା । ଏହି ମାମଲାରେ ଇଡି ତୁହାକୁ ତୁହା ଚଢ଼ଉ ଜାରି ରଖିଥିଲା । ଯାଞ୍ଚ ଏବଂ ପ୍ରମାଣର ବିଶ୍ଳେଷଣ ଆଧାରରେ ସିଦ୍ଦିକିଙ୍କୁ ଗିରଫ କରାଯାଇଛି । ଏହା ପୂର୍ବରୁ ବାର୍ଯ ଘଣ୍ଟା ପର୍ଯ୍ୟନ୍ତ ଅଲ-ଫଲାହ ୟୁନିଭର୍ସିଟି ସହିତ ଏହାର ଓଖଲା ଅଫିସ ଏବଂ ପ୍ରମୋଟରଙ୍କ ଠିକଣାରେ ଚଢ଼ଉ କରାଯାଇଥିଲା । ଏହି ୟୁନିଭର୍ସିଟି ୟୁଜିସି ଏବଂ ନାକ୍ ନିୟମ ଉଲ୍ଲଂଘନ କରିଥିବା ଜଣାପଡ଼ିଥିଲା । ଦିଲ୍ଲୀ କାର୍ ବିସ୍ଫୋରଣକୁ ନେଇ ଯାଞ୍ଚ ଏଜେନ୍ସି ୨୫ଟି ସ୍ଥାନରେ ଚଢ଼ଉ କରିଥିଲା । ଏହି ଗ୍ରୁପ ସହ ୯ଟି ସେଲ୍ କମ୍ପାନୀ ସାମିଲ ଥିଲା । ସବୁ କମ୍ପାନୀର ଠିକଣା ସମାନ ଥିଲା । ଏବେ ସବୁ କମ୍ପାନୀ ତଦନ୍ତର ପରିସର ଭୁକ୍ତ ହୋଇଛନ୍ତି ।




# ଦିଲ୍ଲୀ ବିସ୍ଫୋରଣ ଚେର ବାଂଲାଦେଶକୁ ଲମ୍ବିଛି

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣର ଯାଞ୍ଚ ଏବେ ବାଂଲାଦେଶରେ ପହଞ୍ଚିଛି । ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଦିଲ୍ଲୀ ବିସ୍ଫୋରଣ ସହିତ ବାଂଲାଦେଶର ଅଲ-କାଏଦାର ସମ୍ପର୍କ ଥିବା ଜାଣିବାକୁ ପାଇଛି । ଏନ୍‌ଆଇଏ ଅନ୍ସାରୁଲ୍ଲା ବାଂଲା ଟମ୍ (ଏବିଟି)ର ଜଣେ ସଦସ୍ୟ ଇଖଲାସଙ୍କୁ ଗିରଫ କରିବା ପରେ ଏହା ସ୍ପଷ୍ଟ ହୋଇଛି । ଏବେ ଭାରତ ଓ ବାଂଲାଦେଶ ସୀମାରେ ଥିବା ଜିଲ୍ଲାଗୁଡିକ ଉପରେ ଏନ୍‌ଆଇଏ ନଜର ରଖିଛି । ଇଖଲାସ ଲାଲକିଲ୍ଲା ବିସ୍ଫୋରଣ ପାଇଁ ବିସ୍ଫୋରକ ଯୋଗାଇବାର ଅଭିଯୋଗ ହୋଇଛି । ଏଥିସହ ବିସ୍ଫୋରଣ ସହ ସୀମାପାରର ସମ୍ପର୍କ ରହିଛି ବୋଲି ଏନ୍‌ଆଇଏ ବିଶ୍ୱାସ କରୁଛି । ବାଂଲାଦେଶର ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାର ଏହି ଅଭିଯୋଗକୁ ଖଣ୍ଡନ କରୁଥିଲେ ମଧ୍ୟ ଏନ୍‌ଆଇଏ ଏହାକୁ ବେଶ୍ ଗୁରୁତ୍ୱ ଦେଉଛି । ପାକିସ୍ତାନର ଲସ୍କର-ଇ-ତୋଇବା ସହ ପଶ୍ଚିମବଙ୍ଗର ମାଲଦା ଓ ମୁର୍ଶିଦାବାଦରେ ମୌଳବାଦୀମାନେ ଭିଡିଓ କନଫରେନ୍ସରେ ଯୋଗାଯୋଗ କରିଥିଲେ । ବିସ୍ଫୋରଣର କିଛିଦିନ ପୂର୍ବରୁ ସେପ୍ଟୁଲ୍ଲା ସହ ଯୋଗାଯୋଗ ହୋଇଥିଲା । ସେପ୍ଟୁଲ୍ଲା ସହ ବାଂଲାଦେଶ ସରକାରଙ୍କ ଅଧିକାରୀମାନଙ୍କ ମଧ୍ୟରେ ବୈଠକ ହୋଇଥିଲା । ଫଳରେ ସୀମାପାର ମୌଳବାଦୀ ନେଟ୍‌ୱର୍କ ନେଇ ଗଭୀର ଚିନ୍ତା ସୃଷ୍ଟି କରିଛି ।

# ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କର

ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଏହି ମାମଲାରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ବଡ଼ ନିର୍ଦ୍ଦେଶ ଦେଇ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ 'ପ୍ରାକୃତିକ ବିପର୍ଯ୍ୟୟ' ଘୋଷଣା କରିବାକୁ କହିଛନ୍ତି । ଏହା ଦ୍ୱାରା ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ, ପ୍ରଶାସନିକ ଦାୟିତ୍ୱ ସ୍ପଷ୍ଟ ହେବ ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ଜରୁରୀ ସମ୍ବଳର ଉପଲବ୍ଧତା ବୃଦ୍ଧି ପାଇବ । ଜିମ୍ କାର୍ବେଟ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ସମ୍ବନ୍ଧିତ ମାମଲାର ଶୁଣାଣି କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ, ଜଷ୍ଟିସ ଏଜି ମସିହ ଏବଂ ଜଷ୍ଟିସ ଏଏସ ଚନ୍ଦ୍ରୁରକରଙ୍କ ଖଣ୍ଡପୀଠ ସୋମବାର ଏହି ନିର୍ଦ୍ଦେଶ ଜାରି କରିଥିଲେ । ଜିମ୍ କାର୍ବେଟ ବେଧଡ଼କ ଗଛ କଟା ଏବଂ ବେଆଇନ ନିର୍ମାଣ କ୍ରମାଗତ ଭାବେ ଚିନ୍ତାର ପ୍ରସଙ୍ଗ ପାଲଟି ଥିଲା । ଖଣ୍ଡପୀଠ ଜୋର ଦେଇ କହିଥିଲେ ଯେ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ପାଇଁ ରାଜ୍ୟଗୁଡ଼ିକ ସକ୍ରିୟ ଭାବେ କାର୍ଯ୍ୟକରନ୍ତୁ । ଶୀଘ୍ର ଏ ନେଇ ବିଜ୍ଞପ୍ତି ଜାରି କରନ୍ତୁ । ଏହା ସହିତ ସଂଘର୍ଷରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ କେନ୍ଦ୍ର ପରିବେଶ, ଜଙ୍ଗଲ ମନ୍ତ୍ରାଳୟ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବନ୍ୟଜନ୍ତୁ ସହ ସଂଘର୍ଷରେ ପ୍ରାଣ ହରାଇଥିବା ଲୋକଙ୍କୁ ସମନ୍ୱିତ ବନ୍ୟପ୍ରାଣୀ ବାସସ୍ଥାନ ବିକାଶ (ସିଏସଏସ-ଆଇଡିଡବ୍ଲ୍ୟୁଏଚ୍) ଅଧୀନରେ ୧୦ ଲକ୍ଷ ଟଙ୍କା ଦେବା ବାଧ୍ୟତାମୂଳକ । ସାରା ଦେଶରେ ଏହି ସହାୟତା ରାଶି ସମାନ ହେବା ଉଚିତ । ଏହା ପ୍ରଦାନରେ କୌଣସି ବିଳମ୍ବ କିମ୍ବା ପ୍ରାଶାସନିକ ଜଟିଳତା ନ ରହିବା ଉଚିତ ।

ସୂଚନା ଅନୁଯାୟୀ ଉତ୍ତର ପ୍ରଦେଶ ଭଳି କିଛି ରାଜ୍ୟ ପୂର୍ବରୁ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିସାରିଛନ୍ତି । ଅନ୍ୟ ରାଜ୍ୟମାନଙ୍କୁ ତୁରନ୍ତ ଏପରି କରିବା ପାଇଁ କୋର୍ଟ କହିଛନ୍ତି । ସେହିପରି କୋର୍ଟ ମୂଲ୍ୟାଙ୍କନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ୬ ମାସ ମଧ୍ୟରେ ଏକ ମାର୍ଗଦର୍ଶିକା ଆଣିବାକୁ ନ୍ୟାସନାଲ ଟାଇଗର କନଜରଭେସନ ଅଥରିଟି (ଏନଟିସିଏ)କୁ କହିଛନ୍ତି ।



# ଅନମୋଲ ବିଷ୍ଣୋଇକୁ ପ୍ରତ୍ୟର୍ପଣ କଲା ଆମେରିକା

ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): କୂଟନୀତିରେ ଭାରତକୁ ବଡ଼ ସଫଳତା ମିଳିଛି । ମହାରାଷ୍ଟ୍ରର ଏନ୍‌ସିପି ନେତା ବାବା ସିଦ୍ଦିକ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନମୋଲ ବିଷ୍ଣୋଇକୁ ଆମେରିକା ଭାରତକୁ ପ୍ରତ୍ୟର୍ପଣ କରିଛି । ସେ ବୁଧବାର ଭାରତରେ ପହଞ୍ଚିବ । ବର୍ତ୍ତେ ହେଲା ଅନ୍‌ମୋଲଙ୍କୁ ଭାରତ ଆଣିବା ପାଇଁ ମୁମ୍ବଇ ପୁଲିସ ଉଦ୍ୟମ କରୁଥିଲା । ସେହିପରି ଗତ ବର୍ଷ ଏପ୍ରିଲରେ ଅଭିନେତା ସଲମାନ ଖାନ୍‌ଙ୍କ ଘର ଉପରେ ଗୁଳି ମାଡ଼ ମାମଲାକୁ ନେଇ ମଧ୍ୟ ଅନ୍‌ମୋଲ ୱାଣ୍ଟେଡ ଥିଲା । ବାବା ସିଦ୍ଦିକିଙ୍କ ପୁଅ ଜିସାନ ସିଦ୍ଦିକି କହିଛନ୍ତି ଯେ ଅନ୍‌ମୋଲ ଆମେରିକାରୁ ଆସୁଛି ବୋଲି ତାଙ୍କୁ ସୂଚନା ମିଳିଛି । ଏବେ ସେ ଆଉ ଆମେରିକାରେ ନାହିଁ । ଭାରତ ଅଣାଯାଇ ତା ବିରୋଧରେ ଟ୍ରାଏଲ ହେବ ବୋଲି ଆଶା । ପୂର୍ବରୁ କାନାଡ଼ାରେ ଅନମୋଲକୁ ଅଟକ ରଖାଯାଇଥିଲା । ଏଠାରୁ ତା' ନିକଟରୁ ରୁଷ୍ର ଜାଲ୍ ପାସପୋର୍ଟ ମିଳିଥିଲା ।



# କେଦାରନାଥରେ ୨୩୦୦ ଟନ୍ ଆବର୍ଜନା, ତଳକୁ ଆଣିବାରେ ଖର୍ଚ୍ଚ ହେବ ୨୫ କୋଟି

ରୁଦ୍ରପ୍ରୟାଗ, ୧୮ ।୧୧(ଏଜେନ୍ସି): ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାସ୍ଥିତ କେଦାରନାଥ୍ ଧାମ୍‌ରେ ଚଳିତ ବର୍ଷ ରେକର୍ଡ ୧୭ ଲକ୍ଷ ୬୮ ହଜାର ଶ୍ରଦ୍ଧାଳୁ ବାବା କେଦାରନାଥ ଦର୍ଶନ କରିଛନ୍ତି । କିନ୍ତୁ ଏମାନେ କେଦାରନାଥ ଧାମ୍‌ରେ ୨୩୦୦ ଟନ୍ ଆବର୍ଜନାର ଏକ ପାହାଡ଼ ସୃଷ୍ଟି କରିଛନ୍ତି । ପ୍ରତ୍ୟେକ ଶ୍ରଦ୍ଧାଳୁ ହାରାହାରି ଦେଢ଼ କେଜି ଆବର୍ଜନା ସେଠାରେ ଛାଡି ଆସିଛନ୍ତି । ଗତବର୍ଷ ତୁଳନାରେ ପ୍ରତ୍ୟେକ ଯାତ୍ରୀ ଏଥର ଅଧିକ ୧୫୦ ଗ୍ରାମ୍ର ଆବର୍ଜନା ପକାଇଛନ୍ତି । ଏବେ ଏହି ଆବର୍ଜନା ହିମାଳୟ କ୍ଷେତ୍ରରେ ଅବସ୍ଥିତ ଏହି ଶିବଧାମ୍‌ର ପରିବେଶ ତଥା ପର୍ଯ୍ୟାବରଣକୁ ବିପଦରେ ପକାଇଛି । କିନ୍ତୁ ସେଠାରେ ଏହି ଆବର୍ଜନାକୁ ଜଳାଇବାକୁ ଅନୁମତି ଦିଆଯାଇନାହିଁ । ୨୦୦ ଟନ୍ ପ୍ଲାଷ୍ଟିକ ଆବର୍ଜନା ମଧ୍ୟ ସେଠାରେ ପଡ଼ି ରହିଛି । ଖଚରମାନେ ହିଁ ଏହି ଆବର୍ଜନାକୁ କେଦାରନାଥ ଧାମରୁ ତଳକୁ ଆଣିବେ । ଥରେ ଏକ ଖଚର ୧୦ରୁ ୧୨ କେଜି ଆବର୍ଜନା ତଳକୁ ଆଣିବାରେ ୧୭୦୦ ଟଙ୍କା ଖର୍ଚ୍ଚ ହୋଇଥାଏ । ଏବେ ଏହି ଆବର୍ଜନାକୁ ତଳକୁ ଆଣିବା ପାଇଁ ୨୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି ।

## ଜିଲ୍ଲାପାଳ ଓ ଏସ୍‌ପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

# ଦୁର୍ନୀତି ଓ ଅପାରଗତାକୁ ପ୍ରଶ୍ରୟ ନାହିଁ



ଭୁବନେଶ୍ୱର,୧୮।୧୧(ସମିସ): ଯିଏ ଯେଉଁ ପଦବୀରେ ଥାଆନ୍ତୁ ନା କାହିଁକି, ଆମେ ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ ଏବଂ ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ। ତେଣୁ ଅବହେଳା, ଦୁର୍ନୀତି ଓ ଅପାରଗତାକୁ କେବେହେଲେ ପ୍ରଶ୍ରୟ ଦିଆଯିବ ନାହିଁ। ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଅଧିକାରୀମାନଙ୍କୁ ଏପରି ଚରମବାଣୀ ଶୁଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଲୋକସଭା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯାଉଛନ୍ତି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତି, ନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ

■ ୨୦୨୭ ସୁଦ୍ଧା ସବୁ ଗାଁକୁ ସଡ଼କ, ପାଣି ଓ ବିଜୁଳି
■ ପ୍ରତି ୩-୪ ମାସରେ ଯୋଜନାର ଅଗ୍ରଗତି ସମୀକ୍ଷା

ସହାୟତା ଜିଲ୍ଲାପାଳମାନେ ପ୍ରଦାନ କରନ୍ତୁ। ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ ପାୱାର' ଅଧିନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ସବୁ ଦିନିଆ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରାଯିବା ଆବଶ୍ୟକ। ସେହିପରି ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହିତ ଯୋଜନା ଗୁଡ଼ିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେବା ସହ ପ୍ରତି ତିନି ଚାରି ମାସରେ ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡାକଡି ଭାବେ ରୋକିବା, ଚୋରା ମଦ କାରବାର ବିରୋଧରେ ଧରପଗଡ଼କୁ ଅଧିକ କଡାକଡି କରିବା, ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ ଓ ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତୀକ୍ଷ୍ଣ ନଜର ରଖିବାନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ।

# ଝାରସୁଗୁଡ଼ାରୁ ଧରାପଡ଼ିଲେ ୧୨ ସାଇବର୍ ଠକ

ଝାରସୁଗୁଡ଼ା, ୧୮।୧୧(ସମିସ): ଝାରସୁଗୁଡ଼ା ପୁଲିସ ଆଜି ଏକ ସାଇବର୍ ଠକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିବା ସହ ୧୨ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ, ଝାରସୁଗୁଡ଼ାର ସୋନୁ ମଣ୍ଡଳ ଓରଫ୍ ଟିଙ୍ଗା (୨୩), ଶୁଭମ ପ୍ରସାଦ (୨୧), ଶିଭମ୍ ସାହୁ (୨୦), ଅଭୟ ଘୋଷ (୨୦), ସମୀର ସୁନା ଓରଫ ମନୁ (୨୦), ଏମ୍. ଜଗଦୀଶ୍ୱର ରାଓ ଓରଫ୍ ଚିଣ୍ଟୁ(୧୯), ସମ୍ବଲପୁରର ଯୋଗେଶ୍ୱର ଚାନ୍ଦ (୨୪), ନରେଶ ବାଗ ଓରଫ୍ ବାବୁ(୨୫), ଧୀରଜ ଗରଡ଼ିଆ (୧୯), ରାଉରକେଲାର ଅଭିରାଜ ଶାହ (୨୬)। ଏମାନଙ୍କ ସହ ଆଉ ୨ଜଣ ନାବାଳକ ମଧ୍ୟ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ବିଭିନ୍ନ ବ୍ୟାଙ୍କର ୬୧ଟି ପାସବୁକ୍, ୪୧ଟି ଏଟିଏମ୍ କାର୍ଡ, ୯୦ଟି ମୋବାଇଲ, ଗୋଟିଏ କାର୍ ଏବଂ ଗୋଟିଏ ସ୍କୁଟି ଜବତ ହୋଇଛି। ଝାରସୁଗୁଡ଼ା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ସୂଚନା ଦେଇଛନ୍ତି। ଘଟଣାର ଅଧିକ ତଦନ୍ତ ଚାଲିଛି, ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ଏସ୍‌ପି କହିଛନ୍ତି।

ସୂଚନାନୁଯାୟୀ, ଗେମିଂରୁ ରୋଜଗାର କରିବାକୁ କହି ଏମାନେ ଲୋକଙ୍କୁ ଚୂନ ମାରୁଥିଲେ। ଗରିବ, ନିରୀହ ଲୋକଙ୍କୁ ନିଜ ଜାଲରେ ଫସାଉଥିଲେ। ସେମାନଙ୍କ ନାଁରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାଠାରୁ ଆରମ୍ଭ କରି ନୂଆ ସିମ୍‌କାର୍ଡ ଆକ୍ଟିଭ୍ କରୁଥିଲେ। ଏଥିପାଇଁ ସେମାନେ ୫ହଜାର ଟଙ୍କା ଲୋଭ ଦେଖାଉଥିଲେ। ପରେ ଉକ୍ତ ଆକାଉଣ୍ଟଗୁଡ଼ିକୁ ସେମାନେ ବିହାର, ରାଜସ୍ଥାନ, ଝାଡ଼ଖଣ୍ଡରେ ବସିଥିବା ସାଇବର୍ ଠକଙ୍କୁ ବିକିଦେଉଥିଲେ। ସାଇବର୍ ଠକମାନେ ଉକ୍ତ ସିମ୍ ଓ ଆକାଉଣ୍ଟ ବ୍ୟବହାର କରି ବଡ଼ ବଡ଼ ସାଇବର୍ ଅପରାଧ ଭିଆଉଥିଲେ। ଖାଲି ସେତିକି ନୁହେଁ, ସାଇବର୍ ଠକେଇରୁ ଉକ୍ତ ଆକାଉଣ୍ଟକୁ ଆସୁଥିବା ଟଙ୍କାକୁ ମଧ୍ୟ ଏମାନେ ଉଠାଣ କରି ଠକଙ୍କ ଅନ୍ୟ



୬୧ ପାସ୍‌ବୁକ, ୪୧ ଏଟିଏମ୍, ୯୦ ମୋବାଇଲ ଫୋନ ଜବତ

ଆକାଉଣ୍ଟରେ ଟଙ୍କା ଜମା କରୁଥିଲେ। ଏମାନଙ୍କର ଲିଙ୍କ୍ ସାଇବର୍ ଠକଙ୍କ ହେଡ୍‌କ୍ୱାର୍ଟର୍ କୁହାଯାଉଥିବା ଝାଡ଼ଖଣ୍ଡ ଜାମତରା ସହ ଥିବା ପୁଲିସ କହିଛି। ସେହିପରି ବିହାର ଓ ରାଜସ୍ଥାନକୁ ମଧ୍ୟ ଏହି ସାଇବର ଠକେଇର ଚେର ଲମ୍ବିଛି। ଏକ ଚୋରି ମାମଲାର ତଦନ୍ତ ବେଳେ ମିଳିଥିବା ସୂତ୍ର ଆଧାରରେ ପୁଲିସ୍ ଏହି ଠକଙ୍କୁ ଗିରଫ କରିଛି ବୋଲି ଏସ୍‌ପି କହିଛନ୍ତି।

# ରାଜ୍ୟରେ ହେବ ୪ ନୂଆ ତହସିଲ

ଭୁବନେଶ୍ୱର,୧୮ ।୧୧(ସମିସ): ରାଜ୍ୟରେ ଆଉ ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା ହେବ। ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ତହସିଲକୁ ବିଭକ୍ତ କରାଯାଇ ଏହି ନୂତନ ତହସିଲ୍ ସୃଷ୍ଟି କରାଯିବ। ଭୁବନେଶ୍ୱର ତହସିଲକୁ ବିଭକ୍ତ କରାଯାଇ ଆଉ ୨ ଟି ନୂଆ ତହସିଲ୍ ଖୋଲିବା ସହ କଟକ ଏବଂ ସମ୍ବଲପୁର ପାଇଁ ଆଉ ଗୋଟିଏ ଲେଖାଏଁ ନୂଆ ତହସିଲ୍ ପ୍ରତିଷ୍ଠା ହେବ। ବର୍ତ୍ତମାନ ଏହି ତହସିଲ୍‌ଗୁଡ଼ିକ ମହାନଗର ନିଗମ ଅଧିନରେ ଆସୁଛି। ମାତ୍ର ଏହି ତହସିଲ୍‌ଗୁଡ଼ିକର ଅଞ୍ଚଳ ପରିସୀମା, ଜନସଂଖ୍ୟା ଘନତ୍ୱ ବୃଦ୍ଧି ହେଉଛି। ଏଥିପାଇଁ ଅଞ୍ଚଳଗୁଡ଼ିକରେ ଜନସେବା ପ୍ରଦାନରେ ମଧ୍ୟ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ଉପରୋକ୍ତ ଦିଗକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ପକ୍ଷରୁ ଏହି ତହସିଲଗୁଡ଼ିକୁ ବିଭକ୍ତ କରି ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଏହି ୩ ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇନୂତନ ତହସିଲ ସୃଷ୍ଟି ପାଇଁ ଏକ ବିସ୍ତୃତ ପ୍ରସ୍ତାବ ଦାଖଲ କରିବାକୁ କୁହାଯାଇଛି। ଏଥିରେ ଉପଯୁକ୍ତ ଯଥାର୍ଥତା ସହିତ ନୂତନ ତହସିଲର ପ୍ରସ୍ତାବିତ ସ୍ଥାନ ସହିତ, ଆର୍‌ଆଇ ସର୍କଲ ଏବଂ ଗ୍ରାମଗୁଡ଼ିକର ନାମ ସେମାନଙ୍କର ସମ୍ପୃକ୍ତ ପୋଷ୍ଟ ଆଦି ବିଷୟରେ ସୂଚନା ଦେବାକୁ କୁହାଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ ସୂଚୀରେ ସାମିଲ ହେବ ବନ୍ୟପ୍ରାଣୀ ଆକ୍ରମଣ ଜନିତ ମୃତ୍ୟୁ

ଭୁବନେଶ୍ୱର,୧୮ ।୧୧(ସମିସ): ବନ୍ୟପ୍ରାଣୀ ଆକ୍ରମଣ ଜନିତ ମୃତ୍ୟୁ ଘଟଣାକୁ ପ୍ରାକୃତିକ ବିପର୍ଯ୍ୟୟ ଶ୍ରେଣୀଭୂକ୍ତ କରି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ପରେ ରାଜ୍ୟରେ ବନ୍ୟପ୍ରାଣୀ ଜନିତ ମୃତ୍ୟୁ ଓ ଏହାସହିତ ଯଡ଼ିତ ଅନେକ ଘଟଣାକୁ ନେଇ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହୋଇଛି। ଯଦିଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ପୂର୍ବରୁ ରାଜ୍ୟ ସରକାର ବନ୍ୟପ୍ରାଣୀ ଜନିତ ମୃତ୍ୟୁ ଘଟଣାରେ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ କରି ଆସୁଛନ୍ତି, ମାତ୍ର ଏହି ଅର୍ଥରାଶି ବନ ବିଭାଗ ପ୍ରଦାନ କରୁଛି। ତେବେ ନୂଆ ନିୟମ କାର୍ଯ୍ୟକାରୀ ହେଲେ କ୍ଷତିପୂରଣ ରାଶି ପ୍ରଦାନ ଦାୟିତ୍ୱ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନକୁ ଯିବ ଏବଂ ଅର୍ଥରାଶି ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ପ୍ରଦାନ କରାଯିବ।

ଅନ୍ୟପଟେ ରାଜ୍ୟରେ ବହୁ ପୂର୍ବରୁ ସାପ କାମୁଡ଼ା ଜନିତ ମୃତ୍ୟୁକୁ ପ୍ରାକୃତିକ ବିପର୍ଯ୍ୟୟ ତାଲିକାଭୁକ୍ତ କରାଯାଇଥିଲେ ମଧ୍ୟ ଏ ବାବଦକୁ ମୃତକଙ୍କ ପରିବାରକୁ କେବଳ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଏହାକୁ ନେଇ ବହୁ ଦିନରୁ ସରକାରୀ ବ୍ୟବସ୍ଥା ଓ ସାମାଜିକ କର୍ମୀଙ୍କ ମଧ୍ୟରେ ବିବାଦ ଆରମ୍ଭ ଲାଗି ରହିଛି। କାରଣ ବନ୍ୟପ୍ରାଣୀ ଆକ୍ରମଣରେ

■ ସହାୟତା ରାଶି ୧୦ ଲକ୍ଷ ଟଙ୍କା ପ୍ରଦାନ ନିର୍ଦ୍ଦେଶ
■ ରାଜ୍ୟରେ ସାପକାମୁଡ଼ାରେ ବାର୍ଷିକ ଯାଉଛି ହଜାରେ ଜୀବନ

ମଣିଷ ମୃତ୍ୟୁ ହେଲେ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ମିଳୁଥିବା ବେଳେ ସାପ କାମୁଡ଼ା ମୃତ୍ୟୁ କ୍ଷେତ୍ରରେ ଏହି ରାଶି ୪ ଲକ୍ଷରେ ସୀମିତ ରହିଛି। ଭାରତୀୟ ବନ୍ୟ ପ୍ରାଣୀ ଆଇନ୍‌ରେ ମଣିଷକୁ ମାରିବା ଭଳି କ୍ଷମତା ରଖିଥିବା ସବୁ ସାପ ସିଡ୍ୟୁଲ୍ ୧ ଏବଂ ୨ ତାଲିକା ଅନ୍ତର୍ଭୁକ୍ତ ରହିଛନ୍ତି। ବିଷଧର ନାଗ, ତମ୍ପ, ଚନ୍ଦନ ବୋଡ଼ା, ଅହିରାଜ ସିଡ୍ୟୁଲ୍-୧ ସାପ ଭାବେ ଗଣାଯାଉଥିବା ବେଳେ ସିଡିଲ୍ୟୁ-୧ ତାଲିକାରେ ହାତୀ, ବାଘ, କୁମ୍ଭୀର ମଧ୍ୟ ରହିଛନ୍ତି। ସେହିପରି ଚିତି, ରଣା, ଧୂଳିଆ ବୋଡ଼ା ଆଦି ସାପ ସିଡ୍ୟୁଲ-୨ରେ ରହିଥିବା ବେଳେ ହାତୀ, ବାଘ, ଭାଲୁ, କୁମ୍ଭୀର ଆଦିଙ୍କ ଭଳି ଏହି ସାପମାନେ ମଧ୍ୟ ମଣିଷଙ୍କ ଜୀବନ ନେବାର କ୍ଷମତା ରଖିଛନ୍ତି। ତେଣୁ ସାପ କାମୁଡାରେ କାହାରି ମୃତ୍ୟୁ ହେଲେ ମଧ୍ୟ ସମାନ ଭାବରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇ ଆସୁଛି। ଏଦୃଷ୍ଟିରୁ ସୁପ୍ରିମକୋର୍ଟଙ୍କ ଏହି ନୂତନ ନିର୍ଦ୍ଦେଶନାମା ଏହି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

ରାଜ୍ୟରେ ବର୍ତ୍ତମାନ ବାର୍ଷିକ ହାରାହାରି ୧ ହଜାର ଲୋକ ସାପ କାମୁଡ଼ା ଜନିତ କାରଣ ପାଇଁ ମୃତ୍ୟୁମୁଖରେ ପଡୁଥିବା ବେଳେ ବନ୍ୟପ୍ରାଣୀ ଆକ୍ରମଣରେ ୧୩୦-୧୪୦ ଜଣଙ୍କ ଜୀବନ ଯାଉଛି। ତେଣୁ ଏହି ମୃତ୍ୟୁ ହ୍ରାସ ପାଇଁ ଅନୁକମ୍ପାମୂଳକ ରାଶି ଯେତିକି ଗୁରୁତ୍ୱପୂର୍ଣ୍ଣ, ଏହାର ଚିକିତ୍ସା ବ୍ୟବସ୍ଥାରେ ସଂସ୍କାର ଆଣିବା ଅଧିକ ଗୁରୁତ୍ୱ ସାଜିଛି। ତେଣୁ ସାପ କାମୁଡିବାର ପ୍ରଥମ ୫ ଦିନ ସରକାରୀ/ଘରୋଇ ସବୁ ଡାକ୍ତରଖାନାରେ ଚିକିତ୍ସା ମାଗଣା ପାଇଁ ମଧ୍ୟ ଦାବି ହୋଇ ଆସୁଛି। ମୁଖ୍ୟତଃ ଗାଁ ଗଣ୍ଡାରେ ଗୁଣିଆ ବ୍ୟବସ୍ଥାରେ ରୋକ୍ ଲଗାଇବା ଓ 'ଗୋଲ୍ଡେନ୍ ଆୱାର'ରେ ସାପ କାମୁଡ଼ା ରୋଗୀ ହସ୍ପିଟାଲରେ ପହଞ୍ଚି ପାରିଲେ ଏହି ସଂଖ୍ୟାକୁ ଯଥେଷ୍ଟ କମାଇ ଦିଆଯାଇପାରନ୍ତା। ଏହା ବ୍ୟତୀତ ସାପ କାମୁଡ଼ା ରୋଗୀଙ୍କ ପାଇଁ ଆଇସିୟୁ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସରକାରୀ ହସ୍ପିଟାଲଗୁଡ଼ିକରେ ଆଇସିୟୁର ଅଭାବକୁ ଭରଣା କରିବା ପାଇଁ ଘରୋଇ ହସ୍ପିଟାଲଗୁଡ଼ିକରେ ଏଥିପାଇଁ ମାଗଣା ଚିକିତ୍ସା ଯୋଗାଇ ଦେଲେ ମଧ୍ୟ ଏହି ମୃତ୍ୟୁ ରୋକିବାରେ ବଡ଼ ସହାୟକ ହୋଇପାରନ୍ତା ବୋଲି ସ୍ନେକ୍ ହେଲ୍‌ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି।

## କଟକରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣା

# ୧୦ ଅଭିଯୁକ୍ତଙ୍କ ନାମରେ ଚାର୍ଜସିଟ୍ ଦାଖଲ

ଭୁବନେଶ୍ୱର,୧୮ ।୧୧(ସମିସ): କଟକ ଲିଙ୍କ୍ ରୋଡ୍‌ରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣାରେ ଚାର୍ଜସିଟ୍ ଦାଖଲ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ)। ମୋଟ ୧୦ଜଣ ଅଭିଯୁକ୍ତଙ୍କ ନାମରେ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଛି।

ସୂଚନାନୁସାରେ, ଗତବର୍ଷ ନଭେମ୍ବରରେ କଟକ ଲିଙ୍କ୍ ରୋଡ୍ ଅଞ୍ଚଳରେ ସେକ୍ସ ରାକେଟ୍ ଚାଲିଥିବା ଖବର ପାଇ ମଧୁପାଟଣା ଥାନା ପୁଲିସ ଖବର ପାଇଥିଲା। ସେଠାରୁ ଜଣେ ୧୬ବର୍ଷୀୟା ନାବାଳିକାକୁ ଉଦ୍ଧାର କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ନାବାଳିକାର ଘର ବାଂଲାଦେଶ ହୋଇଥିବା ବେଳେ ଦଲାଲ ତାକୁ ଚାକିରି ଲୋଭରେ କଟକ ଆଣିଥିଲା। ଏଠାରେ ରଖିବା ମଧ୍ୟରେ ସେକ୍ସ ରାକେଟରେ ନିୟୋଜିତ କରି ଦଲାଲମାନେ ମୋଟା ଅଙ୍କର ଟଙ୍କା କମାଉଥିଲେ ବୋଲି ଜଣାପଡ଼ିଥିଲା। ମଧୁପାଟଣା ଥାନା ପୁଲିସ କେସ୍ ନଂ ୩୦୭/୨୪ ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ କମିସନରେଟ ପୁଲିସ ମୋଟ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କମିସନରେଟ ପୁଲିସ ପକ୍ଷରୁ ପ୍ରାରମ୍ଭିକ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇଥିଲା।

ତେବେ ଏହି କାରବାର ପଛରେ ଅନ୍ତର୍ଜାତୀୟ ରାକେଟ କାମ କରୁଥିବା ଜାଣିବା ପରେ

**ନିଯୁକ୍ତି ପ୍ରଲୋଭନ ଦେଖାଇ ଦେହ ବେପାର**

କମିସନରେଟ ପୁଲିସ କେନ୍ଦ୍ର ସରକାରଙ୍କୁ ଅବଗତ କରିଥିଲା। ନାବାଳିକାଜଣଙ୍କ ବାଂଲାଦେଶୀ ଓ ଏହା ଏକ ମାନବଚାଲାଣ ମାମଲା ହୋଇଥିବାରୁ ପରବର୍ତ୍ତୀ ସମୟରେ ଏନ୍‌ଆଇଏ ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲା। ଏନ୍‌ଆଇଏ ତଦନ୍ତ କରି ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆଉ ଦୁଇ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଓ ଆର୍ଥିକ କାରବାର ଖୋଳତାଡ଼ କରିବା ପରେ ଆଉ ଦୁଇ ଜଣଙ୍କ ସଂପୃକ୍ତି ମିଳିଥିଲା। ଏନ୍‌ଆଇଏ ଆହୁରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦୁର୍ବଳ ଆର୍ଥିକ ସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତମାନେ ନାବାଳିକାକୁ ଚାକିରି ଆଳରେ କଟକ ନେଇ ଆସିଥିଲେ। ଏଠାରେ ନାବାଳିକାକୁ ରଖି ସେକ୍ସ ରାକେଟରେ ନିୟୋଜିତ କରିଥିଲେ ବୋଲି ଏନ୍‌ଆଇଏ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା। କମିସନରେଟ ପୁଲିସ ଗିରଫ କରିଥିବା ୬ ଅଭିଯୁକ୍ତଙ୍କୁ ମିଶାଇ ମୋଟ ୧୦ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି ଏନ୍‌ଆଇଏ। ପୋକ୍ସୋ ଆକ୍ଟ ୨୦୧୨ ଓ ମାନବ ଚାଲାଣ ଆଇନ ୧୯୫୬ ଆଧାରରେ ଭୁବନେଶ୍ୱରସ୍ଥିତ ଏନ୍‌ଆଇଏର ସ୍ୱତନ୍ତ୍ର ଅଦାଲତରେ ଦାଖଲ ହୋଇଛି ଚାର୍ଜସିଟ୍। ଘଟଣାର ଅଧିକ ତଦନ୍ତ ମଧ୍ୟ ଜାରି ରହିଥିବା ଏନ୍‌ଆଇଏ ପକ୍ଷରୁ କୁହାଯାଇଛି।

## ଧାନ କାଟିଲେଣି ଚାଷୀ

# ଏ ଯାଏଁ ହେଲାନି ସାଟେଲାଇଟ୍ ସର୍ଭେ


ପୁରୀ,୧୮।୧୧(ସମିସ): ପୁରୀ ଏକ କୃଷିବହୁଳ ଜିଲ୍ଲା। ଏଠାରେ ଅଧିକାଂଶ ଚାଷୀ ଧାନ ଚାଷ କରିଥାନ୍ତି। ଅନେକ ପରିବାରର ମୁଖ୍ୟ ଆୟ ଧାନ ଚାଷ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଏମିତି କିଛି ପରିବାର ରହିଛନ୍ତି ଯେଉଁମାନେ ବର୍ଷକୁ ଥରେ ଧାନ ଅମଳ କରି ନିଜେ ଖାଇବା ପାଇଁ ସାଇତି ରଖି ବଳକା ବିକ୍ରି କରି ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। ହେଲେ ସରକାରୀ ବାବୁ ଏଭଳି ବାସ୍ତବତାକୁ କିନ୍ତୁ ବୁଝିବା ଅବସ୍ଥାରେ ନାହାନ୍ତି। ଚାଷ ଓ ଚାଷୀଙ୍କ ପ୍ରତି ସେମାନେ ନିୟମିତ ଅବହେଳା କରିଆସୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାରେ ପ୍ରାୟ ସପ୍ତାହେ ହେବ ଧାନକଟା ଆରମ୍ଭ ହେଲାଣି। ଚଳିତବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଧାନ ଫସଲ ବି ଭଲ ହୋଇଛି। ଚାଷୀ ଆଶାନୁରୂପ ଫସଲ ଅମଳ କରିବାକୁ ଆଶା ରଖିଥିବା ବେଳେ ଅମଳ ଧାନକୁ କିଭଳି ମଣ୍ଡିରେ ବିକ୍ରି କରିବେ, ସେ ନେଇ ଏବେ ଚିନ୍ତାରେ ପଡ଼ିଲେଣି। କାରଣ ଏଯାଏଁ ଖରିଫ ଧାନ କିଣିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରି ନ ଥିବା ଜଣାପଡ଼ିଛି। କେବଳ ପଞ୍ଜୀପକରଣ କାମ ସାରି ବସି ପଡ଼ିଛି ବିଭାଗ।

ବିଭିନ୍ନ କୃଷି ସମବାୟ ସମିତି ଜରିଆରେ ଧାନ କିଣିବାକୁ ଦୀର୍ଘ ଦିନ ହେଲା ପଞ୍ଜୀକରଣ ସରିଥିଲେ ବି ଅନ୍ୟାନ୍ୟ ପ୍ରକ୍ରିୟା ଆଦୌ ଆରମ୍ଭ ହୋଇନାହିଁ। ଫଳରେ ମଣ୍ଡି ଖୋଲିବା ତ ବିଳମ୍ବ ହେବ, ତା' ସାଙ୍ଗକୁ ଚାଷୀ ଯେଉଁ ପରିମାଣରେ ଧାନ ବିକ୍ରି ପାଇଁ ଟାର୍ଗେଟ୍ ପାଇବା କଥା, ତାହା ଆଉ ପାଇବେ ନାହିଁ। ଅନ୍ୟପକ୍ଷରେ, କହିବାକୁ ଗଲେ ଅଧିକାଂଶ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ। ଏଭଳି ଆଶଙ୍କା ଦେଖାଦେଇଛି।

ସୂଚନାନୁଯାୟୀ, ଚଳିତ ଖରିଫ ଋତୁରେ ଧାନ କିଣିବା ପାଇଁ ସମବାୟ ସମିତିଗୁଡ଼ିକ ପକ୍ଷରୁ ଗତ ଜୁଲାଇରୁ ଚାଷୀ ପଞ୍ଜୀକରଣ କରାଗଲାଣି। ଅଗଷ୍ଟ ୨୫ରୁ ପଞ୍ଜୀକରଣ କାମ ଶେଷ ହୋଇଥିଲେ ବି ଆଜିଯାଏଁ କାଗଜପତ୍ର ଯାଞ୍ଚ ଓ ବୈଧୀକରଣ (ଭାଲିଡେସନ) କାମ ଶେଷ ହୋଇନାହିଁ। ଭାଲିଡେସନ ପରେ ସାଟେଲାଇଟ୍ ସର୍ଭେ କରାଯିବା କଥା। ସାଟେଲାଇଟ୍ ସର୍ଭେ ପରେ କୃଷି ସେବା ସମବାୟ ସମିତି ଲ୍ୟାମ୍ପସ୍, ପାକ୍ସସ୍ତରରେ ପ୍ରତ୍ୟକ୍ଷ କ୍ଷେତ୍ର ପରିଦର୍ଶନ କରାଯାଇ ରିପୋର୍ଟ ପ୍ରସ୍ତୁତ ହେବା କଥା। ଏହା ପରେ ସମସ୍ତ ରିପୋର୍ଟ ଯାଞ୍ଚ କରାଯାଇ କେଉଁ ଚାଷୀ କେତେ ପରିମାଣର ଧାନ ବିକ୍ରି କରିପାରିବେ ତାହା ସ୍ଥିର କରି ଟାର୍ଗେଟ ଦିଆଯିବ। ମାତ୍ର ଆଜି ପର୍ଯ୍ୟନ୍ତ ସାଟେଲାଇଟ୍ ସର୍ଭେ ହୋଇ ନଥିବା ବେଳେ ଅନ୍ୟାନ୍ୟ ଯାଞ୍ଚ ପ୍ରକ୍ରିୟା କେବେ ସରିବ, ମଣ୍ଡି କେବେ ଖୋଲାଯିବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାର ପୁରୀ ସଦର, ସତ୍ୟବାଦୀ, ବ୍ରହ୍ମଗିରି, କଣାସ, ପିପିଲି, ନିମାପଡ଼ା ଆଦି ବ୍ଲକରେ ପ୍ରାୟ ସପ୍ତାହେ ହେବ ଧାନ କଟା ଆରମ୍ଭ ହେଲାଣି। ପାଖାପାଖି ୩୦ପ୍ରତିଶତ ଧାନ କଟା ହେଲାଣି। ଆଉ ସପ୍ତାହକ ପରେ ୫୦ ପ୍ରତିଶତ ଧାନ କଟା ସରିଥିବ। ଏପରିସ୍ଥଳେ ସାଟେଲାଇଟ୍ ସର୍ଭେ କଲେ ଜମିରେ ତ ଧାନ ନ ଥିବ, କି ରିପୋର୍ଟ ଯିବ ବୋଲି ଅନେକ ଚାଷୀ ପ୍ରଶ୍ନ କରିଛନ୍ତି। ତେଣୁ ଯେନତେନ ପ୍ରକାରେ ଚାଷୀଙ୍କୁ ଟାର୍ଗେଟ ଦେଇ ଧାନ କିଣାଯିବା ଏକପ୍ରକାର ଜଳ ଜଳ ଦେଖାଯାଉଛି।

ସରକାର ଗତବର୍ଷଠାରୁ ଇନ୍‌ପୁଟ୍ ସବ୍‌ସିଡି ମିଶାଇ ୩,୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣିଛନ୍ତି। ଚଳିତବର୍ଷ ମଧ୍ୟ ସେହିପରି ଧାନ କିଣାଯିବ। ଚଳିତବର୍ଷ ଚାଷରୁ ଭଲ ଦି' ପଇସା ରୋଜଗାର କରିବା ଆଶାରେ କିଛି ବି ଜମି ପଡ଼ିଆ ନ ରଖି ଚାଷୀ ଚାଷ କରିଛନ୍ତି। ପୂର୍ବ ବର୍ଷ ଅପେକ୍ଷା ପ୍ରାୟ ୨୫ ପ୍ରତିଶତ ଅଧିକ ଜମିରେ ଧାନ ଫସଲ ହୋଇଛି। ଉତ୍ତମ ପାଣିପାଗ ଯୋଗୁଁ ଜିଲ୍ଲାରେ ଭଲ ଫସଲ ବି ହୋଇଛି। ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କିଛି ଧାନ ନଷ୍ଟ ହୋଇଥିବାବେଳେ ଚଳିତବର୍ଷ ସୁରୁଖୁରୁରେ ଅମଳ ହେବା ଆଶା କରାଯାଉଛି। ତେଣୁ ସରକାର ଏତେ ପରିମାଣର ଧାନ କିଣିବାକୁ ସମସ୍ୟାରେ ପଡ଼ିବା ଭୟ ରଖି ମଣ୍ଡି ପ୍ରକ୍ରିୟା ବିଳମ୍ବିତ କରୁଥିବା ମଧ୍ୟ ଚାଷୀ ମହଲରେ ସନ୍ଦେହ ସୃଷ୍ଟି ହେଲାଣି।



# ସୋମନାଥ ବିଶୋୟୀଙ୍କ ସ୍ମୃତିସଭା

ପାପଡାହାଣ୍ଡି,୧୮ ।୧୧(ସମିସ): ନବରଙ୍ଗପୁର ଜିଲ୍ଲା ତଥା ପାପଡାହାଣ୍ଡି ଅଞ୍ଚଳର ବିଶିଷ୍ଟ ରାଜନେତା ସ୍ୱର୍ଗତ ସୋମନାଥ ବିଶୋଇ ପରଲୋକ ହୋଇଯାଇଛି। ସେ ପୂର୍ବରୁ ୪ ଥର ପାପଡାହାଣ୍ଡି ବ୍ଲକ ଅଧ୍ୟକ୍ଷ, ଥରେ ଉପାଧ୍ୟକ୍ଷ, ୨ ଥର ପାପଡାହାଣ୍ଡି ଜୋନ ୩ ରୁ ଜିଲ୍ଲାପରିଷଦ ଭାବେ ନିର୍ବାଚିତ ହୋଇଥିଲେ । ପାପଡାହାଣ୍ଡି କଲେଜ ର ପ୍ରତିଷ୍ଠାତା ସଦସ୍ୟ, ପାପଡାହାଣ୍ଡି ଶହୀଦ ସ୍ମୃତି ପୀଠର ଆଜୀବନ ସଭାପତି, ପାପଡାହାଣ୍ଡି ମୃଗ ବିହାର ର ପ୍ରତିଷ୍ଠାତା, ଝ?ଶ୍ୱେର ମନ୍ଦିର ର ପ୍ରତିଷ୍ଠାତା, ବିଶିଷ୍ଟ ସାମ୍ବାଦିକ, ବିଶିଷ୍ଟ କବି ଏହିପରି ବିଭିନ୍ନ ସାମାଜିକ ସଂଗଠନ ସହିତ ଜଡିତ ରହିଥିଲେ। ଆଜି ପାପଡାହାଣ୍ଡି ଝାଡେଶ୍ୱର ମନ୍ଦିର ଠାରେ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ଏବଂ ଏକ ସ୍ମୃତି ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୋକବାର୍ତ୍ତାକୁ ସହିଦ ସ୍ମୃତି କମିଟିର ସଭାପତି ତଥା ଆଜିର ସଭା ପରିଚାଳନା କରିଥିବା ମନୋରଞ୍ଜନ ତ୍ରିପାଠୀ ପାଠ କରିଥିଲେ। ଆଜିର ଏହି ସଭାରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ନବରଙ୍ଗପୁର ଜିଲ୍ଲା ପରିଷଦ ସଭାପତି ମୋତିରାମ ନାୟକ, ପୂର୍ବତନ ନବରଙ୍ଗପୁର ଜିଲ୍ଲା ପରିଷଦ ସଭାପତି ମଞ୍ଜୁଳା ମାଝୀ ଏବଂ ଭଗବତୀ ଭତରା, ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଝରୀଗାଁରୁ ଗୁପ୍ତ ଝାଙ୍କର,ପୂର୍ବତନ ବିଧାୟକ ସଦନ ନାୟକ,ଜିଲ୍ଲା ବିଜେପି ସଭାପତି କୁଞ୍ଜବିହାରୀ ଦାସ, ବ୍ଲକ ବିଜେଡି ସଭାପତି ବିଦ୍ୟା ମଲିକ, ପି. ନାଗର, ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ଡ଼. ଲିପିକା ମାଝୀ, ପୂର୍ବତନ ପାପଡାହାଣ୍ଡି ସରପଞ୍ଚ ବି. ଜଗନମୋହନ ରାଓ, ବରିଷ୍ଠ ଆଇନଜୀବୀ ସ୍ୱାଧିନ ପଟ୍ଟନାୟକ, ପି. ଭେଙ୍କେଟ ରାଓ,ପୂର୍ବତନ ପାପଡାହାଣ୍ଡି ବ୍ଲକ ଅଧ୍ୟକ୍ଷ ଲୀଙ୍ଗରାଜ ଭତରା,ପୂର୍ବତନ ନବରଙ୍ଗପୁର ଜିଲ୍ଲାପାଳ ଅଜିତ କୁମାର ମିଶ୍ର, ଜିଲ୍ଲା ବିଜେଡି ଉପସଭାପତି ବଦ୍ରି ସିଂ, ଡାବୁଗାଁ ବିଜେଡି ସଭାପତି ସୁରି ମିଶ୍ର , ବାଙ୍କ ବିଶୋଇ, ତପନ ବିଶୋଇ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲୋକେ ଯୋଗ ଦେଇ ତାଙ୍କରି ସ୍ମୃତି ଚାରଣ କରିଥିଲେ, ଆଜି ଏହି କାର୍ଯ୍ୟକ୍ରମ କୁ ନବରଙ୍ଗପୁର ମାଟିର ସୁ ବକ୍ତା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି, ସହିଦସ୍ମୃତି କମିଟି ର ସଭାପତି ମନୋରଞ୍ଜନ ତ୍ରିପାଠୀ ପରିଚାଳନା କରିଥିଲେ। ପୁତ୍ର ତ୍ରିନାଥ, ଶିବାନନ୍ଦ,ରବି, ନାତି ଅଜୟ, ବିଜୟ, ଚିଣ୍ଟୁ, ଅନିଲଙ୍କ ସହିତ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

## ଚିକିତ୍ସା ଅବହେଳାରୁ ଛାତ୍ରୀଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ରାସ୍ତାରୋକ୍, ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ଉମରକୋଟ, ୧୮ ।୧୧(ସମିସ)

ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ବୁର୍ଜା ଠାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲରେ ରହି ସପ୍ତମ ଶ୍ରେଣୀ ପାଠ ପଢୁଥିବା ଭବାନୀ ହରିଜନଙ୍କ ଗତକାଲି ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିଲା। ଉମରକୋଟ ବିଇଓ ଇଶ୍ୱର୍ ମାଝି ପ୍ରଧାନ ଶିକ୍ଷୟିତ୍ରୀ ମମତା ସ୍ୱାଇଁଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ଆଜି ଉମରକୋଟ ଉପଖଣ୍ଡ ହସ୍ପିଟାଲ ସମ୍ମୁଖରେ ଭବାନୀଙ୍କ ପରିବାର ଓ ତାଙ୍କ ଗାଁ ଲୋକେ, ସ୍କୁଲ କମିଟିର ସଦସ୍ୟ , ବିଜେଡ଼ି ଓ କଂଗ୍ରେସର ନେତା ଓ କର୍ମୀମାନେ ଧାରଣାରେ ବସି ୧୦ ଲକ୍ଷ ଟଙ୍କା କ୍ଷତି ପୂରଣ ଦାବି କରିଥିଲେ। କ୍ଷତି ପୂରଣ ଟଙ୍କା ନ ମିଳିବା ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ପାଇଁ ଦେବୁ ନାହିଁ ବୋଲି ଅଡି ବସିଥିଲେ। ଖବର ପାଇ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଘଟଣା ସ୍ଥଳରେ ପହଞ୍ଚି ସରକାରୀ ନିୟମ ଅନୁସାରେ ୨ ଲକ୍ଷ ଟଙ୍କା ହିଁ ଦେଇ ହେବ ବୋଲି କହି ବହୁ ବୁଝାସୁଝା କରିବା ପରେ ବି କେହି କର୍ଣ୍ଣପାତ କରିନଥିଲେ। ଆଜି ହସ୍ପିଟାଲ ପରିସରରେ ହିଁ ଭବାନୀର ପିତା କାର୍ତ୍ତିକ ହରିଜନ ଉମରକୋଟ ଥାନା ଆଇଆଇସି ରମା କାନ୍ତ ସାଏଙ୍କୁ ଏତଲା ପ୍ରଦାନ କରିଥିଲେ। ଏତଲାରେ ୩ ଦିନ ହେଲା ଝିଅର ସ୍ୱାସ୍ଥ୍ୟ ଖରାପ ଥିଲେ ସୁଦ୍ଧା ସ୍କୁଲ କର୍ତ୍ତୃପକ୍ଷ ଖବର ଦେଇ ନ ଥିଲେ, ଆଜି ଯଦି ଖବର ଦେଇ ଥାନ୍ତେ ତେବେ ମୋ ଝିଅ ବଞ୍ଚି ଯାଇଥାନ୍ତା ବୋଲି ଉଲ୍ଲେଖ କରିଛନ୍ତି। ଝିଅ ହଷ୍ଟେଲରେ ହିଁ ମୃତ୍ୟୁ ବରଣ କରିବା ପରେ ଅଟୋ ଯୋଗେ ଉମରକୋଟ ହସ୍ପିଟାଲକୁ ଆଣିଥିବା ଉଲ୍ଲେଖ କରିଛନ୍ତି। ଝିଅ ର ମୃତ୍ୟୁ ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ମମତା ସ୍ୱାଇଁ, ହଷ୍ଟେଲ ପିଅନ ଅମିତା ଭତ୍ରା, ସ୍କୁଲ ଷ୍ଟାଫ୍ ତୁଳା ମାଝିଙ୍କ ଅବହେଳା ଦାୟୀ ବୋଲି ସେ ଉଲ୍ଲେଖ କରିଛନ୍ତି। ଏମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ସକାଳ ୮ ଟାରୁ ୩ ଟା ପର୍ଯ୍ୟନ୍ତ ମୃତ ଛାତ୍ରୀଙ୍କ ପରିବାର ଗାଁ ଲୋକେ, ସ୍କୁଲ କମିଟି, କିଛି ଅଭିଭାବକ , ବିଜେଡ଼ି ରୁ ଉମରକୋଟ ପୌର ପରିଷଦ ର ଅଧକ୍ଷା



ରାଧା ଭତ୍ରା, ବ୍ଲକ ଅଧକ୍ଷା ସୁଶୀଳା ମାଝି, ପୂର୍ବତନ ଅଧକ୍ଷ ଲାଇବନ୍ ଭକ୍ତ, ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ରାଇଘର ର ପୂର୍ବତନ ବ୍ଲକ ଅଧକ୍ଷା ନବୀନା ନାୟକ, ଉମରକୋଟ ସହର ବିଜେଡି ସଭାପତି ଚନ୍ଦନ ବେହେରା, କାଉନ୍ସିଲର ଭିକି ନାୟକ, ସଲିମ ରାଠୋର, ବୀର ସିଂ ମାଝି, ଶୁକଦେବ ଗଣ୍ଡ , ଆମ୍ବେଦକର ମଞ୍ଚର ଜିଲ୍ଲା ସଭାପତି ଶରତ ଚନ୍ଦ୍ର ପାଣିଗ୍ରାହୀ, କଂଗ୍ରେସ ଦଳର ବିଧାୟକ ପାର୍ଥି ସନରାଜ ଗଣ୍ଡ ଓ ହାରାବତୀ ଗଣ୍ଡଙ୍କ ସମେତ ଶତାଧିକ ଲୋକେ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱର ମାଝି, ଉମରକୋଟ ତହସିଲଦାର ମେଗବାନ ବାଗ, ପୁଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏ, ଥାନାର ସମସ୍ତ କର୍ମଚାରୀ, ରାଇଘର, ଝରିଗାଁ, ଡାବୁଗାଇଁ ଥାନା ଆଇଆଇସି ଓ ପୋଲିସ ଫାର୍ସ ଉପସ୍ଥିତ ରହିଛନ୍ତି। ତେବେ ୩ ଟା ସୁଦ୍ଧା ପ୍ରଶାସନ ଘଟଣାର ସମାଧାନ କରିବାରେ ବିଫଳ ହେବା ପରେ ସବୁ ଆନ୍ଦୋଳନ କାରୀ ମାନେ ଉମରକୋଟ-ନବରଙ୍ଗପୁର ମୁଖ୍ୟ ରାସ୍ତାର ମେଡିକାଲ ଛକରେ ରାସ୍ତା ଅବରୋଧ କରିଥିଲେ। ସନ୍ଧ୍ୟାରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଆସି ଆନ୍ଦୋଳନ ସ୍ଥଳ ରେ ପହଞ୍ଚି ମୃତ ଛାତ୍ରୀଙ୍କ ପରିବାର ସହ ଆଲୋଚନା କରିଥିଲେ। ଏହି ସମୟରେ ସାଂସଦ ପ୍ରଦୀପ ମାଝୀ ଜିଲ୍ଲା ଶିକ୍ଷା ଅଧିକାରୀ ଓ ତହସିଲଦାର,ଏଡିଇଓ ପ୍ରକାଶ ମହାଲିକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ପାଇଁ ଆନ୍ଦୋଳନ କାରୀ ମାନେ ରାସ୍ତା ଅବରୋଧରୁ ହଟିବା ସହ ଛାତ୍ରୀଙ୍କ ମରଶରୀରକୁ ବ୍ୟବଚ୍ଛେଦ ପାଇଁ ରାଜି ହୋଇ ଯାଇଥିଲେ। ଉମରକୋଟ ତହସିଲଦାର ଓ ଆଇଆଇସିଙ୍କ ଉପସ୍ଥିତିରେ ଡାକ୍ତର ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକେ ମର ଶରୀରକୁ ନେବା ପାଇଁ ରାଜି ହୋଇଥିଲେ। ତେବେ ପ୍ରଶାସନ ପକ୍ଷରୁ ଯଦି କ୍ଷତି ପୂରଣ ବାବଦକୁ ଆର୍ଥିକ ସହାୟତା ଆସନ୍ତାକାଲି ସକାଳ ସୁଦ୍ଧା ଦିଆନଯାଏ ତାହେଲେ ଆସନ୍ତା କାଲି ଉମରକୋଟ ବନ୍ଦ କରାଯିବ ବୋଲି ସୂଚନା ପ୍ରଦାନ କରିଛନ୍ତି ପୂର୍ବତନ ସାଂସଦ ପ୍ରଦୀପ ମାଝୀ।।

# ବ୍ଲକ୍ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

କୋରାପୁଟ,୧୮ ।୧୧(ସମିସ): ଜିଲ୍ଲା ସଦର ମହକୁମାରେ କୋରାପୁଟ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝୀ, କୋରାପୁଟ ବିଡିଓ ଦେବାଶିଷ ଗୌଡ, କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ,ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ, ଏଡିଭିଓ ଡାକ୍ତର ପ୍ରକାଶ ମହାନ୍ତି, ଏସଡିଭିଓ ଡାକ୍ତର ସୁଦର୍ଶନ ସାହୁ,କୋରାପୁଟ ବ୍ଲକ୍ ଉପାଧ୍ୟକ୍ଷ ଶିବ ଗଲୋରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ସଫଳ ଚାଷୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଏଫଓ ଦିନେଶ ଟାକ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଡାକ୍ତର ଅକ୍ଷୟ କୁମାର ଜେନା ଏବଂ ମୋବାଇଲ ଭେଟେନାରୀ ୟୁନିଟର ଡାକ୍ତର ସାବିତ୍ରୀ ସିଂ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ପଡୋଶୀ ରାଜ୍ୟରୁ ମାଛ ଆମଦାନୀ କମ କରିବା ଏବଂ ନିଜସ୍ୱ ମାଛ ଉତ୍ପାଦନ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି।ଆଗମୀ ଦିନରେ ଏହାର ସୁଫଳ ମିଳିବ ବୋଲି ଜିଲ୍ଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ କହିଛନ୍ତି।କୋରାପୁଟ ଜିଲ୍ଲାରେ ୩୦୦ ହେକ୍ଟରରେ ନୂଆ ପୋଖରୀ ଏବଂ ୩୦ ହେକ୍ଟର ପୁରୁଣା ପୋଖରୀରେ ମାଛ ଚାଷ କରିବା ପାଇଁ ଚାଷୀ ମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୯୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ସେ କହିଛନ୍ତି।

# ୭୫ ୟୁନିଟ ରକ୍ତ ସଂଗ୍ରହ

ଜୟପୁର, ୧୮ ।୧୧ (ସମିସ): ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି ) ସପ୍ତାହ ପାଳନ ଅବସରରେ ଆଜି ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସମୁଦାୟ ୭୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଜିଲ୍ଲା ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଇଛି। ଏହି ଶିବିରରେ କୁଳାଧିପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିବା ସହ ରକ୍ତଦାତା ମାନଙ୍କୁ ପ୍ରମାଣପତ୍ର ସହିତ ସମ୍ମାନିତ କରିଥିଲେ। ବିଶ୍ୱବିଦ୍ୟାଳୟ ଏନସିସି ଅଧିକାରୀ କ୍ୟାପେଟନ ଲକ୍ଷ୍ମଣ ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନସିସି, ଏଏସଏସ, ଜୁନିୟର ରେଡକ୍ରସର ଛାତ୍ରଛାତ୍ରୀ ମାନେ ଯୋଗଦେଇ ରକ୍ତଦାନ କରିଥିଲେ। ଶିବିର ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ନାୟକ ନିଜେ ରକ୍ତଦାନ କରିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଶିବିରକୁ ସଫଳ କରିବାରେ କୋରାପୁଟ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ମହାସଂଘ ଏବଂ ଜୟପୁର ଏଚଡିଏଫସି ବ୍ୟାଙ୍କ ପକ୍ଷରୁ ସହଯୋଗ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ପି.ଜି କାଉନସିଲର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର, ମହିଳା ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ସନ୍ତୋଷୀ ମୁଣ୍ଡା, ଜିଲ୍ଲା ଚିକିତ୍ସାଳୟର ଡା. ରୀତ୍ୱିକ ପାଢୀ, ଯୁବ ରେଡକ୍ରସର ସମନ୍ୱୟକ ରୁସଭ୍ ସାହୁ, ଜ୍ୟୋତ୍ସ୍ନା ରାଓ ଏନଏସଏସର ଲୋକେଶ ପ୍ରଧାନ, ସୁକାନ୍ତି ଏ ଏବଂ ରକ୍ତଦାତା ପ୍ରବର୍ତ୍ତକ ପ୍ରମୋଦ ରାଉଳ, ପ୍ରମୋଦ ରାଉଳ ଓ ରକ୍ତ ଭଣ୍ଡାରର ସହଯୋଗୀ ବୁଲୁ ଗୌଡ଼, ଅଧ୍ୟାପକମାନେ ଅରୁଣ ରାଜ, ଜଳନ୍ଧର ସାହୁ, ଦୁର୍ଗା ପ୍ରସାଦ ପଣ୍ଡା ଓ ଅନ୍ୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜୟପୁର ରକ୍ତ ଭଣ୍ଡାର କର୍ମଚାରୀ ମାନେ ରକ୍ତ ସଂଗ୍ରହରେ ସହାୟତା କରିଥିଲେ।



# ଦୁଇ ବାଇକ୍ ମୁହାଁମୁହିଁ, ଦୁଇ ଗୁରୁତର

ବାଲିମେଳା/କୋରୁକୋଣ୍ଡା,୧୮ ।୧୧(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଗୋପବନ୍ଧୁ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଦୁଇ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ବାଲିମେଳା ସ୍ଥିତ ଡ୍ରଗ ଲାଇନ୍‌ରୁ ରାବାଣା ପାତ୍ର ଓ ତାଙ୍କ ପୁଅ ସୁଧାଂଶୁ ପାତ୍ର ଓ ବିନୋଦ ବାଘ ଏକ ବାଇକ୍ ଓଡି ୩୦ ଡି ୭୧୨୬ରେ ଚିତ୍ରକୋଣ୍ଡା ଅଭିମୁଖେ ବାହାରିଥିଲେ। ଠିକ ଏହି ସମୟରେ ଏନଏସି ପଟୁ ଅନ୍ୟ ଏକ ବାଇକ୍ ଓଆର ୦୭ଟି ୪୦୪୯ ରେ ଅଜିତ ଠିକାଦାର ଓ ବିଶ୍ୱଜିତ ନିର୍ଧା ଆସୁଥିବା ସମୟରେ ଗୋପବନ୍ଧୁ ଛକ ନିକଟରେ ମୁହାଁମୁହିଁ ହୋଇଥିଲେ। ଦୁର୍ଘଟଣାରେ ରାବାଣାଙ୍କର ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘଟଣା ସ୍ଥଳରେ ଉପସ୍ଥିତ ଥିବା ସାଧାରଣ ଲୋକ ୫ଜଣଙ୍କୁ ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଉଦ୍ଧାର କରି ବାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା ପରେ ରାବଣା ଓ ତାଙ୍କ ପୁଅ ସୁଧାଂଶୁଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ବେଳେ ଅନ୍ୟ ମାନଙ୍କୁ ଚିକିତ୍ସା ଚାଲୁ ରହିଛି। ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଓର୍କେଲ ପୁଲିସ ଏଏସଆଇ ସଞ୍ଜୀବ ଟାକିରୀ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ● ନାବାଳିକାଙ୍କୁ ବିବାହ ପରେ ଘରୁ ବାହାର କରିଦେବା ମାମଲା

# ଅଭିଯୁକ୍ତ ସ୍ୱାମୀ କୋର୍ଟ ଚାଲାଣ

ଜୟପୁର ୧୮ ।୧୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନାରେ ଗତ ୨୦୨୨ ମସିହାରେ ୧୬ ବର୍ଷିୟା ନାବାଳିକାଙ୍କୁ ବିବାହର ଦୀର୍ଘ ୩ ବର୍ଷ ପରେ ଘରୁ ବାହାର କରିଦେବା ନେଇ ମହିଳା ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାରେ ମହିଳା ଥାନା ପୁଲିସ ଆଜି ଅଭିଯୁକ୍ତ ସ୍ୱାମୀ କୋରାପୁଟ ଜିଲ୍ଲା ପଟାଙ୍ଗି ଗାଙ୍ଗାରାଜପୁର ଗ୍ରାମର ବସନ୍ତ ବାଙ୍କା (୨୪) ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ଗତ ୨୦୨୨ ମସିହାରେ ଅଭିଯୁକ୍ତ ଯୁବକ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ କରିଥିଲେ। ଦୀର୍ଘ ୩ ବର୍ଷ ପରେ ଅଭିଯୁକ୍ତ ସ୍ୱାମୀ ନିଜ ପତ୍ନୀଙ୍କୁ ବାପ ଘରରୁ ଅଧିକ ଯୌତୁକ ଆଣିବା ନେଇ ଶାରିରୀକ ଓ ମାନସିକ ନିର୍ଯାତନା ଦେବା ସହିତ ତାଙ୍କୁ ଘରରୁ ବାହାର କରିଦେଇଥିଲେ। ବର୍ତ୍ତମାନ ପୀଡିତା ନିଜ ବାପାଙ୍କ ଘରରେ ରହୁଥିବା ବେଳେ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏଥିନେଇ ମହିଳା ଥାନାରେ ନାବାଳିକା ଉତ୍ପୀଡନ, ଯୌତୁକ ଜନିତ ନିର୍ଯାତନା ମାମଲାରେ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଆଶ୍ରିତା ଖାଲ୍‌କୋ ପ୍ରକାଶ କରିଛନ୍ତି।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜାତୀୟ ବେଦିକ୍ ସେମିନାର ଶୁଭାରମ୍ଭ



କୋରାପୁଟ,୧୮ ।୧୧(ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟରେ ଜାତୀୟ ବେଦିକ ସେମିନାର ଉଦ୍‌ଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ଓ ମହର୍ଷି ସନ୍ଦୀପନୀ ରାଷ୍ଟ୍ରୀୟ ବେଦ ବିଦ୍ୟା ପ୍ରତିଷ୍ଠାନର ମିଳିତ ଆୟୋଜନରେ ହୋଇଥିବା ଏହି ସେମିନାର ତିନିଦିନ ଚାଲିବ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା,ଲାଲ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର କୁଳପତି ପ୍ରଫେସର ମୂରଲୀ ମନୋହର ପାଠକ ମୁଖ୍ୟ ଅତିଥି , ଓଡିଆ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସମ୍ମାନିତ ଅତିଥି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଂସ୍କୃତ ପ୍ରଫେସର ପାତଞ୍ଜାଳୀ ମିଶ୍ର ବକ୍ତା , ସିୟୁଓର ଅର୍ଥ ଅଧିକାରୀ ଦୁର୍ଯୋଧନ ସେଠୀ ଓ ସଂସ୍କୃତ ବିଭାଗର ଭାରପ୍ରାପ୍ତ ମୁଖ୍ୟ ତଥା ସେମିନାର ସମ୍ପାଦକ ଡ଼ଃ ନବୀନ କୁମାର ପ୍ରଧାନଙ୍କ ଉପସ୍ଥିତିରେ ସେମିନାରର ଉଦଘାଟନ କରିଥିଲେ। ପ୍ରଫେସର ପାଠକ କୋରାପୁଟ ଭଳି ସଂସ୍କୃତିକ ସମୃଦ୍ଧ ଅଞ୍ଚଳରେ ବେଦିକ ସେମିନାର ଆୟୋଜନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ବେଦକୁ ଦେଶର ଅମୂଲ୍ୟ ସମ୍ପଦ ବୋଲି ବାଖ୍ୟା କରିଥିଲେ। ପ୍ରଫେସର ପତଞ୍ଜାଳି ମିଶ୍ର ବେଦର ସାର୍ବଜନୀନ ଆଧାତ୍ମିକ ପ୍ରସଙ୍ଗିକତା ଏବଂ ତାହାଙ୍କ ସଠିକ୍ ଅଧ୍ୟୟନ ଓ ଉଚ୍ଚାରଣ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଉପସ୍ଥିତ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ଏକ ସାରସଂଗ୍ରହ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଡ. ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଡ. ସଞ୍ଜିବ ସର୍କାର ଧନ୍ୟବାଦ ଜଣାଇଲେ। ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂସ୍କୃତ ଶିକ୍ଷକ, ଶାସ୍ତ୍ରୀୟ ବିଦ୍ୱାନ ଓ ଛାତ୍ରଛାତ୍ରୀମାନେ ଉଦ†ାଟନୀ ସଭାରେ ଯୋଗ ଦେଇଥିବା ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।

# ଫାଟକ ଉଚ୍ଛେଦ ସହ ଶୁଳ୍କ ଆଦାୟ ବନ୍ଦ ପାଇଁ ନିର୍ଦ୍ଦେଶ

## ୫ ଜଣଙ୍କୁ ନୋଟିସ

ନନ୍ଦପୁର,୧୮ ।୧୧(ସମିସ): ଦୀର୍ଘ ମାସର ବ୍ୟବଧାନ ପରେ ନାଗେଶ୍ୱରୀ ପାହାଡ଼ ପାଦ ଦେଶରେ ଶୁଳ୍କ ଆଦାୟ ଫାଟକ ସ୍ଥାପନ ହୋଇଥିଲା। ପାହାଡ଼ ପାଦ ଦେଶରେ ଫାଟକ ସ୍ଥାପନ ସଂପୂର୍ଣ୍ଣ ଅବୈଧ ବୋଲି ନନ୍ଦପୁର ତହସିଲଦାର ତଥା ସ୍ଥାନୀୟ କାର୍ଯ୍ୟକାରିଣୀ ମାଜିଷ୍ଟ୍ରେଟ



ଦେବବ୍ରତ ମହାରଣା କହିବା ସହ ମଙ୍ଗଳବାର ବାଲଡ଼ା ନାଗେଶ୍ୱରୀ ପାହାଡ଼ ପାଦ ଦେଶରେ ପହଞ୍ଚି ବନ ସୁରକ୍ଷା କମିଟି ସହ ଆଲୋଚନା କରିବା ସହ ଅବୈଧ ଫାଟକ ଉଚ୍ଛେଦ କରିବା ସହ ପାହାଡ଼ ଉପରେକୁ ଯିବା ଆସିବା ଯାନବାହାନ ଉପରେ ଶୁଳ୍କ ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ନନ୍ଦପୁର ତହସିଲଦାର ଶ୍ରୀ ମହାରଣା ପାଡୁଆ ଥାନା ଏସ୍ଆଇ ଦୀପକ କୁମାର ବାରିକଙ୍କ ସହ ଏକ ପୁଲିସ୍ ଟିମ୍ ନେଇ ଘଟଣା ସ୍ଥଳରେ ପହଞ୍ଚି ବନ ସୁରକ୍ଷା କମିଟି ସହ ଫାଟକ ଉଚ୍ଛେଦ ନେଇ ଆଲୋଚନା କରିଥିଲେ । ତେବେ ବନ ସୁରକ୍ଷା କମିଟି ଦ୍ୱାରା ସ୍ଥାପନ ଶୁଳ୍କ ଆଦାୟ ଫାଟକ ଅବୈଧ ଥିବା ନେଇ ତହସିଲଦାର କମିଟିର ୫ ଜଣଙ୍କ ନାମରେ ନୋଟିସ୍ କରିବା ସହ ଫାଟକ ଉଚ୍ଛେଦ ନେଇ ନିର୍ଦ୍ଦେଶ କରିଛନ୍ତି। ତେବେ କମିଟି ପକ୍ଷରୁ ପେଶା ଆଇନ ବଳରେ ନିଜ ଅଞ୍ଚଳ, ଜଳ, ଜମି ଜଙ୍ଗଲ ଉପରେ ଅଞ୍ଚଳବାସୀଙ୍କ ଅଧିକାର ବୋଲି କହି ଦାବବିକରିଥିଲେ କମିଟି ସଦସ୍ୟ ମାନେ । ସେପଟେ ରାଜସ୍ୱ ଜମିରେ ଅବୈଧ କାର୍ଯ୍ୟକଳାପ ନେଇ ତହସିଲଦାର ଶ୍ରୀ ମହାରଣା ଶୁଳ୍କ ଆଦାୟ ବନ୍ଦ ସହ ଫଟାକ ଉଚ୍ଛେଦ ନେଇ ଯୁକ୍ତ କରିଥିଲେ।

## ● କୋଲାବ୍ ବ୍ରିଜ୍ ସୁରକ୍ଷା ନେଇ ରାସ୍ତାରୋକ୍

# ପ୍ରଶାସନର ପ୍ରତିଶ୍ରୁତି ପରେ ଓହରିଲା ସୁରକ୍ଷା ମଞ୍ଚ



ବୈପାରିଗୁଡ଼ା,୧୮ ।୧୧(ସମିସ): ପାତ୍ରପୁଟ ଲୁହାପୋଲ ସୁରକ୍ଷା ନେଇ ତାତିଲେ ଲୋକେ। ରାଜରାସ୍ତାକୁ ଓଲ୍ଲେଇଲେ ଏବଂ ୩ ଘଣ୍ଟିଆ ରାସ୍ତାରୋକ କଲେ। ସକାଳ ୭ଟାରୁ ଦିନ ଦଶଟା ପର୍ଯ୍ୟନ୍ତ ରାସ୍ତାରୋକ ହୋଇଥିଲା। ରାଞ୍ଚି- ବିଜୟୱାଡା ୩୨୬ ନମ୍ବର ଜତୀୟ ରାଜପଥ ପୋଲ ନିକଟରେ ରାସ୍ତା ଅବରୋଧ କରାଯାଇଥିଲା। ପ୍ରଶାସନ ପ୍ରତିଶ୍ରୁତି ପରେ ଆନ୍ଦାଳନରୁ ଓହରିଲା ସୁରକ୍ଷା ମଞ୍ଚ । ବୈପାରିଗୁଡା ବ୍ଲକର ମହୁଲି ପଞ୍ଚାୟତ ଅନ୍ତର୍ଗତ କୋଟା ଛକ ନିକଟରେ କଲବ ନଦୀ ଉପରେ ୧୯୩୧ ମସିହାରେ ବ୍ରିଟିଶ ସମୟରେ ଲୁହା ପୋଲ ନିର୍ମାଣ ହୋଇଥିଲା । କିନ୍ତୁ ବାରମ୍ବାର ପ୍ରତିଶୃତି ସତ୍ତ୍ୱେ ଏହାର ମରାମତି ହେଉନାହିଁ। ଆଜି ବୈପାରିଗୁଡା ସୁରକ୍ଷା ମଞ୍ଚ ଆଜି ରାସ୍ତାରୋକ କରିଥିଲେ। ରାସ୍ତାରୋକ ଖବର ପାଇ ବୈପାରିଗୁଡା ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ସ୍ନିଗ୍ଧା ଚୌଧୁରୀ ଏବଂ ଜାତୀୟ ରାଜପଥ ବିଭାଗ ଯନ୍ତ୍ରୀ ଗୌରାଙ୍ଗ ମାଝୀ ଘଟଣାସ୍ଥଳରେ ପହଞ୍ଚି ବୈପାରୀଗୁଡା ପୋଲିସ ଉପସ୍ଥିତିରେ ବୁଝାସୁଝା କରିଥିଲେ। ଜାନୁୟାରୀ ୧୫ ତାରିଖରୁ ନୂତନ ବ୍ରିଜ୍ କାମ ଆରମ୍ଭ ହେବା ସହ ବ୍ରିଟିଶ ଅମଳର କୋଲାବ ବ୍ରିଜର ମରାମତି କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକରୁ ଓହରିଥିଲା ସୁରକ୍ଷା ମଞ୍ଚ।

# ସ୍ୱୟଂ ସହାୟକ ଗ୍ରୁପ୍‌କୁ ଋଣ ଅର୍ଥ ପ୍ରଦାନ

ପାପଡାହାଣ୍ଡି, ୧୮ ।୧୧(ସମିସ): ପାପଡାହାଣ୍ଡି ସ୍ଥିତ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଠାରେ ପାପଡାହାଣ୍ଡି ବ୍ଲକ ହାତୀବେଡା ପଞ୍ଚାୟତ ଅନ୍ତର୍ଗତ କେରଣ୍ଡି ଗ୍ରାମର ଜିହବା ଜିରୀ ମହିଳା ସ୍ୱୟଂସହାୟକ ଦଳକୁ ପାପଡାହାଣ୍ଡି ଲ୍ୟାମ୍ପସର ଅନୁମୋଦନ କ୍ରମେ ବ୍ୟାଙ୍କ ମ୍ୟାନେଜର ସବିତା ମୁଣ୍ଡାରୀ, ଲ୍ୟାମ୍ପ୍ସ ସଭାପତି ସଦାଶିବ ନାୟକ, ଆକାଉଣ୍ଟାଣ୍ଟ ପ୍ରଶାନ୍ତ ଦାଶ, ଏମଡି ଇସ୍ମାଇଲ ସୋନଫୁଲ, ବିଆଇସି ମହେନ୍ଦ୍ର କୁମାର ଲେଙ୍କା, ଡିଓ ଅଭିଷେକ ପଟ୍ଟନାୟକଙ୍କ ଉପସ୍ଥିତିରେ ଏକ ଲକ୍ଷ ତିରଶ ହଜାର ଟଙ୍କା ଋଣ ଅର୍ଥ ପ୍ରଦାନ କରାଯାଇଛି, ଏହି ଅର୍ଥକୁ ମହିଳା ସଂଘ ନେଇ ବ୍ୟବସାୟରେ ବିନିଯୋଗ କରି ମାସିକ କିସ୍ତିରେ ପରଶୋଧ କରିବେ ବୋଲି ପ୍ରକାଶ କରିଛନ୍ତି।

# ନିଶାମୁକ୍ତ ଭାରତ ନେଇ ଶପଥ ପାଠ

ଜୟପୁର ୧୮ ।୧୧ (ସମିସ): ଜୟପୁର ପୌରସଂସ୍ଥାର ସମ୍ମିଳନୀ କକ୍ଷ ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରଦାନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟପୁର ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଏ, ଶଶ୍ୟା ରେ‡, ଉପାଧ୍ୟକ୍ଷା ବି ସୁନିତା, ଅତିରିକ୍ତ ପୌର କାଯ୍ୟନିର୍ବାହୀ ଅଧିକାରୀ ପୁଜା ରାଉତ ଉପସ୍ଥିତ ରହି କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଜୟପୁର ପୌରାଞ୍ଚଳରେ ୧୮୬ ହୀତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ଅବସରରେ କୋରାପୁଟ ଜିଲାକୁ ନିଶାମୁକ୍ତ କରିବାକୁ ସଂକଳ୍ପ ନିଆଯାଇଛି।।

# ଆମ୍ବାଗୁଡାର ଜବରଦଖଲ ଜମିକୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ପ୍ରଦାନ ଦାବି

ଜୟପୁର, ୧୮ ।୧୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟକୁ ଗତକାଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ବିଭାଗ ପକ୍ଷରୁ ସ୍ଥାୟୀନୀ ତହସିଲ ରଣ୍ଡାପାଲ୍ଲୀ ମୌଜାର ୪୦ ଏକର ଜମି ପ୍ରଦାନ କରିଛନ୍ତି। ଏହି ଜମିରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନ, ବିଭିନ୍ନ ବିଭାଗର ପାଠ୍ୟକ୍ରମ ଭବନ, ଖେଳପଡିଆ, ସମ୍ମିଳନୀ କକ୍ଷ, ଅଡିଟରିୟମ ପ୍ରଭୃତି ନିର୍ମାଣ ହେବ। ସେହିପରି ପ୍ରାୟ ୩୦୦ ଶହରୁ ଉହରୁ କର୍ମଚାରୀଙ୍କ ବାସଭବନ, ସମ୍ମିଳନୀ କକ୍ଷ, ପାର୍କ, ସ୍ୱାସ୍ଥ୍ୟ କେନ୍ଦ୍ର, ପୁଲିସ ଫାଣ୍ଡି, ଡାକଘର, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ସ୍ଥାପନା ନିୟମ ଅନୁଯାୟୀ ଆବଶ୍ୟକ ଉବନ ଗୁଡିକ ନିର୍ମାଣ ପାଇଁ ୩୦ରୁ ୫୦ ଏକର ଜମି ଆବଶ୍ୟକତା କରୁଛି। ଏହିପରି ବିଶ୍ୱବିଦ୍ୟାଳୟର ଆବଶ୍ୟକ ଅନୁଯାୟୀ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରାଜସ୍ୱ ବିଭାଗ ନିକଟରେ ୭୦ରୁ ୭୨ ଏକର ଜମି ପାଇଁ ଆବେଦନ କରିଖଥିଲେ। ବର୍ତ୍ତମାନ ରଣ୍ଡାପାଲ୍ଲୀ ମୌଜାରେ ପ୍ରଦାନ କରଯାଇଥିବା ୪୦ ଏକର ପତିତ ଜମି ସଂଲଗ୍ନରେ ୩୦ ଏକର ଗୋଚର ଏବଂ ଜଙ୍ଗଲ ଜମି ରହିଥିଲେ ସୁଦ୍ଧା ହାକୁ ପ୍ରଦାନ କରିବାରେ ବିଭିନ୍ନ ସରକାରୀ ଓ ଆଇନଗତ ସମସ୍ୟା ସୃଷ୍ଟି ରହିଥିବା ଯୋଗୁଁ ରାଜସ୍ୱ ବିଭାଗ ପକ୍ଷରୁ କେବଳ ପତିତ ଜମି ପ୍ରଦାନ କରିଛନ୍ତି। କିନ୍ତୁ ବିଶ୍ୱବିଦ୍ୟାଳୟର ନୂତନ ଭବନ ଏବଂ ଅନ୍ୟାନ୍ୟ ଆନସଙ୍ଗିକ ଭିତ୍ତିଭୂମି ନିର୍ମାଣ ପାଇଁ ଆବଶ୍ୟକ କରୁଥିବା ପ୍ରାୟ ୩୦କୁ ୫୦ ଏକର ଜମି ଆବଶ୍ୟକ କରୁଛି। ଏହି ଜମି ରଣ୍ଡାପାଲ୍ଲୀ ମୌଜାର ନିକଟସ୍ଥ ଆମ୍ବାଗୁଡା ମୌଜାରେ ପୁରାତନ ଦଣ୍ଡକାରଣ୍ୟ ପ୍ରକଳ୍ପ ପାଇଁ ପ୍ରାୟ ୪୦ରୁ ୫୦ ଏକ ଜମି ରହିଛି। ଏଥିରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ନିର୍ମାଣ ହୋଇଥିବା ପୁରାତନ ଘର ରହିଛି। ଏହି ପ୍ରକଳ୍ପ ପ୍ରାୟ ୮୦ ଦଶକରେ ବନ୍ଦ ହୋଇଥିଲା , ସେତେବେଳେ ଏଥିରୁ କିଛି ଜମି ଓ ଘର ସରକାରୀ ଆଇଟିଆଇ ଏବଂ ଜଳସେଚନ ବିଭାଗ ପ୍ରଦାନ କରାଯାଇଛି। ବଳକା ରହିଥିବା ଘର ଓ ଜମିକୁ ଜବରଦଖଲକାରୀ ମାନେ ଦୀର୍ଘ ବର୍ଷ ହେଲାଣି ଜବରଦଖଲରେ ରଖିଛନ୍ତି। ଏହିପରି ଅନେକ ଗୃହରେ ଅସମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳୀ ସହିତ ଅନୈତିକ କାର୍ଯ୍ୟ କରାଯାଉଛି। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ କାର୍ଯାନୁଷ୍ଠାନ ସ୍ୱରୁପା ଉକ୍ତ ଜମି ଓ ଘରକୁ ଜବରଦଖଲକାରୀ ମାନଙ୍କ ନକିଟରୁ ଉଚ୍ଛଦ କରିବାକୁ ବୁଦ୍ଧିଜୀବି ଏବଂ ସାଧାରଣରେ ଦାବି ସହିତ ଏହାକୁ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରିବାକୁ ମତାମତ ଦେଇଛନ୍ତି। ଏହିପରି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପକ୍ଷରୁ ଆବଶ୍ୟକ ଜମି ନେଇ ପୁନଃର୍ବାର ଆବଦେନ କରିଯିବ ବୋଲି ସୂଚନା ମିଳିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଜାତୀୟ ଜଳସଞ୍ଚୟ ଜନ ଭାଗିଦାରୀ ୧.୦

# ରାୟଗଡ଼ା ଜିଲ୍ଲା ପୁରସ୍କୃତ, ଟ୍ରଫି ଗ୍ରହଣ କଲେ ସିଡିଓ



ରାୟଗଡା, ୧୮।୧୧(ସମିସ): ରାୟଗଡା ଜିଲ୍ଲା ଜଳ ସଞ୍ଚୟ ଜନ ଭାଗିଦାରୀ ୧.୦ ପୁରସ୍କାରରେ ଗୌରବାନ୍ୱିତ ହୋଇଛି। ଗତ ୨୦୨୪ ବର୍ଷରେ ଜାତୀୟ ସ୍ତରରେ ଅସାଧାରଣ ସଫଳତା ପାଇଁ ଭାରତ ବର୍ଷରେ ପୂର୍ବାଞ୍ଚଳର କ୍ୟାଟେଗୋରୀ-୩ ରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନକାରୀ ପାଇଁ ଶ୍ରେଷ୍ଠ ଜିଲ୍ଲା ଭାବେ ଜାତୀୟ ସ୍ତରରେ ଗୌରବ ଅର୍ଜନ କରିଛି। ଜିଲ୍ଲା ପକ୍ଷରୁ ଜିଲ୍ଲା ପରିଷଦ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଏବଂ ଜିଲ୍ଲା ନୋଡାଲ୍ ଅଫିସର (ଜେଏସଜେବି) ଜାତୀୟ ପୁରସ୍କାର (ସାଇଟେସନ୍, ଟ୍ରୋଫି ଏବଂ ନଗଦ ୨୫ ଲକ୍ଷ ଟଙ୍କା ରାଶି ) କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲଙ୍କଠାରୁ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତ ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ଏବଂ ବିଜେତାଙ୍କୁ ରାଷ୍ଟ୍ରୀୟ ଜଳ ପୁରସ୍କାର ୨୦୨୪ ପ୍ରଦାନ କରିଥିଲେ ।ଶ୍ରୀ ଖେମୁଣ୍ଡୁ ପୁରସ୍କାର ଗ୍ରହଣ ପରେ କହିଥିଲେ ଯେ ଏହି ସଫଳତା ରାୟଗଡା ଜିଲ୍ଲାର ସମଗ୍ର ଟିମ୍‌ର ସମନ୍ୱିତ ପ୍ରୟାସର ଫଳ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅଶୁତୋଷ କୁଲକର୍ଣ୍ଣି ଏହି ସଫଳତା ପାଇଁ ସମଗ୍ର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

# ମାଲ୍ୟବନ୍ତ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ଖଇରପୁଟ,୧୮ ।୧୧(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ ବ୍ଲକ ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଶେଷ ହୋଇଛି ।ଆସନ୍ତା ଡିସେମ୍ବର ମାସ ୫ତାରିଖରେ ଖଇରପୁଟ ବ୍ଲକରେ ହେବ ମାଲ୍ୟବନ୍ତ। ପୂର୍ବଥର ଭଳି ଏଥର ବି ଧୁମ୍‌ଧାମରେ ଏହି ଉତ୍ସବକୁ ପାଳନ କରିବା ପାଇଁ ବ୍ଲକ ଅଧ୍ୟକ୍ଷ ବିଘ୍ନ କିରସାନି ପ୍ରସ୍ତାବ ଦେବା ସହ ଆଦିବାସୀ ପରମ୍ପରା ଓ ବିଭିନ୍ନ ଆଦିବାସୀ ସଂଘର ପାରମ୍ପରିକ ନାଚ ଗୀତ ପାଇଁ ଆସିବାକୁ ଯୋଜନା କରାଯାଇଛି ବୋଲି ପ୍ରକାଶ କରିଥିଲେ। ସେହିପରି ଦାମଲଦେଇ ନଦୀରୁ କଳସ ଯାତ୍ରା ଆରମ୍ଭ କରି ନାଚ ଗୀତ ମାଧ୍ୟମରେ ଖେଳ ପଡ଼ିଆକୁ ସମସ୍ତେ ଆସିବା ପରେ ସନ୍ଧ୍ୟାରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ନିଷ୍ପତି ନିଆଯାଇଥିଲା। ଏହାସହ ଚଳିତ ବର୍ଷର ବିଶେଷ ଆକର୍ଷଣ ଭାବେ ଜଣେ ପ୍ରସିଦ୍ଧ କଣ୍ଠ ଶିଳ୍ପୀଙ୍କୁ କାର୍ଯ୍ୟକ୍ରମରେ ଆଣିବା ପାଇଁ ଯୋଜନା ରହିଥିବା କହିଛନ୍ତି ବ୍ଲକ ଅଧ୍ୟକ୍ଷ। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଉମାଶଙ୍କର କୋୟାଙ୍କ ସହ ବିଧାୟକ ପ୍ରତିନିଧି ନିର ରାଜୁ ଓ ବ୍ଲକର ସମସ୍ତ ସରପଞ୍ଚଙ୍କ ସହ ବିଭିନ୍ନ ବିଭାଗ ର ଅଧିକାରୀ ଉପସ୍ଥିତ ରହି ନିଜର ମତ ବ୍ୟକ୍ତ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ



ପଦ୍ମପୁର,୧୮।୧୧(ସମିସ): ସରସ୍ୱତୀ ଶିଶୁ ମନ୍ଦିର, ଶାରଦା ବିହାର ପଦ୍ମପୁର ଠାରେ ରଜତ ଜୟନ୍ତୀ ଅବସରରେ ଶିଶୁ ମନ୍ଦିରର ୨୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ରୂପେ ପଦ୍ମପୁର ଗ୍ରାମ ପଞ୍ଚାୟତ ସରପଞ୍ଚ କଣ୍ଡାଗରୀ ପ୍ରକାଶ ଏବଂ ସମ୍ମାନିତ ଅତିଥି ରୂପରେ ବ୍ଲକ୍ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ରହି କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଗୁରୁଜୀ ରାଧାକୃଷ୍ଣ ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ୧୩୨ ଜଣ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୧ମ ସ୍ଥାନ ହୋଇଥିବା ଶିଶୁ ମାନେ ଆଗାମୀ ସଂକୁଳ ସ୍ତରୀୟ କ୍ରିଡାରେ ଯୋଗଦାନ କରିବେ। ସମସ୍ତ ଖେଳକୁ ଅନୁଷ୍ଠାନ ସମସ୍ତ ଗୁରୁଜୀ ଓ ଗୁରୁମା ପରିଚାଳନା କରିଥିଲେ। ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ସନ୍ତୋଷ ସାହୁ ଖେଳର ପରିଚାଳନା କରିଥିଲେ।

## ବାଲଡ଼ା ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଘଟଣା

# ଦସ୍ତଖତ ଯାଞ୍ଚ ବେଳେ ଆସିଲେନି ଅଧାରୁ ଅଧିକ ୱାର୍ଡ ସଭ୍ୟ

ନନ୍ଦପୁର, ୧୮ ।୧୧ (ସମିସ): ବହୁ ଚର୍ଚ୍ଚିତ ନନ୍ଦପୁର ବ୍ଲକ ଅନ୍ତର୍ଗତ ବାଲଡ଼ା ଗ୍ରାମପଞ୍ଚାୟତ ସରପଞ୍ଚ ବିକ୍ରମ ସୀସାଙ୍କ ଅନାସ୍ଥା ପ୍ରସ୍ତାବ ଘଟଣାରେ ମଙ୍ଗଳବାର ୱାର୍ଡମେମ୍ବର ମାନଙ୍କ ଦସ୍ତଖତ ନମୁନା ଯାଞ୍ଚ କରାଯାଇଛି। ବାଲଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ସମୟରେ ଉପଖଣ୍ଡ ପଞ୍ଚାୟତ ଅଧିକାରୀ ନିଲାମ ମାନସୀ ଭାତ୍ରା, ନନ୍ଦପୁର ବ୍ଲକ ଜିପିଡିଓ ଦିବାକର ପୁରୋହିତ, ନିର୍ବାହୀ ଅଧିକାରୀ ନବ ହନ୍ତାଳ, ସରପଞ୍ଚ ବିକ୍ରମ ସୀସାଙ୍କ ଉପସ୍ଥିତିରେ ଦସ୍ତଖତ ନମୁନା ଯାଞ୍ଚ ଆରମ୍ଭ ହୋଇଥିଲା। ତେବେ ବାଲଡ଼ା ଗ୍ରାମପଞ୍ଚାୟତର ସମସ୍ତ ୱାର୍ଡମେମ୍ବର୍ ମଧ୍ୟରୁ ମାତ୍ର ତିନି ଜଣ ୱର୍ଡ ମେମ୍ବର ଉପସ୍ଥିତ ରହି ନିଜ ଦସ୍ତଖତ ନମୁନା ଯାଞ୍ଚ ଦେବା ସହ ସରପଞ୍ଚ ଶ୍ରୀ ସୀସାଙ୍କ ବିପକ୍ଷରେ ଅନାସ୍ଥା ଆଗତ ସେମାନଙ୍କର ନଥିଲା ବୋଲି କହିବା ସହ ସରପଞ୍ଚ ଶ୍ରୀ ସୀସା ଭଲ ସରପଞ୍ଚ ବୋଲି ଉପଖଣ୍ଡ ପଞ୍ଚାୟତ ଅଧିକାରୀ ନିଲାମ ଭତ୍ରାଙ୍କୁ ଲିଖିତଭାବେ ପତ୍ର ମାଧ୍ୟମ ରେ ଜଣାଇଛନ୍ତି। ଅନ୍ୟପଟେ ୧୧ ଜଣ ୱାର୍ଡ ମେମ୍ବରଙ୍କ ମଧ୍ୟରୁ ମାତ୍ର ତିନି ଜଣ ୱାର୍ଡ ମେମ୍ବର ଉପସ୍ଥିତ ରହି ନିଜ ଦସ୍ତଖତର ନମୁନା ଯାଞ୍ଚ କରାଇ ଥିବା ବେଳେ ଆଠ ଜଣ ୱାର୍ଡ ମେମ୍ବର ପକ୍ରିୟାରେ ଯୋଗ ଦେଇନଥିବା ସୂଚନା ମିଳିଛି । ୱାର୍ଡ ମେମ୍ବର ମାନେ ଦେଖା ନ ମିଳିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ଦିଲଖୁସ୍ ବସ୍ ମାଲିକଙ୍କ ପରଲୋକ

## ଘରୋଇ ବସ୍ ମାଲିକ ସଂଘର ଶୋକ



ମାଲକାନଗିରି,୧୮ ।୧୧(ସମିସ): ମାଲକାନଗିରିର ସୁପରିଚିତ ବସ୍ ଦିଲଖୁସ୍‌ର ମାଲିକ ତଥା ପୂର୍ବତନ ଓଡ଼ିଶା ବସ୍ ମାଲିକ ସଂଘ ସଭାପତି ଦେବବ୍ରତ ପଟ୍ଟନାୟକଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ମାଲକାନଗିରି ଜିଲ୍ଲା ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ଓ ବସ୍ କର୍ମଚାରୀ ମାନେ ସଂଘ କାର୍ଯ୍ୟାଳୟରେ ଶୋକସଭା ଆୟୋଜନ କରିଥିଲେ। ଏହି ଶୋକ ସଭାରେ ସମ୍ପାଦକ ଅଶୋକ ରାଉତ, ଉପ ସଭାପତି ସପନ ଦତ୍ତ, କାର୍ଯ୍ୟକାରୀ ସଭାପତି ରାଜେଶ ରାଉତ ସହ ସମ୍ପାଦକ କେଦାର ଦାସ, ସଂଘର ମୁଖ୍ୟ ଉପଦେଷ୍ଟା ଛବି ଦାସ ଓ ସଂଘର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ମୃତ୍ୟୁ ବେଳକୁ ସ୍ୱର୍ଗତ ପଟ୍ଟନାୟକଙ୍କ ବୟସ ୮୭ ବର୍ଷ ହୋଇଥିଲା। ଦୁଇବର୍ଷ ହେବ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



କଲ୍ୟାଣସିଂହପୁର,୧୮।୧୧(ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ମହକୁମାର ରଥପଡିଆ ଠାରେ ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଛି।ଏଥିରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ମୃଣ୍ମୟ ପଣ୍ଡା ଙ୍କ ସଭାପତିତ୍ୱ ଓ ମୁଖ୍ୟ ବକ୍ତା ଭାବେ ରହିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଷମକଟକ ବିଧାୟକ ନୀଳମାଧବ ହିକକା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡେପୁଟି ଡାଇରେକ୍ଟର ଜିଲ୍ଲା ପଶୁ ଚିକିତ୍ସକ ବିରଞ୍ଚି ନାରାୟଣ ମିଶ୍ର ରହିଥିବା ବେଳେ ବ୍ଲକ ଅଧ୍ୟକ୍ଷା ଅମ୍ରିତା କାଡ୍ରାକା, ସାଂସଦ ପ୍ରତିନିଧି କୁମାରସ୍ୱାମୀ କୌଶଲ୍ୟା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ଅଶୋକ କୁମାର ବେହେରା, ଅତିରିକ୍ତ ଜିଲ୍ଲା ପ୍ରାଣିଚିକିତ୍ସା ଅଧିକାରୀ ଡକ୍ଟର ପ୍ରବୀର କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାମତ୍ସ୍ୟଅଧିକାରୀ ପ୍ରୀତିନନ୍ଦା ପଟ୍ଟନାୟକ, କଲ୍ୟାଣସିଂହପୁର ବ୍ଲକ ପଶୁ ଚିକିତ୍ସକ ଡ଼ଃ ସୁଶୀଲ କୁମାର ସେଠୀ ସମ୍ମାନୀୟ ଅତିଥି ଭାବେ ମଞ୍ଚାସିନ ରହିଥିଲେ। ଏହାକୁ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଉତ୍ତମ ଦାସ ମଞ୍ଚପରିଚାଳନା ଓ ଅତିଥିଙ୍କ ସ୍ୱାଗତ କରିଥିବା ବେଳେ ହିନ୍ଦୁସ୍ଥାନି ଓଡିଶୀ ସଂଗୀତ ଓ ନାଚ ଶିକ୍ଷକ ପ୍ରକାଶ ଚନ୍ଦ୍ର ମୁଦୁଲି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏଥିରେ ୮ଜଣ ଚାଷୀ ଗୋପାଳନ ପାଇ ରାଙ୍ଗନା ଦୋରା, ମାଛ ଚାଷ ରେ ଧନସିଂ ତିମାକା, ମେଣ୍ଢା ପାଳନ ରେ ଯମୁନା ସାହୁକାର, ପୋଖରୀରେ ମାଛ ଚାଷ ପାଇଁ ଆଲମତି ମହିଳା ସ୍ୱୟଂ ସହାୟକ ଗୋଷ୍ଠି, କୁକୁଡ଼ା ପାଳନ ପାଇ କନ୍ୟାଆମା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସିମେଣ୍ଟ କୁଣ୍ଡ ରେ ମାଛ ଚାଷ କରି କଞ୍ଚାକା କ୍ରିଷ୍ଣା, କୁକୁଡ଼ା ପାଳନ ସରାଜ କୁମାର ଲକଡା, ମାଛ ଚାଷ ରେ ସୂର୍ଯ୍ୟ ନାରାୟଣ କଣ୍ଟୁ ଓ ପ୍ରକାଶ ଚନ୍ଦ୍ର ମୁଦୁଲିଙ୍କୁ ପ୍ରମାଣ ପତ୍ର ସହ ଏକ ହଜାର ଟଙ୍କା ଲେଖାଏଁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ଶେଷରେ ଗୋଷ୍ଠୀ ପଶୁ ଚିକିତ୍ସକ ସୁଶୀଲ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

# ଯାନବାହନ ଧରପଗଡ଼

ରାୟଗଡା/ରାମନାଗୁଡ଼ା,୧୮।୧୧(ସମିସ): ଶୂନ୍ୟ ମୃତାହତ ପକ୍ଷ ପାଳନ ଅବସରରେ ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ପୁଲିସ ପକ୍ଷରୁ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଯାନବାହନ କଡ଼ାକଡ଼ି ଯାଞ୍ଚ କରାଯାଇଛି। ମଙ୍ଗଳବାର ଦିନ ରାମନାଗୁଡ଼ା ଥାନା ସବ୍ ଇନ୍ସପେକ୍ଟର ବାବୁଲା ପ୍ରଧାନଙ୍କ ନେତୃତ୍ୱରେ ସଦଳବଳେ ରାୟଗଡ଼ା ଏବଂ ମୁନିଗୁଡ଼ା ଠାରୁ ଗୁଣୁପୁର ଓ ବ୍ରହ୍ମପୁରକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ସମସ୍ତ ପ୍ରକାର ଗାଡ଼ି ଅଟକାଇ ଯାଞ୍ଚ କରାଯାଇଛି। ଯେଉଁ ଗାଡ଼ି ଚାଳକ ଟ୍ରାଫିକ ନିୟମକୁ ପାଳନ କରୁ ନାହାନ୍ତି ସେମାନଙ୍କୁ ପୁଲିସ ପକ୍ଷରୁ ସଚେତନ କରାଯାଇଛି। ରାମନାଗୁଡା ପୁଲିସର ଏଭଳି ଯାନବାହନ ଯାଞ୍ଚକୁ ବୁଦ୍ଧିଜୀବୀ ମହଲରେ ସାଧୁବାଦ ଜ୍ଞାପନ କରାଯାଇଛି।

# ଆଦିବାସୀ ନେତା ସମ୍ମାନିତ




କାଳିମେଲା,୧୮।୧୧(ସମିସ) : ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ରେ ଜିଲ୍ଲାର ବିଶିଷ୍ଟ ଆଦିବାସୀ ନେତା ଡି ବିଶ୍ୱନାଥ ରେଡ୍ଡୀଙ୍କୁ ସମ୍ମାନିତ କରାଯାଇଛି। ଶ୍ରୀ ରେ‡ୀ ଅଞ୍ଚଳର ବିକାଶ ସହ ସାଧାରଣ ଜନତାଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସେମାନେ କେମିତି ମୌଳିକ ଅଧିକାରରୁ ବଞ୍ଚିତ ନ ହୁଅନ୍ତୁ, ସେଥିପତି ଧ୍ୟାନ ଦେବା ସହ ଅଞ୍ଚଳର ଜନସାଧାରଣଙ୍କ ବିଭିନ୍ନ ଅସୁବିଧା ସମୟର ସାଥି ହୋଇ ତାଙ୍କ ନିକଟରେ ରୁହନ୍ତି। ଶ୍ରୀ ରେ‡ୀଙ୍କୁ ସମ୍ମାନିତ କରାଯାଇଥିବାରୁ ବର୍ତ୍ତମାନ ଅଞ୍ଚଳର ଜନସାଧାରଣଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି।

# ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ମେଳା



ଚନ୍ଦ୍ରପୁର,୧୮।୧୧(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବାଲ ବୈଜ୍ଞାନିକ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ବିଜ୍ଞାନଭିତ୍ତିକ ମଡେଲ ପ୍ରସ୍ତୁତ କରି ଷ୍ଟଲ୍ ଗୁଡ଼ିକରେ ପ୍ରଦର୍ଶିତ କରାଯାଇ ଥିଲା। ଏହି ମେଳାରେ ୧୫ରୁ ଅଧିକ ବିଦ୍ୟାଳୟ ଯୋଗଦେଇ ମେଳାର ଆନନ୍ଦ ଉଠାଇଥିଲେ। ଉକ୍ତ ମେଳାରେ ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କଇନ କିମ୍ବାକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଷ ଶବର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ମେଳାରେ ଉତ୍ତମ ପ୍ରଦର୍ଶନ କରିଥିବା ସାତ ଗୋଟି ପ୍ରକଳ୍ପକୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରିବା ସହିତ ଜିଲ୍ଲା ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ଭାଗନେବା ପାଇଁ ମନୋନୀତ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାର ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସିଙ୍ଗନା ତାଡିଙ୍ଗ, ଉମାକାନ୍ତ ମିଶାଲ ଉପସ୍ଥିତ ଥିଲେ। ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷ କେଶବ ବେହେରା ମଣ୍ଡଳ ପ୍ରତିଯୋଗିତାକୁ ପରିଚାଳନା କରିବା ସହିତ ସମସ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ଶିକ୍ଷକ ମନମୋହନ ମଲ୍ଲିକ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ଗୁଡାରୀ,୧୮।୧୧(ସମିସ): ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳ ଗୁଡାରୀ ଟାଉନ୍ ହଲରେ ମଙ୍ଗଳବାର ଦିନ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସନତ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଡାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସୁଚିସ୍ମିତା ବେହେରା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତି ଲକ୍ଷ୍ମୀ ଶବର ,ସାଂସଦ ପ୍ରତିନିଧି ମିନକେଶ୍ୱର ରାଓ, ଜିଲ୍ଲା ପରିଷଦ ପ୍ରତି କ୍ରାଷ୍କା, ଉପଖଣ୍ଡ ଜିଲ୍ଲା ଅଧିକାରୀ ଡକ୍ଟର ଆଲୋକ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ମୁଖ୍ୟ ପ୍ରାଣୀ ଅଧିକାରୀ ରାୟଗଡା ଡକ୍ଟର ବିପ୍ର ଚନ୍ଦ୍ର ବେହେରା, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଏମ୍ ପ୍ରତୀକ୍ଷ, ଜିଲ୍ଲା ମତ୍ସ୍ୟ ଅଧିକାରୀ ରାୟଗଡ଼ା ସୁଶାନ୍ତ କୁମାର ଗୌଡ ଉପସ୍ଥିତ ଥିବାବେଳେ ମଞ୍ଚ ପରିଚାଳନ କରିଥିଲେ ଏଲ୍ଆଇ ରାଜା ବାହିନୀପତି। ପ୍ରାଣୀପାଳକ ଓ ମତ୍ସ୍ୟଚାଷୀ ଭାଇଭଉଣୀମାନେ ବିଭିନ୍ନ ସରକାରୀ ଯୋଜନା କେମିତି ଚାଷି କାର୍ଯ୍ୟକାରି କରିବେ ନେଇ ମଞ୍ଚରେ ଉପସ୍ଥାପନା କରିଥିଲେ। ଏହି ମତ୍ସ୍ୟ ଓ ପଶୁପାଳନ ମେଳାରେ ପଦ୍ମାଳୟ ମାଛ କେନ୍ଦ୍ର(କିନିଡି), ମିଲେଟ୍ ମିଶିନ ଶକ୍ତି (ଅସଡ଼ା) ଉଦ୍ୟାନ କୃଷି ବିଭାଗ (ଗୁଡାରୀ ଶାଖା) ବତକ କୁକୁଡ଼ା ଏବଂ ଗୋପାଳନର ଷ୍ଟଲ୍ ଗୁଡିକ ସମସ୍ତ ଅତିଥି ବୁଲି ଦେଖିଥିଲେ। ମଞ୍ଚରେ ବ୍ଲକର ୯ଗୋଟି ପଞ୍ଚାୟତରୁ ୧୮୦ଜଣ ଚାଷୀଙ୍କ ମଧ୍ୟରୁ ୪ ଜଣ ସଫଳ ଚାଷୀ ଏବଂ ମତ୍ସ୍ୟ ପାଳନ ୪ଜଣ ଶ୍ରେଷ୍ଠ ଚାଷୀ ଙ୍କୁ ଅତିଥିମାନଙ୍କ ଦ୍?ାରା ପୁରସ୍କୃତ କରାଯାଇଛି କ୍ଷ ଏହା ବ୍ୟତିତ ପଶୁଚିକିତ୍ସା ଏବଂ ମତ୍ସ୍ୟ ବିଭାଗ ପକ୍ଷରୁ ୧୦ ଜଣ ଚାଷୀଙ୍କୁ ସବସିଡି ଚେକ୍ ଏବଂ ୬ଟି ଗୋହେଡ ପ୍ରଦାନ କରାଯାଇଥିଲା। ପୋଲିସ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଗୁଡାରି ଏସଆଇ ଶ୍ୟାମସୁନ୍ଦର ଅନ୍ୟମାନେ ନିୟୋଜିତ ଥିଲେ।

# ବ୍ଲକ୍‌ସ୍ତରୀୟ ଶିଶୁ ଅଧିକାର ସପ୍ତାହ




ଖଇରପୁଟ,୧୮ ।୧୧ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ଗ୍ରାମ ପଞ୍ଚାୟତ ଅଫିସଠାରେ ଏକତା ଅନୁଷ୍ଠାନ ଏବଂ ଚାଇଲ୍‌ଡ ଫଣ୍ଡ ମାଲକାନଗିରି ସହାୟତାରେ ବ୍ଲକ୍‌ସ୍ତରୀୟ ଶିଶୁ ଅଧିକାର ସପ୍ତାହ ପାଳନ କରାଯାଇଥିଲା। ଏହି ବୈଠକରେ ସ୍ଥାନୀୟ ଖଇରପୁଟ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଘ୍ନ କ୍ରିଶାନି, ବିରେନ୍ଦ୍ର କୁମାର ପ୍ରଧାନ ଅତିରିକ୍ତ ଶିକ୍ଷା ଅଧିକାରୀ, ସମାଜସେବୀ ଆନନ୍ଦ ଚାର୍କୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ମୁଖ୍ୟତଃ ଶିଶୁ ମାନଙ୍କର ୪ଟି ଅଧିକାର ବଞ୍ଚିବାର ଅଧିକାର, ସୁରକ୍ଷାର ଅଧିକାର, ବିକାଶର ଅଧିକାର ଓ ଅଂଶ ଗ୍ରହଣ କରିବାର ଅଧିକାର ଉପରେ ଆଲୋଚନା କରାଯାଇଥିଲା । ଏହି ବାଲ୍ୟ ବିବାହ, ବିଦ୍ୟାଳୟ ପାଠଛାଡିବା, ଶିଶୁ ଶ୍ରମିକ, ଅପପୃଷ୍ଟି, କମାଇବା ପାଇଁ ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠନ କରା ଯାଇଛି । ଶିଶୁ ଉପରେ ହେଉଥିବା ଅପରାଧକୁ କମାଇବା ପାଇଁ ଆଲୋଚନା କରାଯାଇଥିଲା। ଏହି ବୈଠକକୁ ଏକତା ସଂସ୍ଥାର କ୍ଷେତ୍ର ଅଧିକାରୀ ଅଭିମନ୍ୟୁ ରଗଡି ଏବଂ ଦୁର୍ଗା ପ୍ରସାଦ ଗୁରୁ ପରିଚାଳନା କରିଥିଲେ ।

# ଏକଲବ୍ୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଜାତୀୟସ୍ତରରେ କୃତିତ୍ୱ




ରାୟଗଡ଼ା, ୧୮।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମଆରଏସ) ର ଜାତୀୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ରାୟଗଡା ଇଏମଆରଏସର ଛାତ୍ରଛାତ୍ରୀ ମାନେ କୃତିତ୍ୱ ଅର୍ଜନ କରିଛନ୍ତି। ୧୯ ବର୍ଷରୁ କମ୍ ବୟସ ବର୍ଗରେ ଏକାଦଶ ଶ୍ରେଣୀର ଛାତ୍ର ଲିଙ୍ଗରାଜ ମାଝୀ ୧୦୦ ମିଟର, ୪୦୦ ମିଟର ହର୍ଡଲ୍ସ ରେ ସ୍ୱର୍ଣ୍ଣ ଓ ୨୦୦ ମିଟର ଦୌଡରେ ରୌପ୍ୟ ପଦକ ପାଇଥିବା ଜଣାପଡିଛି। ଏହା ସହ ଇଏମଆରଏସ ରାୟଗଡାର ଛାତ୍ରୀ କଲ୍ୟାଣୀ ମାଝି,ଆରତୀ ଜିଲାକାରା ଜାତୀୟ ହକି ଟୁର୍ଣ୍ଣାମେଣ୍ଟରେ ବିଜେତା ହୋଇ ସ୍ୱର୍ଣ ପଦକ ପାଇଛନ୍ତି। ସେହିଭଳି ଭଲିବଲ ବାଳିକା ବିଭାଗରେ ହୋଇଥିବା ୧୯ ବର୍ଷରୁ କମ ପ୍ରତିଯୋଗିତାରେ ରୂପାବତୀ ହୁଇକା ଓ ଅଞ୍ଜଳୀ ମାଣ୍ଡାଙ୍ଗି ଜାତୀୟ ଟିମ ସ୍ଥାନ ପାଇଁ ବିଦ୍ୟାଳୟ ପାଇଁ ବ୍ରୋଞ୍ଜ ମେଡାଲ ଆଣିଥିବା ଜଣାପଡିଛି। ରାୟଗଡା ଇଏମଆରଏସ ର ୭ ଜଣ ଛାତ୍ର ଓ ୫ ଜଣ ଛାତ୍ରୀ ଏହି ଜାତୀୟ ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀ ମାନେ ରାୟଗଡା ପହଞ୍ଚିବା ପରେ ସେମାନଙ୍କୁ ଆଡମ୍ବର ସହକାରେ ସ୍ୱାଗତ କରାଯାଇଥିଲା। ଏହି ସଫଳତା ହାସଲ ପରେ ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀ, ପ୍ରକଳ୍ପ ପ୍ରଶାସକ ରାୟଗଡା ଆଇଟିଡିଏ ଚନ୍ଦ୍ରକାନ୍ତ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ଛାତ୍ର ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନୂତନ ଗ୍ରାମପଞ୍ଚାୟତ ଗଠନ ଦାବି

# ୬ଟି ୱାର୍ଡର ୧୪ ଖଣ୍ଡ ଗ୍ରାମବାସୀଙ୍କ ଏଡିଏମ୍‌ଙ୍କୁ ଦାବିପତ୍ର

ରାୟଗଡ଼ା,୧୮।୧୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଡୁକୁମ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୬ଟି ୱାର୍ଡର ୧୪ଖଣ୍ଡ ଗ୍ରାମବାସୀ ଝିଆରୀ ଗ୍ରାମ ଠାରେ ନୂତନ ଗ୍ରାମପଞ୍ଚାୟତ ଗଠନ ଦାବି କରି ଆଜି ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲପାଳ ନବୀନ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଡୁକୁମ ଗ୍ରାମ ପଂଚାୟତ ଅନ୍ତର୍ଗତ ପିପିଲି, ବୁକୁରମସ୍କା, ରୂପାପଦର, ହୁରୁଲୁ, କାଚାପାଜୁ, ବଳଦଗୁଡା, ନାନ୍ଦି, ଝିଆରୀ, ମୁଣ୍ଡୁରୁମାସ୍କା, ଘୋଡାବାଙ୍ଗିରି, ମର୍ଚ୍ଛପାଡି,ଯୁଆପୋଡା, ବାଲାକୁପା ,ପିପଲପଙ୍ଗା ଭଳି ୬ଗୋଟି ୱାର୍ଡର ୧୪ଖଣ୍ଡ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି ଯେ, ୨୦୧୧-୨୦୧୨ ଜନଗଣନା ଅନୁଯାୟୀ ଉକ୍ତ ୧୪ଖଣ୍ଡ ଗ୍ରାମରେ ୩୮୬୮ ଜନସଂଖ୍ୟାର ବସତି ରହିଛି। ଝିଆରୀ ଗ୍ରାମରେ ନୂତନ ଗ୍ରାମପଞ୍ଚାୟତ ଗଠନ ପାଇଁ ଯଥେଷ୍ଟ ସରକାରୀ ଜମି ଉପଲବ୍ଧ ରହିଛି। ଉକ୍ତ ସମସ୍ତ ଗ୍ରାମ ମଧ୍ୟରୁ ଝିଆରୀ ଗ୍ରାମ ଭøଗୋଳିକ ଦୃଷ୍ଟିରୁ ମଝି କେନ୍ଦ୍ରବିନ୍ଦୁରେ ଅବସ୍ଥିତ ରହିଛି। ଏଠାରେ ନୂତନ ଗ୍ରାମପଞ୍ଚାୟତ ସ୍ଥାପନା କରାଗଲେ ୧୪ଖଣ୍ଡ ଗ୍ରାମର ବୟସ୍କ



ନାଗରିକ, ଦିବ୍ୟାଙ୍ଗ, ବିଧବାମାନେ ପ୍ରତିମାସରେ ଭତା ଆଣିବା ପାଇଁ ଡୁକୁମ ପଞ୍ଚାୟତ କାର୍ଯ୍ୟାଳୟ ଯାଏଁ ଆଉ ଯିବାକୁ ପଡିବ ନାହିଁ । କୌଣସି ପ୍ରକାର ଅସୁବିଧା ହେବନାହିଁ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ, ମାଣ୍ଡିଆ ବିଭିନ୍ନ ଜିନିଷ ପାଇଁ ମଧ୍ୟ ଜନସାଧାରଣଙ୍କ ପାଇଁ ସହଜ ଏବଂ ସୁବିଧା ହେବ ବୋଲି ଉଲ୍ଲେଖ କରିଛନ୍ତି। ଗ୍ରାମବାସୀମାନେ ଡୁକୁମ ଗ୍ରାମପଞ୍ଚାୟତକୁ ବିଭାଜନ କରି ଝିଆରୀ ଗ୍ରାମ ଠାରେ ନୂତନ ପଞ୍ଚାୟତ ସ୍ଥାପନା କରିବାକୁ ଦାବି କରି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ସମ୍ପାଦକୀୟ



କେବଳ ଟଙ୍କାପଇସା ହୋଇଗଲେ ସଫଳତା ମିଳିବ ନାହିଁ; ଟଙ୍କା ଉପାର୍ଜନ କରିବାର ସ୍ୱାଧୀନତା ଦ୍ୱାରା ହିଁ ସଫଳତା ମିଳିଥାଏ।
-ନେଲସନ ମଣ୍ଡେଲା

ସକାଳ
THE SAKALA

## ଜମି ଝାମେଲା

ଜମି କିଣାବିକା ସମ୍ପର୍କିତ ଦଲିଲ୍‌ର ପଞ୍ଜୀକରଣ(ରେଜିଷ୍ଟ୍ରେସନ୍ ଅଫ୍ ସେଲ୍‌ଫ ଡିଡ୍) ଉକ୍ତ ଜମିର ମାଲିକାନା ପ୍ରମାଣପତ୍ର ଭାବେ ସ୍ୱୀକୃତ ହେବ ନାହିଁ ବୋଲି ଦେଶର ସର୍ବୋଚ୍ଚ ଅଦାଲତ ଗତ ଏପ୍ରିଲ୍ ମାସରେ ଦେଇଥିବା ରାୟକୁ ପୁଣି ଗତ ୭ ତାରିଖରେ ଦୋହରାଇଛନ୍ତି। ସମ୍ମାନସ୍ପଦ ଅଦାଲତ ବିଭିନ୍ନ ଦୃଷ୍ଟିରୁ ତର୍ଜମା କରି ଉପରୋକ୍ତ ରାୟ ଦେଇଥିବେ। କିନ୍ତୁ ଏହାଦ୍ୱାରା ବିଚରା କ୍ରେତାଟିଏ ଯେଉଁ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛି ତାହା ବୋଧହୁଏ ଅଦାଲତଙ୍କ ଦୃଷ୍ଟିକୁ ଅଣାଯାଇନାହିଁ। ତୃଣମୂଳସ୍ତରରେ ଏଭଳି ଅନେକ ସମସ୍ୟା ରହିଛି, ଯାହାକୁ ଅଦାଲତଙ୍କ ଉପରୋକ୍ତ ରାୟ ଅଧିକ ଜଟିଳ କରିବାର ଆଶଙ୍କା ରହିଛି।

ସମ୍ପ୍ରତି ଜମିଜମା ସଂକ୍ରାନ୍ତରେ ପ୍ରଚଳିତ ଆଇନଗୁଡ଼ିକ ହେଲା ଟ୍ରାନ୍ସଫର ଅଫ୍ ପ୍ରପର୍ଟି ଆକ୍ଟ-୧୮୮୨(ଯାହା ବଳରେ ବିକ୍ରି, ଉପହାର, ଲିଜ୍ ଓ ମୋର୍ଟଗେଜ୍ ଆକାରରେ ଜମି ହସ୍ତାନ୍ତର କରାଯାଇପାରିବ), ଇଣ୍ଡିଆନ୍ ଷ୍ଟାମ୍ପ ଆକ୍ଟ-୧୮୯୯(ଯେଉଁଥିରେ ସରକାର ପଞ୍ଜୀକରଣ ବାବଦ ଟିକସରେ ଭାଗୀଦାର ହେବେ) ଓ ରେଜିଷ୍ଟ୍ରେସନ୍ ଆକ୍ଟ ୧୯୦୮(ଯାହା ବଳରେ ଦଲିଲ୍ ପଞ୍ଜୀକୃତ ହେବ)। ଉପରୋକ୍ତ ତିନିଟି ଯାକ କ୍ଷେତ୍ରରେ ସବ୍‌ରେଜିଷ୍ଟ୍ରାରଙ୍କ ପାଖରେ ପଞ୍ଜୀକୃତ ହେବା ବାଧ୍ୟତାମୂଳକ, ଯାହା ଫଳରେ କିଏ କାହାକୁ ବିକ୍ରି କଲା ତାହା ରେକର୍ଡଭୁକ୍ତ ହେବ। କିନ୍ତୁ ଜମିର ପ୍ରକୃତ ମାଲିକ କିଏ ତାହା ଏହି ପ୍ରକ୍ରିୟାରେ ପ୍ରମାଣିତ ହୋଇପାରିବ ନାହିଁ କି ସବରେଜିଷ୍ଟ୍ରାର ଜମିର ମାଲିକାନା ଆରୋପିତ କରିବା ପାଇଁ ଅଧିକୃତ ନୁହନ୍ତି।

ସାମ୍ପ୍ରତିକ ତଞ୍ଚକତାପୂର୍ଣ୍ଣ ଦୁନିଆରେ ଅସାଧୁ ଦଲାଲ୍‌ମାନେ ଗୋଟିଏ ଜମିକୁ ଏକାଧିକ ବ୍ୟକ୍ତିଙ୍କୁ ବିକ୍ରି କରିଦେଉଥିବାର ଉଦାହରଣ ବଢ଼ିବାରେ ଲାଗିଛି। ବାହୁବଳ, ଅର୍ଥବଳ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଟିଏ ଜମି ଉପରେ ଅଧିକାର ଜାହିର କରିପାରୁଥିବା ବେଳେ ନ୍ୟାୟପୂର୍ଣ୍ଣ ଓ ଆଇନାନୁମୋଦିତ ପ୍ରକ୍ରିୟାରେ କଷ୍ଟାର୍ଜିତ ଧନରେ ଜମି ଖଣ୍ଡିଏ କିଣିଥିବା ବିଚରା ସାଧାରଣ ଲୋକଟିଏ ସବୁଆଡ଼ୁ ନିରାଶ ହେଉଛି। ଏହି ଦୃଷ୍ଟିରୁ ସର୍ବୋଚ୍ଚ ଅଦାଲତଙ୍କ ରାୟ ସ୍ୱାଗତଯୋଗ୍ୟ। କିନ୍ତୁ ସମ୍ପ୍ରତି ଅସାଧୁ ଅମଲାମାନଙ୍କ କାରସାଦୀରେ ବିଚରା ସାଧାସିଧା ଲୋକଟିଏ ଜମି କିଣିବା ପରେ ମଧ୍ୟ ପଟା ବା ମ୍ୟୁଟେସନ୍ ପ୍ରମାଣପତ୍ର ପାଇବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ୁଛି। ଯଦି ସେ ଏହା ମଝିରେ ଆର୍ଥିକ ଆବଶ୍ୟକତା ପାଇଁ କିଣିଥିବା ଜମି ଖଣ୍ଡିକ ବିକିବାକୁ ଚାହେଁ ତେବେ ସର୍ବୋଚ୍ଚ ଅଦାଲତଙ୍କ ଉପରୋକ୍ତ ରାୟ ଆଧାରରେ ମାଲିକାନା ପାଇ ନଥିବାରୁ ବିକ୍ରି କରିବାର ଯୋଗ୍ୟ ହେବ କି ନାହିଁ ତାହା ଆଇନଗତ ଜଟିଳତା ସୃଷ୍ଟି କରିବ। ଫଳରେ ମହତ୍ ଉଦ୍ଦେଶ୍ୟରେ ଅଦାଲତ ଦେଇଥିବା ରାୟ ଗରିବ ଲୋକଟିର ବିପକ୍ଷରେ ଯିବ। ଏଣୁ ଆମେ ଅଦାଲତଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ତୃଣତୂଳସ୍ତରର ସମସ୍ୟାକୁ ହୃଦୟଙ୍ଗମ କରି ରାୟ ଯେପରି ଗରିବ ଅସହାୟ ଲୋକଟିର ହିତରେ ଆସିପାରିବ ସେଭଳି ପଦକ୍ଷେପ ନିଅନ୍ତୁ। ଆବଶ୍ୟକ ହେଲେ ଆଇନ ମିତ୍ରମାନେ ଏ ଦିଗରେ ସର୍ବୋଚ୍ଚ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରି ରାୟରେ ବିହିତ ସଂଶୋଧନ ପାଇଁ ସାଧୁ ଉଦ୍ୟମ କରିପାରିବେ।

## ହସିନା-ଅଡୁଆ ବଢ଼ିଲା

ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସେଠାକାର ଏକ ଅଦାଲତ ଫାଶୀ ଦଣ୍ଡାଦେଶ ଶୁଣାଇବା ପରେ ଭାରତ ପାଇଁ ଅଡୁଆ ବଢ଼ିଛି। ଆନ୍ତର୍ଜାତିକ ଆଇନ୍ ଓ ଭାରତ-ବାଂଲାଦେଶ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତ ହସିନାଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ବାଧ୍ୟ ନୁହେଁ। କିନ୍ତୁ କୂଟନୈତିକ ସମ୍ପର୍କର ସୁରକ୍ଷା ଦୃଷ୍ଟିରୁ ଅନୌପଚାରିକ ପ୍ରତ୍ୟର୍ପଣ ଭାରତ ପାଇଁ ଅଧିକ ନୈତିକ ତର୍କସମ୍ମତ ବୋଲି ମତ ପ୍ରକାଶ ପାଉଛି। ଅପରପକ୍ଷରେ ଯଦି ହସିନାଙ୍କୁ ପ୍ରତ୍ୟର୍ପଣ କରାଯାଏ ତେବେ ବାଂଲାଦେଶର ମୌଳବାଦୀ ଶକ୍ତି ଆଗରେ ଭାରତ ମୁଣ୍ଡ ନୁଆଁଇବା ଭଳି ହେବ ଏବଂ ସେହିଦେଶରେ ବର୍ତ୍ତମାନ ସକ୍ରିୟ ଗଣତନ୍ତ୍ର ବିରୋଧୀ ମୌଳବାଦୀ ସଂଗଠନ ପ୍ରରୋଚିତ କାମଚଳା ସରକାରଙ୍କୁ ସୁହାଇବ। ତେଣୁ ଶେଖ ହସିନାଙ୍କୁ ପ୍ରତ୍ୟର୍ପଣ କରି ଭାରତ ତାଙ୍କ ସହିତ ୧୫ ବର୍ଷର ସମ୍ପର୍କକୁ କୁଠାରଘାତ କରିବା ଭଳି ପଦକ୍ଷେପ ନେବ କି ନାହିଁ ତାହା ଉପରେ ମଧ୍ୟ ବିତର୍କ ଆରମ୍ଭ ହୋଇଛି।

ଭାରତ ପାଖରେ ଏଭଳି ଅନେକ ବିକଳ୍ପ ରହିଛି, ଯାହା ବଳରେ ହସିନାଙ୍କୁ ପ୍ରତ୍ୟର୍ପଣ ପାଇଁ ବାଧ୍ୟ ନୁହେଁ। ଭାରତ-ବାଂଲାଦେଶ ମଧ୍ୟରେ ୨୦୧୩ରେ 'ପଳାତକ ପ୍ରତ୍ୟର୍ପଣ ଚୁକ୍ତି' ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ୨୦୧୬ରେ କେତେକ ସଂଶୋଧନ କରାଯାଇଥିଲା। ଏହି ସଂଶୋଧିତ ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ କେବଳ ସେହି ପଳାତକଙ୍କୁ ପ୍ରତ୍ୟର୍ପଣ କରାଯିବ, ଯାହାଙ୍କୁ ଉଭୟ ଦେଶର ସ୍ଥାନୀୟ ଅଦାଲତ ଦୋଷୀ ସାବ୍ୟସ୍ତ କରି ଅନ୍ୟୁନ ଏକବର୍ଷରୁ ଊର୍ଦ୍ଧ୍ୱ ସଶ୍ରମ କାରାଦଣ୍ଡ ସହିତ ଜୋରିମାନାରେ ଦଣ୍ଡିତ କରିଥିବ। ସେହିପରି ହସିନା ରାଜନୈତିକ ଆଶ୍ରୟ ନେଇଥିଲେ ମଧ୍ୟ ତାଙ୍କୁ ବର୍ତ୍ତମାନ ଶରଣାର୍ଥୀ ଭାବରେ ବିବେଚନା କରାଯାଇପାରିବ। କାରଣ ଜାତିସଂଘର 'ରେଫ୍ୟୁଜି କନ୍‌ଭେନ୍‌ସନ୍ ୧୯୫୧' ଏବଂ '୧୯୬୭ ପ୍ରୋଟୋକଲ୍'ର ନିର୍ଦ୍ଧାରିତ ସଂଜ୍ଞା ଅନୁଯାୟୀ - ସେହି ଦେଶାନ୍ତରିତ ବ୍ୟକ୍ତି ଯିଏ ଆଇନଗତ କାର୍ଯ୍ୟାନୁଷ୍ଠାନ କିମ୍ବା ପରିସ୍ଥିତିକୁ ଭୟ କରି କିମ୍ବା ଜୀବନପ୍ରତି ବିପଦ ଆଶଙ୍କା କରି ସ୍ୱଦେଶ ଫେରିବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ପାଖରେ ଫେରିବାର ସୁଯୋଗ ନାହିଁ କିମ୍ବା ସ୍ୱଦେଶର ନାଗରିକତ୍ୱ ପରିତ୍ୟାଗ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ରେଫ୍ୟୁଜି ବା ଶରଣାର୍ଥୀ ଭାବେ ଅଭିହିତ କରାଯିବ। ହସିନାଙ୍କ କ୍ଷେତ୍ରରେ ଉପରୋକ୍ତ ସଂଜ୍ଞା ଲାଗୁ ହେଉଥିବାରୁ ଆନ୍ତର୍ଜାତିକ ଆଇନ ଭାରତ ସପକ୍ଷରେ ଅଛି।

ଏ ସବୁର ଊର୍ଦ୍ଧ୍ୱରେ ସାମ୍ପ୍ରତିକ ଦ୍ରୁତପରିବର୍ତ୍ତନଶୀଳ ଭୂ-ରାଜନୈତିକ ଓ କୂଟନୈତିକ ସ୍ଥିତି ଦୃଷ୍ଟିରୁ ହସିନା ପ୍ରସଙ୍ଗ ଭାରତ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦଲାଇ ଲାମାଙ୍କୁ ରାଜନୈତିକ ଆଶ୍ରୟ ଦେଇ ଭାରତ ଯେପରି ଚୀନ୍ ଯୁଦ୍ଧର ସମ୍ମୁଖୀନ ହୋଇଥିଲା ତାହାର ପୁନରାବୃତ୍ତି ଶେଖ୍ ହସିନାଙ୍କ ପ୍ରସଙ୍ଗରେ ହେବା ଅସମ୍ଭବ ନୁହେଁ। ସାମରିକ ଶକ୍ତି ଦୃଷ୍ଟିରୁ ବାଂଲାଦେଶ ଏକ ଦୁର୍ବଳ ରାଷ୍ଟ୍ର ହୋଇଥିଲେ ମଧ୍ୟ ଚୀନ୍ ଓ ପାକିସ୍ତାନ ଶରଣରେ ଥିବାରୁ ବଳଶାଳୀ ହେବାକୁ ଅଧିକ ସମୟ ଲାଗିବ ନାହିଁ। ଏହି ସୁଯୋଗରେ ବାଂଲାଦେଶକୁ ମୋହରା କରି ଚୀନ୍ ଓ ପାକିସ୍ତାନ ଉତ୍ତର-ପୂର୍ବ ଦିଗରୁ ଭାରତ ପ୍ରତି ବିପଦ ସୃଷ୍ଟି କରିପାରନ୍ତି। ଇତିମଧ୍ୟରେ ବାଂଲାଦେଶର କାମଚଳା ସରକାରଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଉଗ୍ର ହେଉଛି। ତେଣୁ ହସିନା ପ୍ରସଙ୍ଗରେ ଅଧିକ ଆକ୍ରମଣାତ୍ମକ ହେବା ଅସ୍ୱାଭାବିକ ନୁହେଁ। ଭାରତ ଯେଉଁ ଦେଶକୁ ଜନ୍ମ ଦେଇଥିଲା ସେହି ଦେଶଠାରୁ ପୁଣି ଏକ ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ଭଳି ପରିସ୍ଥିତି ସୃଷ୍ଟି ନ ହେଉ।

# ଛଦ୍ମ-ରାଜନୀତିର କପଟ-ରୋମାଞ୍ଚ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ରୋମାଞ୍ଚ ଅନୁଭବ କରିବା, ସାଦା ଭାଷାରେ କହିଲେ ଲୋମଟାଙ୍କୁରା ସୀତ୍କାରଟିଏ ଅନୁଭବ କରିବା ଆଦୌ ଏମିତି କିଛି ବିରଳ ଅନୁଭବଟିଏ ନୁହେଁ। ଏମିତି ବି କୁହାଯାଇପାରେ ସବୁ କିସମର ମାନବିକୀ ପ୍ରତିକ୍ରିୟାମାନଙ୍କ ଭିତରେ ଏ 'ରୋମାଞ୍ଚ' ପ୍ରତିକ୍ରିୟାଟି, ଏ ଲୋମଟାଙ୍କୁରା ପ୍ରତିକ୍ରିୟାଟି ହେଉଛି ବୋଧହୁଏ ବେଶୀ ଗଣତାନ୍ତ୍ରିକ। ଅର୍ଥାତ୍ ରାଜାପ୍ରଜା, ନାରୀପୁରୁଷ ବା ଜାତିଧର୍ମ ନିର୍ବିଶେଷରେ ଏ ପ୍ରତିକ୍ରିୟାଟି ତା'ର ସାର୍ବଜନିନତା ଜାହିର କରିଥାଏ। କବି ହୁଅନ୍ତୁ କି ଅକବି, ରାଜନେତାଏ ହୁଅନ୍ତୁ କି ପାଗଳ ପ୍ରେମିକ ହୁଅନ୍ତୁ କି ନଛୋଡ଼ବନ୍ଧା ମିଛୁଆ ହୁଅନ୍ତୁ -ସଭିଙ୍କର ନିର୍ଭେଜାଲ ଗଣତାନ୍ତ୍ରିକ ମୌଳିକ ଅଧିକାର ହେଉଛି ଠିକଣା ପାଣିପାଗ ପାଇଲେ ଆପଣା ଦେହର ଥାନଅଥାନରେ ସୋରିଷ ପ୍ରମାଣ ହେଉ କି କୁଆପଥର ପ୍ରମାଣ ହେଉ, ଟାଙ୍କୁରିତ ଆବୁ ମେଞ୍ଚାଏ ମେଞ୍ଚାଏ ଗଜୁରେଇ ଆଣିବା।

କଳାବାଦଲ ତଳେ ପୁଞ୍ଜାଏ ଧୋବ ଫରଫର ବଗବଗୁଲି ଉଡ଼ିଯିବା ଦେଖିଲେ ଶିଶିରଭିଜା ଶରତ ସକାଳେ ଅଭିମାନିନୀ ଶେଫାଳି ଫୁଲଙ୍କ ଆଲୁଳାୟିତ ଭୂମିଲଗ୍ନ-ମୁଦ୍ରା ଦେଖିଲେ କବିମାନଙ୍କ ଲୋମଟାଙ୍କୁରି ଉଠିଥାଏ - କେତେବେଳେ ଘନ ଆବେଗର ଆତିଶଯ୍ୟରେ ତ ଆଉ କେତେବେଳେ ନଶ୍ୱରତାର ଚିନ୍ତନରେ, ଅନିତ୍ୟତାର ଭୟବିଜଡ଼ିତ କରୁଣ ଉପଲବ୍ଧିରେ। ପ୍ରଥମ ପ୍ରେମର ମହ୍ଲାର ରାଗର ଚୁନା ଚୁନା ଉର୍ମିରେ ଧୋଇ ହୋଇଗଲେ ରୋମାଞ୍ଚ, ବରଫଶୀତଳ ଝରଣାଜଳର ଲାଜୁଆ ଛୁଆଁରେ ରୋମାଞ୍ଚ ଏବଂ ନିର୍ଜନ ପ୍ରହରରେ ଗାଁ ଶ୍ମଶାନର ଅଶ୍ୱତ୍‌ଥ ବୃକ୍ଷର ପତ୍ରଗହଳିରେ ଅମାନିଆ ପବନ ରଚୁଥିବା ଶବ୍ଦ ଭଉଁରୀରେ ବି ରୋମାଞ୍ଚ। ଅପ୍ରତ୍ୟାଶିତ ଆନନ୍ଦ, ଅପ୍ରତ୍ୟାଶିତ ଭୟ, ଆତଙ୍କ ଓ ଛାତିକୁ ରୁନ୍ଧି ପକାଉଥିବା କୋହଉଚ୍ଛୁଳା ଆବେଗ ପରି ସ୍ୱାଭାବିକ ମାନବୀୟ ପ୍ରବୃତ୍ତିସବୁର ଏମିତି ଗୋଲ୍‌ଗୋଲ୍ ଅକ୍ଷରମାନ ଲେଖି ହୋଇଯାନ୍ତି ଅତି-ସଂବେଦୀ ଦେହାଚ୍ଛାଦିତ ଚର୍ମପୃଷ୍ଠାରେ। ଜମା କିଛି ବିରଳ କି ଅନାହୂତ ନୁହେଁ ଏ ରୋମାଞ୍ଚ, ଏ ଲୋମଟାଙ୍କୁରାର ସିରିସିରି ସ୍ପନ୍ଦନ। କିନ୍ତୁ ବିରଳ ବା ଅନାହୂତ ନିଶ୍ଚୟ ଯେତେବେଳେ କେହିଜଣେ ଆପଣାର ମନ୍ଦ ଉଦ୍ଦେଶ୍ୟଟିକୁ ଗୁପ୍ତ ରଖି ସର୍ବସାଧାରଣରେ ବଖାଣି ବସେ ତା'ର ଲୋମଟାଙ୍କୁରାର ଗାଥା, ଯେତେବେଳେ ଯେଉଁ କଥା କି ଘଟଣା ଯୋଗୁଁ ତା'ର ଲୋମଟାଙ୍କୁରେଇ ଯାଇଥିଲା, ଯେଉଁ ଉତ୍ସରୁ ତା' ଦେହର ସେ ଅନ୍ୟଥା ଟାଆଁସା ଚର୍ମ ଉପରେ ଲୋମଟାଙ୍କୁରାର ଚଅଁର ପବନ ଖେଳି ଯାଇଥିଲା, ସେ କଥା, ସେ ଘଟଣା ଓ ଉତ୍ସ କୌଣସି ସଚ୍ଚା ମଣିଷକୁ ତିଳପ୍ରମାଣେ ବି ଚହଲେଇ ଦେବନାହିଁ କିମ୍ବା ଯଦି ବା ଚହଲେଇ ଦେବ, ସେଇଟା ସତ -ରୋମାଞ୍ଚଜନିତ ନହୋଇ ହେବ କେବଳ ନିରୋଳା ବିରକ୍ତିଜନିତ। କାରଣ ସଚ୍ଚା ମଣିଷ ଜଣକ ଅତି ସହଜରେ ହଂସ ପରି ପାଣିରୁ କ୍ଷୀର ଅଲଗା କରିଦେଇଥାଏ, ସତ କାନ୍ଦଣା ଓ କୁମ୍ଭୀର କାନ୍ଦଣାର ଫରକଟିକୁ ବୁଝିଯାଇଥାଏ ଏବଂ ବୁଝି ବି ଯାଇଥାଏ ସତ୍‌ପ୍ରେମ, ସତ୍‌ଭାବ ଓ ସଦିଚ୍ଛା ପ୍ରେରିତ ଉଚ୍ଚାରଣର ଶ୍ରବଣରେ ଯେଉଁ ଲୋମଟାଙ୍କୁରାର ଅନୁଭବଟି ହୋଇଥାଏ, ତା'ର ଉତ୍ସ ସବୁବେଳେ ଖାଦହୀନ, ସବୁବେଳେ ଛଳନା-ନିର୍ମୋକରହିତ ଓ ବିଶୁଦ୍ଧ ଆବେଗପୂର୍ଣ୍ଣ।

କବି, ଭାବୁକ ଓ ଚିନ୍ତକ, ପ୍ରେମଭାବ ବା ମମତ୍ୱବୋଧରେ ସଦା ପୁଲକିତ ମଣିଷମାନେ ରୋମାଞ୍ଚିତ ହୋଇଥା'ନ୍ତି ବାରବାର। ସେମାନଙ୍କର ଏ ଅନୁଭବର ଉତ୍ସ ଅନେକ ସମୟରେ ଖୁବ୍ ମହନୀୟ, ଶୋଭନୀୟ, ଖୁବ୍ ପୂତପବିତ୍ର। ସରସୀ ଜଳରେ ପ୍ରସ୍ଫୁଟିତ ପଦ୍ମଫୁଲର ଶୋଭାରେ ମୋହିତ ହୋଇ କବି ରୋମାଞ୍ଚିତ ହୁଏ ଓ ଗାଇ ଉଠେ: 'କୋଟି ଲାବଣ୍ୟନିଧି ରେ ପଦ୍ମ ତୁହି'; ନଗାଧିରାଜ ହିମାଳୟରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଭୂଖଣ୍ଡର ଅନନ୍ୟ ସୌନ୍ଦର୍ଯ୍ୟର ସୁମରଣା କରି କବି ଗାଇ ଉଠେ; 'ସୁଜଳାଂ ସୁଫଳାଂ ଶସ୍ୟଶ୍ୟାମଳାଂ' ବା 'ସର୍ବେଷାଂ ନୋ ଜନନୀ ଭାରତ ବର୍ଷେ'; 'ବସୁଧୈବ କୁଟୁମ୍ବକମ୍'ର ସାରତତ୍ତ୍ୱଟି ବୁଝିଥିବା କବି ଗାଇଉଠେ: 'ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ / ବିଶ୍ୱ ହିତେ ତା'ର ପ୍ରତି ପ୍ରାଣବିନ୍ଦୁ' ଓ ପ୍ରତିଟି ମଣିଷର ଦୁଃଖକୁ ନିଜର କରିଥିବା କବି ଗାଇ ଉଠେ: 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ / ଜଗତ ଉଦ୍ଧାର ହେଉ'। ରୋମାଞ୍ଚର ଶିହରଣରେ ଆମେ ଥରି ଉଠୁ ଉଡ୍ଡୀୟମାନ ତ୍ରିରଙ୍ଗାର ଅବଲୋକନରେ, ଥରି ବି ଉଠୁ ଯେତେବେଳେ ସ୍ୱାଧୀନତା ଦିବସର ମାହେନ୍ଦ୍ର ବେଳାରେ ଆମେ ଶୁଣିଥାଉ 'ଏ ମେରେ ୱତନ କେ ଲୋଗୋ'। ଏ ରୋମାଞ୍ଚସବୁ ସ୍ୱର୍ଗୀୟ ରୋମାଞ୍ଚ। ସତ୍-ରୋମାଞ୍ଚ ସବୁର ଉତ୍ସ ହେଉଛି ଆମକୁ କିୟତ୍‌କ୍ଷଣ ପାଇଁ ସ୍ତବଧ୍ କରି ଦେଇଥିବା ଭାବାବେଗ, ଆମକୁ ବିମୋହିତ କରି ଦେଉଥିବା ସୌନ୍ଦର୍ଯ୍ୟ କିମ୍ବା ଆମର ମାନବତାକୁ ଉଜ୍ଜ୍ୱଳ, ପ୍ରଖର, ଜାଗରିତ କରିଦେଉଥିବା ପ୍ରେମ- ସେ ପ୍ରେମ ଦେଶପ୍ରେମ ହୋଇପାରେ, ବିଶ୍ୱପ୍ରେମ ହୋଇପାରେ, ହୋଇପାରେ ବି ଉଚ୍ଚାଙ୍ଗ ଭାବାଦର୍ଶର ପ୍ରେମ କିମ୍ବା ମହାନ୍ ସମ୍ବିଧାନ ପ୍ରତି ଆମର ସମ୍ମାନ, ଆନୁଗତ୍ୟ ଓ ଅଖଣ୍ଡ ପ୍ରେମ। ଏ ଧରଣର ରୋମାଞ୍ଚମାନ ସର୍ବଦା ବନ୍ଦନୀୟ ଓ ସେଥିପାଇଁ ବର୍ଣ୍ଣନୀୟ ମଧ୍ୟ - ସର୍ବସାଧାରଣରେ ହେଉ କି ଏକ କ୍ଷୁଦ୍ର ଅନ୍ତରଙ୍ଗ ମହଲରେ ହେଉ। କିନ୍ତୁ ଘୋର ବିଡ଼ମ୍ବନାର କଥା ଯେ ବର୍ତ୍ତମାନର ଏ 'ପୋଷ୍ଟ-ଟ୍ରୁଥ୍', ଏ 'ଫେକ୍ ବା ଡିପ୍‌ଫେକ୍' ର କାଳଖଣ୍ଡରେ, ଏ ଉଗ୍ର-ଦକ୍ଷିଣ ବା ଉଗ୍ର-ବାମ ଆଦର୍ଶରେ ଭ୍ରଷ୍ଟ-ମୋହିତ ମଣିଷଙ୍କ ଭିଡ଼ ଭିତରେ ପକ୍‌କା ଅଭିନୟ-ପ୍ରବଣ ଏମିତି କେତେ କେତେ ତଥାକଥିତ ରାଜନେତା ଓ ବୁଦ୍ଧିଜୀବୀମାନଙ୍କୁ ଆମେ ଦେଖୁଛେ, ଯେଉଁମାନେ ହଠାତ୍ ଆଦ୍ୟ ଆଷାଢ଼ର ବ୍ରାହ୍ମଣୀ ବେଙ୍ଗମାନଙ୍କ ପରି ଲମ୍ଫ ମାରିବା ଆରମ୍ଭ କରି ଦେଉଛନ୍ତି ଗୋଟିଏ ରାଜନୈତିକ ମଞ୍ଚରୁ ଅନ୍ୟ ଏକ ରାଜନୈତିକ ମଞ୍ଚକୁ; ଯେଉଁମାନେ ଆପଣାକୁ ସବୁପ୍ରକାର ଦୋଷବୋଧରୁ ମୁକ୍ତ କରିଦେବା ପାଇଁ ଏମନ୍ତ ଲମ୍ଫପ୍ରଦାନ, ଏମନ୍ତ 'ବୋଧିପ୍ରାପ୍ତି' ଓ ତଦ୍‌ଜନିତ 'ରୋମାଞ୍ଚ'ର କଥା ଓ ଗାଥାମାନ ବଖାଣି ବସୁଛନ୍ତି ସେମାନଙ୍କୁ ଅପର୍ଯ୍ୟାପ୍ତ ବିସ୍ମୟ, ଅପର୍ଯ୍ୟାପ୍ତ ଅବିଶ୍ୱାସର ସହ ଦେଖୁଥିବା, ଶୁଣୁଥିବା ଶ୍ରୋତା ବା ଦର୍ଶକମାନଙ୍କ ଆଗରେ।

ବିଜ୍ଞାନ କହେ, 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ରୂପକ ଦୈହିକ ବ୍ୟାପାରଟିର ମୂଳରେ ରହିଛି ଆମର 'ଜେନିଟିକ୍' ବା 'ଜୈବ-କୋଷୀୟ' ସ୍ମୃତି; ରହିଛି ବି ବିବର୍ତ୍ତନୀୟ ଇତିହାସର ପ୍ରଥମ ପର୍ଯ୍ୟାୟମାନଙ୍କରେ ଆଦିମ ମଣିଷ ଭୋଗିଥିବା ଭିନ୍ନ ଭିନ୍ନ ଦୈହିକ କ୍ରିୟା-ପ୍ରତିକ୍ରିୟାମାନଙ୍କର ସ୍ମୃତି। ଆଦିମ ମଣିଷର ଶରୀର ଥିଲା ଲୋମବହୁଳ ଏବଂ ଯାବତୀୟ ପ୍ରାକୃତିକ ଦୁର୍ବିପାକ ଭିତରେ ପ୍ରତି ମୁହୂର୍ତ୍ତରେ ମରଣାନ୍ତକ ଭୟ, ଆତଙ୍କସବୁକୁ ସାମ୍ନା କରୁଥିବାବେଳେ 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ଥିଲା ଲୋମଶ ମଣିଷର ସ୍ୱାଭାବିକ ଦୈହିକ ପ୍ରତିକ୍ରିୟା। ବାଘର ହେଣ୍ଟାଳ ଶୁଣିଲେ ଆଦିମ ମଣିଷର ଲୋମସବୁ ଠିଆ ହୋଇ ଯାଉଥିଲେ। ଏବେ କିନ୍ତୁ କତିପୟ ଅତ୍ୟାଧୁନିକ ମଣିଷମାନଙ୍କର ଲୋମସବୁ ଠିଆ ହୋଇଯାଉଛନ୍ତି ମାଇକ୍ରୋଫୋନ୍ ଆଗରେ ସେମାନେ ମିଛ ଆଦର୍ଶ, ମିଛ ଦେଶାତ୍ମବୋଧର ବନ୍ଦନା ଗାଉଥିବା ବେଳେ। ଏଣୁଅ ପରି ବାରମ୍ବାର ରଙ୍ଗ ବଦଳାଇବାରେ ଓସ୍ତାଦ କେତେଜଣ ଏବେ ଯେଉଁ 'ରୋମାଞ୍ଚ'ର ସିରିସିରି ଦହନ ଅନୁଭବ କରୁଛନ୍ତି, 'ଲୋମଟାଙ୍କୁରା'ର କଣ୍ଟକାଘାତ ସେମାନେ ଥରେ କେବେ ନିଶ୍ଚୟ ଭୋଗିଥିଲେ ବୋଲି କୋହକମ୍ପିତ ସ୍ୱରରେ ଉଦ୍‌ଗାରି ପକାଉଛନ୍ତି, ସେ ସବୁ ତୁଚ୍ଛା ମିଛ ରୋମାଞ୍ଚ, ମିଛ ଲୋମଟାଙ୍କୁରା। ସେମାନଙ୍କର ଏ ଦୈହିକ (ମାନସିକ ବି) ଅନୁଭବ ହୋଇଥାଏ କେବେ କେଉଁଠି କେଉଁ ମଞ୍ଚରେ କାହା ତୁଣ୍ଡରୁ ଘୃଣା, ଅସୂୟା ଓ ସାଂପ୍ରଦାୟିକତାର ବିଷମୟ ଭାଷଣବାଜି ଶୁଣିବା ପରେ ବା କାହା ତୁଣ୍ଡରୁ ଧର୍ମ, ସଂସ୍କୃତି ଓ ରାଷ୍ଟ୍ରପ୍ରେମ ନାମରେ ବିଭାଜନକାରୀ ମତମନ୍ତବ୍ୟମାନ ଶୁଣିବା ପରେ। ଏମାନଙ୍କର ଏ ଅନୁଭବ ହୋଇଥାଏ ବିକୃତ ଆବେଗ, ବିକୃତ ଆବେଶସବୁର ପ୍ରାବଲ୍ୟ ଯୋଗୁଁ ଏବଂ ଖାସ୍ ସେଥିଯୋଗୁଁ ଏ ଅନୁଭବ ପୂରାପୂରି ଶସ୍ତା, ପୂରାପୂରି ସାଧାରଣ, ଏପରିକି ପୂରାପୂରି ଖାଦହୀନ ଭାବରେ ହାସ୍ୟୋଦ୍ଦୀପକ ମଧ୍ୟ।

କଟାଫଳମାନଙ୍କର ଥାଳିଏ 'ସାଲାଡ୍'ର ଦର୍ଶନରେ କିମ୍ବା କୌଣସି ବିକ୍ରୟଯୋଗ୍ୟ ଲୋଭନୀୟ ଚିଜ ଉପରେ ମସ୍ତବଡ଼ ଆକର୍ଷଣୀୟ 'ଡିସକାଉଣ୍ଟ' ବା 'ରିହାତି'ଟିଏ ପାଇଲେ ଯେମିତି କେତେ କେତେ ଅବୋଧମଣିଷଙ୍କର ଲୋମଟାଙ୍କୁରି ଉଠିଥାଏ ଲଜ୍ଜାହୀନ ସୁଖବୋଧରେ, ସେମିତି ଏମାନଙ୍କର ବି ହୋଇଥାଏ ଠିକଣା ପାଣିପାଗରେ, କିମ୍ବା ଠିକଣା ମଞ୍ଚମାନଙ୍କରେ ଠିଆ ହୋଇଥିବା ବେଳେ। ମିଛ-ରୋମାଞ୍ଚ, ମିଛ ଲୋମଟାଙ୍କୁରା ବନ୍ଦନୀୟ କେବେ ନୁହେଁ, ତେଣୁ ବର୍ଣ୍ଣନୀୟ ବା କେମିତି ହେବ? ଯଦି ଏମିତି କପଟ-ରୋମାଞ୍ଚରେ କିଏ କେବେ ଥରି ଉଠିଥିବ, ସିଏ ଅନ୍ୟ କିଛି ହୋଇପାରେ, କିନ୍ତୁ କେବେ କ'ଣ ସିଏ ମଧ୍ୟ, ଗୋପବନ୍ଧୁ କି ଭୀମଭୋଇଙ୍କ ପରି ଜଣେ ସଚ୍ଚା ମଣିଷ, ଜଣେ ଶୁଦ୍ଧସୁବର୍ଣ୍ଣ ମଣିଷ ହୋଇପାରିବ?

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଅପମିଶ୍ରଣର ସାମ୍ରାଜ୍ୟ

**ସୁଧାଂଶୁ ପାତ୍ର**

ପୁଷ୍ଟିକର ଖାଦ୍ୟ ଅମୃତ ସମାନ, ଯାହାକି ଶରୀରର ସମସ୍ତ ଆବଶ୍ୟକତା ପୂରଣ କରେ ଏବଂ ସୁସ୍ଥ ସ୍ୱାସ୍ଥ୍ୟ ଗଠନରେ ସହାୟକ ହୁଏ। କିନ୍ତୁ ଆଜି ଦେଶବାସୀଙ୍କ ସୁସ୍ଥ ଓ ନିରାମୟ ଜୀବନ ଏବେ ମୁନାଫାଖୋର ଅପମିଶ୍ରଣକାରୀ ବେପାରୀଙ୍କ ହାତରେ। ଏହାର ସଦ୍ୟତମ ଉଦାହରଣ ହେଉଛି କିଛିଦିନ ତଳେ ଭେଜାଲ କଫ୍ ସିରପ୍ ଖାଇ ୨୩/୨୫ ଶିଶୁଙ୍କ ମୃତ୍ୟୁ ଘଟଣା। କେନ୍ଦ୍ର ସରକାର କଠୋର ପଦକ୍ଷେପ ନେବା ପରିବର୍ତ୍ତେ ବିଜ୍ଞପ୍ତି ଜାରି କଲେ ଯେ ୨ ବର୍ଷରୁ କମ୍ ବୟସର ଶିଶୁକୁ କଫ୍ ଶିରପ୍ ଦେବା ଉଚିତ ନୁହେଁ। ବିଜ୍ଞପ୍ତି ଜାରି କରି ସରକାର ତାଙ୍କ ଦାୟିତ୍ୱ ସାରିଦେଲେ।

ବିଜ୍ଞାନ ଓ ଟେକ୍‌ନୋଲୋଜି ବିଭାଗ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଦେଶର ୯୦ ପ୍ରତିଶତ ଅପମିଶ୍ରଣ ଦୁଗ୍ଧ ଏବଂ ପନିର, ଖୁଆ, ଦେଶୀ ଘିଅ ପରି ଦୁଗ୍ଧଜାତ ଦ୍ରବ୍ୟରେ ମିଳୁଛି। ବିଭିନ୍ନ ପ୍ରକାର ମାରାତ୍ମକ ଦ୍ରବ୍ୟ ମିଶ୍ରଣ ଫଳରେ ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଦେଶରେ ଦୈନିକ ୭୫ କୋଟି ଲିଟର ଦୁଗ୍ଧର ଆବଶ୍ୟକତା ଥିବା ବେଳେ ଆମ ଦେଶରେ ମାତ୍ର ୧୫ କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଛି, ଯାହାର ଭରପୂର ଫାଇଦା ଉଠାଉଛନ୍ତି ମୁନାଫାଖୋର ଅପମିଶ୍ରଣକାରୀ ବ୍ୟବସାୟୀ। ଦୁଗ୍ଧଜାତ ଦ୍ରବ୍ୟରେ ବିଭିନ୍ନ ମାରାତ୍ମକ ସାମଗ୍ରୀ ମିଶ୍ରଣ କରି ଦେଶର ବଳକା ୫୦ ପ୍ରତିଶତ ଚାହିଦା ମେଣ୍ଟାଉଛନ୍ତି ଦଲାଲଗୋଷ୍ଠୀ। ସବୁଠାରୁ ଆଶ୍ଚର୍ଯ୍ୟ ଯେ, ଏହି ମିଶ୍ରଣ ପ୍ରକ୍ରିୟା ଟେକ୍‌ନୋଲୋଜି ବୈଜ୍ଞାନିକ ପ୍ରଣାଳୀରେ କରାଯିବା ଦ୍ୱାରା ଅସଲି ଓ ନକଲିର ପ୍ରଭେଦ ପରିଖିବା କଷ୍ଟକର। ଅପମିଶ୍ରଣର ଏହି ଗୋଲକଧନ୍ଦା ଓ ଅର୍ଥ ରୋଜଗାରର ଲାଳସାରେ ସମାଜରେ ସାମୂହିକ କ୍ଷତି ଘଟୁଛି। ଅପମିଶ୍ରିତ ଖାଦ୍ୟ ଗ୍ରହଣ ଫଳରେ ଯକୃତ, ଅଗ୍ନାଶୟ, ବୃକକ୍, ହୃତପିଣ୍ଡ ଉପରେ ସାଂଘାତିକ ପ୍ରଭାବ ପଡ଼ୁଛି।

ନିକଟ ଅତୀତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଭାରତରେ ବିକ୍ରି ହେଉଥିବା ୬୫ କୋଟି ଲିଟର ଦୁଗ୍ଧରୁ ୫୦ କୋଟି ଲିଟର ନକଲି ଓ ଅପମିଶ୍ରିତ ବୋଲି ଜଣାପଡ଼ିଛି। ଭାରତରେ ଉତ୍ପାଦିତ ୭୦ ପ୍ରତିଶତ ଦୁଗ୍ଧ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷାମାନ ନିୟମାବଳୀ ପୂରଣ କରିପାରୁନାହିଁ। ଦୁଗ୍ଧଜାତ ଦ୍ରବ୍ୟରେ ହିଁ ଅପମିଶ୍ରଣ ମାତ୍ରାଧିକ। ଏକଦା ଘରେଘରେ ଦୁଧିଆଳି ଗାଈ ବନ୍ଧା ଯାଉଥିଲା। ଯାହାକି ଘରଘରର ଚାହିଦା ମେଣ୍ଟାଇବା ସହ ଦୁଗ୍ଧ ବ୍ୟବସାୟ ମାଧ୍ୟମରେ ଚାଷୀ ଭାଇ ୨ ପଇସା ରୋଜଗାର କରିପାରୁଥିଲା। ମାତ୍ର ଏବେ ସମୟ ବଦଳିଛି। ବର୍ତ୍ତମାନ ଦୁଗ୍ଧ ଚାହିଦା ମେଣ୍ଟାଉଛି ଅପମିଶ୍ରିତ କୃତ୍ରିମ ଦୁଗ୍ଧ। ବିଭିନ୍ନ ପ୍ରକାର ରାସାୟନିକ ଦ୍ରବ୍ୟ ମିଶାଇ ଏହି କୃତ୍ରିମ ଦୁଗ୍ଧ ଉତ୍ପାଦନ କରାଯାଉଛି। ଏଥିପାଇଁ ଦେଶରେ ଗଢ଼ିଉଠିଛି ହଜାର ହଜାର ଉଦ୍ୟୋଗ। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଆବଶ୍ୟକତା ରହିଛି ଏବଂ ସମୟ ମଧ୍ୟ ଆସିଯାଇଛି।

କିଛିଦିନ ତଳେ ଦୁଗ୍ଧ ଉତ୍ପାଦନରେ ଅପମିଶ୍ରଣ ସମ୍ପର୍କରେ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ପଞ୍ଜାବ ସରକାରଙ୍କ ତରଫରୁ କୋର୍ଟରେ ପ୍ରଦତ୍ତ ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ୨୦୧୯ ଡିସେମ୍ବରରୁ ୨୦୨୪ ମଧ୍ୟରେ କେବଳ ପଞ୍ଜାବରେ ୨୧୯୧ ମାମଲାରେ ଦଣ୍ଡବିଧାନ ହୋଇଛି। ୩ କୋଟି ଲକ୍ଷ ୭୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଚଳିତ ଆଇନର ସଂଶୋଧନ ଆବଶ୍ୟକ। ଜୋରିମାନା ଆଦାୟ ସହ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବାର ସମୟ ଆସିଛି। କାରଣ ଏହି ଅପମିଶ୍ରଣ ବର୍ତ୍ତମାନ ଦୁଗ୍ଧ କିମ୍ବା ଦୁଗ୍ଧଜାତ ଉତ୍ପାଦନରେ ସୀମିତ ନାହିଁ। ଏହା ଆଇସକ୍ରିମ, ଗୋଲାପଜଳ, ଡାଲି, ବିଭିନ୍ନ ପ୍ରକାର ମସଲା, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ ଆଦି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀରେ ସାମିଲ୍ ହେଲାଣି। ଅପମିଶ୍ରଣ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବଳ କୋହଳ ଦଣ୍ଡ ଓ ଜୋରିମାନା ଆଦାୟରେ ସୀମିତ ରହୁଥିବାରୁ ଅପମିଶ୍ରଣକାରୀ ମୁନାଫାଖୋର ବେପାରୀ ଏହାକୁ ଖାତିର ନକରି ଅଧିକ ଉତ୍ସାହିତ ହେଉଛନ୍ତି ଏବଂ ଦିନକୁ ଦିନ ଏହି ଅପରାଧର ପରିସର ବୃଦ୍ଧି ପାଉଛି। କେତେକ କ୍ଷେତ୍ରରେ ଏହାକୁ ଦୃଢ଼ ଭାବେ ଦମନ କରିବା, ଧରପଗଡ଼ କରିବା ଏବଂ ମାମଲା ରୁଜୁ କରିବା ପାଇଁ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ କୋହଳ ମନୋଭାବ, ଅଣଦେଖା ବ୍ୟବହାର ଅପରାଧ ବୃଦ୍ଧିର ଅନ୍ୟ ଏକ କାରଣ।

ଏହି ପରିପ୍ରେକ୍ଷୀରେ ବେଳ ଥାଉଥାଉ ସାବଧାନ ନ ହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ସତ ହେବ। ୨୦୨୫ ଶେଷ ବେଳକୁ ୮୮ ପ୍ରତିଶତ ଭାରତୀୟ ଘାତକ ରୋଗର ଶିକାର ହେବେ। ତେଣୁ ଏହା ବିରୁଦ୍ଧରେ ଏକ ପ୍ରବଳ ଜନଜାଗରଣର ଆବଶ୍ୟକତା ସହ ଅପମିଶ୍ରଣକୁ ଦେଶରୁ ସମୂଳେ ନିପାତ କରିବା ପାଇଁ ସମସ୍ତ ରାଜ୍ୟ, ଜିଲ୍ଲା, ପଞ୍ଚାୟତସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ନିୟମିତ ଚଢ଼ାଉ ସହ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ବିଧାନ ସ୍ତରରେ ଆଇନକୁ କଡ଼ାକଡ଼ି କରାଯାଇ ଜୋରିମାନା ସହ ଦୋଷୀଙ୍କ ବିରୋଧରେ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବା ଉଚିତ୍।

ଭୁବନେଶ୍ୱର, ମୋ: ୯୦୯୦୩୭୨୩୭୬୦

# ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ନୀଳାଚଳରେ ବିଶାଳ ମନ୍ଦିର ଏବଂ ରତ୍ନବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିଷ୍ଠାପନ ଉତ୍ସବ ବ୍ରହ୍ମାଙ୍କ ପୌରୋହିତ୍ୟରେ ମହାସମାରୋହରେ ସମାପନ ହେଲା। ଦେବତାମାନେ ନିଜ ନିଜର ବାହାନ ଆରୋହଣ କରି ସ୍ୱର୍ଗପୁରକୁ ଫେରିଗଲେ। ନିମନ୍ତ୍ରିତ ଅତିଥିମାନେ ନିଜ ନିଜ ରାଜ୍ୟକୁ ବାହୁଡ଼ି ଗଲେ। ପୁରୋହିତ ବ୍ରହ୍ମା ମଧ୍ୟ ରାଜାଙ୍କୁ ଆଶୀର୍ବାଦ କରି ମେଲାଣି ନେଲେ। ଶେଷକୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ କେବଳ ଦୁଇଜଣ ଦଣ୍ଡାୟମାନ ଥିଲେ - ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା।

ରାଜା ଅପଲକ ନୟନରେ ଜଗନ୍ନାଥଙ୍କ ଶ୍ରୀମୁଖକୁ ଚାହିଁ ରହିଥା'ନ୍ତି। ଧାର ଧାର ଆନନ୍ଦାଶ୍ରୁ ଆଖିରୁ ବୋହି ଚାଲିଥାଏ। 'କାହିଁ ମାଳବ କାହିଁ ଉତ୍କଳ, ସେଠାରୁ ଆସି ଶିବିର ସ୍ଥାପନ କରି ଏକସହସ୍ର ଅଶ୍ୱମେଧ ଯଜ୍ଞ କରିବା, ସୁଦୂର ବିନ୍ଧ୍ୟ ପର୍ବତରୁ ପଥର ସଂଗ୍ରହ କରି ମନ୍ଦିର ନିର୍ମାଣ କରିବା, ମହାଦାରୁରେ ବୁଢ଼ା ବଢ଼େଇ ଦ୍ୱାରା ବିଗ୍ରହ ନିର୍ମାଣ କରିବା ଓ ବ୍ରହ୍ମଲୋକରୁ ବ୍ରହ୍ମାଙ୍କୁ ଆଣି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରିବା- ଏ ସବୁ ରାଜାଙ୍କୁ ସ୍ୱପ୍ନ ପରି ଲାଗୁଥିଲା। ସେ ବିଶ୍ୱାସ କରି ପାରୁ ନ ଥିଲେ ଯେ ଏତେସବୁ କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଏହା କେବଳ ମହାପ୍ରଭୁଙ୍କ ଅପାର କରୁଣା ଯୋଗୁଁ ସମ୍ଭବ ହୋଇଥିଲା ବୋଲି ଚିନ୍ତା କରି ରାଜା ଠାକୁରଙ୍କ ଉଦ୍ଦେଶ୍ୟରେ ଭୂମିଗତ ପ୍ରଣାମ କଲେ। ରାଜାଙ୍କୁ ଦେଖି ରାଣୀ ମଧ୍ୟ ସାଷ୍ଟାଙ୍ଗ ପ୍ରଣାମ କଲେ। ଏହି ସମୟରେ ମହାପ୍ରଭୁ କହିଲେ- 'ବତ୍ସ ଇନ୍ଦ୍ରଦ୍ୟୁମ୍ନ! ମୋତେ ପ୍ରତିଷ୍ଠାପନ କରି ତୁମେ ମୋର ମହାନ ଭକ୍ତମାନଙ୍କ ଭିତରେ ଅଗ୍ରଗଣ୍ୟ ହେଲ। ଜଣେ ପରମ ବୈଷ୍ଣବ ରୂପେ ଯୁଗଯୁଗକୁ ତୁମର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ମୁଁ ଏହି ଧାମରେ ନିତ୍ୟ ବିରାଜମାନ କରିବି। ମୁଁ ଯେପରି ଚିରନ୍ତନ ଏ ଧାମ ସେହିପରି ଚିରନ୍ତନ। ଭକ୍ତ ମୁଖରେ ତୁମର ନାମ ମଧ୍ୟ ଚିରନ୍ତନ ହେବ। ବର୍ତ୍ତମାନ ମୁଁ ତୁମକୁ ଏକ ବର ଦେବାକୁ ଚାହେଁ। ତୁମେ ତୁମର ଇଚ୍ଛାନୁସାରେ ବର ମାଗି ପାର।'

'ମହାପ୍ରଭୁ! ଏ ଅକିଞ୍ଚନକୁ ଆପଣ ସ୍ୱଦେହରେ ଦର୍ଶନ ଦେଇଛନ୍ତି। ସେତିକି ମୋ ପାଇଁ ଯଥେଷ୍ଟ। ମୋର ଆଉ କୌଣସି ବରର ଆବଶ୍ୟକତା ନାହିଁ।' ଇନ୍ଦ୍ରଦ୍ୟୁମ୍ନ ଭା ବ ବି ଗ ଳି ତ ସ୍ୱରରେ କହିଲେ। ମହାପ୍ରଭୁ କହିଲେ- 'କିନ୍ତୁ ତୁମକୁ କିଛି ଦେବା ପାଇଁ ମୋ ମନରେ ଆଗ୍ରହ ଅଛି। ମୋର ଇଚ୍ଛା ପୂରଣ କରିବା ପାଇଁ ତୁମକୁ ମୋତେ କିଛି ମାଗିବାକୁ ପଡ଼ିବ।' ତହୁଁ ଇନ୍ଦ୍ରଦ୍ୟୁମ୍ନ କହିଲେ- 'ପ୍ରଭୁ! କିଛି ମାଗିବା ପାଇଁ ଯେବେ ମୁଁ ନିର୍ଦ୍ଦେଶିତ ହୁଏ, ତା' ହେଲେ 'ତୁମ୍ଭେ ଯେବେ ବର ଦେବ ମାଗୁଅଛି ମୁହିଁ, ମୋହର ବଂଶରେ କେହି ନ ଥିବେ ଗୋସାଇଁ / ପୁତ୍ର ନାତି ବୋଲିବେ ଯେ ଦେଉଳ ଆମ୍ଭର, ଆମ୍ଭର ବୋଇଲେ ଧର୍ମ୍ମ ଯିବ ଯେ ମୋହର।' ମହାପ୍ରଭୁ 'ତଥାସ୍ତୁ' କହି ଇନ୍ଦ୍ରଦ୍ୟୁମ୍ନଙ୍କ ବର ଦେଲେ। କିନ୍ତୁ ରାଣୀ ଗୁଣ୍ଡିଚା ରାଜାଙ୍କୁ କହିଲେ- 'ମହାରାଜ! ଆପଣ ଏ କି ବର ପ୍ରାର୍ଥନା କରି ନେଲେ? ଆମେ ଅପୁତ୍ରିକ ହେଲେ, ଆମକୁ ପୁତ୍ ନର୍କରୁ ଉଦ୍ଧାର କରିବ କିଏ? ଆମର ମରଣ ପରେ ଆମକୁ ଶ୍ରାଦ୍ଧ ଦାନ କରିବ କିଏ? ଆପଣ ଏ ବର ଫେରେଇ ନେବା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ।'

ରାଣୀଙ୍କର ଅଭିଯୋଗ ମହାପ୍ରଭୁ ଶୁଣୁଥିଲେ। ରାଜା କିଛି କହିବା ଆଗରୁ ସେ କହିଲେ- 'ମାତା! ଥରେ ବର ଦେଲା ପରେ ଆଉ ତା'ର ପରିବର୍ତ୍ତନ ସମ୍ଭବ ହୁଏ ନାହିଁ। କିନ୍ତୁ କାଳକାଳକୁ ମୁଁ ତୁମ ଦୁହିଁଙ୍କୁ ପିତାମାତା ରୂପେ ସ୍ୱୀକାର କରୁଛି ଏବଂ ମୋତେ ତୁମର ପୁତ୍ର ରୂପେ ଘୋଷଣା କରୁଛି। ମୋର ପୂର୍ବଜନ୍ମର ପିତାମାତାଙ୍କ ସହ ମୁଁ ତୁମ ଦୁହିଁଙ୍କୁ ସମାନ ଆସନ ପ୍ରଦାନ କରୁଛି। ଦେବ ଦୀପାବଳୀ ତିନିଦିନ ମୁଁ ଆପଣମାନଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ପ୍ରଥମ ଦିନ ମୋର ବାମନାବତାରର ପିତାମାତା ଅଦିତି ଓ କାଶ୍ୟପଙ୍କୁ, ଦ୍ୱିତୀୟ ଦିନ ରାମାବତାରର ପିତାମାତା ଦଶରଥ ଓ କୌଶଲ୍ୟାଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୃତୀୟ ଦିନ ମୁଁ ମୋର କୃଷ୍ଣାବତାରର ଜନ୍ମିତ ପିତାମାତା ବସୁଦେବ ଓ ଦେବକୀ ଏବଂ ପାଳିତ ପିତାମାତା ନନ୍ଦ ଓ ଯଶୋଦାଙ୍କ ସହ ତୁମ ଦୁଇଜଣଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୁମେ ଏଠାରେ ମୋତେ ପ୍ରତିଷ୍ଠାପନ କରି ଥିବାରୁ ଧର୍ମ ବିଚାରରେ ମୋର ପିତାମାତା ପଦବାଚ୍ୟ ହେଲ। ତୁମକୁ ସେ ମର୍ଯ୍ୟାଦା ପ୍ରଦାନ କରି ମୁଁ ସଂସାରକୁ ଏକ ବାର୍ତ୍ତା ଦେବାକୁ ଚାହେଁ। ତା' ପରେ ସବୁବର୍ଷ ଘୋଷଯାତ୍ରା ସମୟରେ ମୁଁ ନଅ ଦିନ ପାଇଁ ତୁମ ମନ୍ଦିରରେ ଅବସ୍ଥାନ କରି ତୁମର ମାତୃସ୍ନେହ ଲାଭ କରିବି।'

ମୋ: ୯୯୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଧାନସଭା ପରିଦର୍ଶନ କଲେ ୧୨ଟି ଦେଶର ୪୦ ଜଣ ପ୍ରତିନିଧି

ଭୁବନେଶ୍ୱର, ୧୮।୧୧(ସମିସ): ନୂଆଦିଲ୍ଲୀସ୍ଥିତ ଲୋକସଭା ସଚିବାଳୟର ସଂସଦୀୟ ଲୋକତନ୍ତ୍ର ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନ(ପ୍ରାଇଡ)ପକ୍ଷରୁ ୧୨ଟି ଦେଶର ୪୦ ଜଣ ବିଦେଶୀ ପ୍ରତିନିଧି ମଙ୍ଗଳବାର ଓଡ଼ିଶା ବିଧାନସଭା ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ ଓଡ଼ିଶା ବିଧାନସଭାର କାର୍ଯ୍ୟପ୍ରଣାଳୀ ଏବଂ ବିଧି ବ୍ୟବସ୍ଥା ବାବଦରେ ଅବଗତ ହୋଇଛନ୍ତି। ବିଧାନସଭା ସଚିବାଳୟ ସମ୍ମିଳନୀ କକ୍ଷରେ ଏନେଇ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ବାଚସ୍ପତି



ସୁରମା ପାଢ଼ୀ ଏହାକୁ ଉଦଘାଟନ କରିଥିଲେ। ଉପସ୍ଥିତ ପ୍ରତିନିଧିମାନଙ୍କୁ ବାଚସ୍ପତି ସ୍ୱାଗତ କରିବା ସହ ବିଧାନସଭାର ଗୌରବମୟ ଇତିହାସ ଓ ଏହାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

୧୭ ତମ ବିଧାନସଭାର ପ୍ରଥମ ବର୍ଷରେ ମୋଟ ୬୨ ଦିନ ଅଧିବେଶନ କାର୍ଯ୍ୟ ଦିବସ ସମ୍ପାଦନ ହୋଇପାରିଛି। ଏତଦ୍‌ବ୍ୟତୀତ ଓଡ଼ିଶା ବିଧାନସଭାର ସମସ୍ତ କାର୍ଯ୍ୟ ଡିଜିଟାଇଜେସନ୍ ଏବଂ କମ୍ପ୍ୟୁଟରୀକରଣ ହେବା ସହ ନେଭା ଦ୍ୱାରା ସମସ୍ତ କାର୍ଯ୍ୟକୁ କାଗଜ ଶୂନ୍ୟ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ବାଚସ୍ପତି ଏହି ଅବସରରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଓଡ଼ିଶା ବିଧାନସଭାର ବିଧି ବ୍ୟବସ୍ଥା ଓ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ। ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ସଂସଦୀୟ ଓ ସାଂସ୍କୃତିକ ପରମ୍ପରାର ଆଦାନ ପ୍ରଦାନ କାର୍ଯ୍ୟକ୍ରମକୁ ଆହୁରି ନିବିଡ଼ କରିବା ପାଇଁ ଡ. ମହାଲିଙ୍ଗ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରାଜ୍ୟସଭା ସାଂସଦ ସୁଜିତ କୁମାର ଭାରତୀୟ ସଂସଦୀୟ ପରମ୍ପରା ଓ କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ବିଧାନସଭାର ଗବେଷଣା ନିର୍ଦ୍ଦେଶକ ତ୍ରିବିକ୍ରମ ପ୍ରଧାନ, ପ୍ରଶାନ୍ତ ମଲ୍ଲିକ, ପ୍ରାଇଡର ନିର୍ଦ୍ଦେଶକ ଏବଂ ବିଧାନସଭାର ଅଧିକାରୀମାନେ ଉପସ୍ଥିତ ଥିଲେ।

**ବହୁଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲା**

# ପରିବାରର ୫ ଜଣଙ୍କୁ ଆଜୀବନ ସଜା

ରାୟଗଡ଼ା, ୧୮।୧୧(ସମିସ): ୨୦୧୪ ମସିହାରେ ରାୟଗଡ଼ା ସହରରେ ସଂଘଟିତ ବହୁ ଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲାର ଶୁଣାଣି କରି ରାୟଗଡ଼ା ଜିଲ୍ଲା ଓ ଦୌରାଜଜ୍ କୋର୍ଟର ବିଚାରପତି ସତ୍ୟନାରାୟଣ ଷଡ଼ଙ୍ଗୀ ଗୋଟିଏ ପରିବାରର ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧ବର୍ଷ ଜେଲରେ ରହିବାକୁ ପଡ଼ିବ। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀମାନେ ହେଲେ, ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍। ୧୪ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ଦୀର୍ଘ ୧୧ବର୍ଷ ପରେ ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି। ୨୦୧୪ ଅଗଷ୍ଟ ୯ରେ ରାୟଗଡ଼ା ସହରରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ରେ ଖଲାସି ରୂପେ କାର୍ଯ୍ୟ କରୁଥିବା ବୁଦୁରାବଲାସାର କେ. ଆପଲା ନାରାୟଣଙ୍କୁ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ପୂର୍ବଶତ୍ରୁତାକୁ ନେଇ ଉଦୟପ୍ଲାଜା ସିନେମା ହଲ ନିକଟରେ କୁକୁଡ଼ା ଫାର୍ମଠାରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତ ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍ ମିଳିତ ଭାବେ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ମୃତକଙ୍କ ସମ୍ପର୍କୀୟ ଏ. ରାବଣା ରାୟଗଡ଼ା ଥାନାରେ ମାମଲା ରୁଜୁ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ବିକ୍ରମ କୁମାର କୁଣ୍ଡୁ ଏହି ମାମଲା ପରିଚାଳନା କରୁଥିଲେ।

# ରାଷ୍ଟ୍ରପତିଙ୍କୁ ଭେଟିଲେ କିଶୋର-ଅଶୋକ

## ଜିଲ୍ଲାରେ ଜାତୀୟ ଆଦିବାସୀ ବିକାଶ ପ୍ରତିଷ୍ଠାନ ଓ ଜାତୀୟ ଝୁମର କେନ୍ଦ୍ର ସ୍ଥାପନ ପାଇଁ ଦେଲେ ପ୍ରସ୍ତାବ

ବାରିପଦା, ୧୮।୧୧(ସମିସ): ଜାତୀୟ ସ୍ମାରକୀ ପ୍ରାଧିକରଣର ଅଧ୍ୟକ୍ଷ ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ପ୍ରଫେସର କିଶୋର ବସା ଏବଂ ତାଙ୍କ ଭାଇ ତଥା ବିଶ୍ୱ ଯନ୍ତ୍ରୀ ମହାସଂଘ (ଡବ୍ଲ୍ୟୁଇଏଫଓ)ର ରଣନୈତିକ ଯୋଜନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ କାର୍ଯ୍ୟନିର୍ବାହୀ ଉପସଭାପତି ଓ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ)ର ପୂର୍ବତନ ସଭାପତି ଇଞ୍ଜିନିୟର୍ ଅଶୋକ ବସା ମଙ୍ଗଳବାର ଅପରାହ୍ନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।



- ଖିଚିଂର ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟକୁ ଏଏସଆଇ ଅଧୀନକୁ ଅଣାଯାଉ
- ୱାଟର ଆକ୍ସନ ଡିକେଡ୍ ୨୦୧୮-୨୮ ଓ ସ୍ଥାୟୀ ବିକାଶ ଲକ୍ଷ୍ୟ

ସାକ୍ଷାତ ସମୟରେ ପ୍ରଫେସର୍ କିଶୋର ଓଡ଼ିଶାର ସାଂସ୍କୃତିକ ଓ ଆଦିବାସୀ ବିକାଶ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସେ ରାଇରଙ୍ଗପୁରଠାରେ ଏକ ଜାତୀୟ ଆଦିବାସୀ ବିକାଶ ପ୍ରତିଷ୍ଠାନ(ଏନ୍‌ଆଇଟିଡି) ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ରାଇରଙ୍ଗପୁର ଓଡ଼ିଶା ସହ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବହୁସଂଖ୍ୟକ ଆଦିବାସୀ ଜନଗୋଷ୍ଠୀ କେନ୍ଦ୍ରୀଭୂତ ହୋଇଥିବାରୁ ଏହା ରଣନୈତିକ ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରତିଷ୍ଠାନକୁ ହାଇଦରାବାଦର ଜାତୀୟ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନ ଆଦର୍ଶରେ ଗଢ଼ି ତୋଳାଯାଇପାରିବ ବୋଲି ପ୍ରଫେସର୍ ବସା ମତପ୍ରକାଶ କରିଥିଲେ। ସେହିଭଳି ବାରିପଦାଠାରେ କେନ୍ଦ୍ରୀୟ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଏକ ଜାତୀୟ ଝୁମର କେନ୍ଦ୍ର ସ୍ଥାପନ ପାଇଁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ଝୁମର ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଆସାମର ଆଦିବାସୀ ଓ ଅଣଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ସମନ୍ୱୟର ପ୍ରତୀକ ବୋଲି ସେ କହିଥିଲେ। ଏହାଛଡ଼ା ଖିଚିଂର ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟକୁ କେନ୍ଦ୍ର ପ୍ରତ୍ନତତ୍ତ୍ୱ ସର୍ଭେ(ଏଏସଆଇ) ଅଧୀନକୁ ଅଣାଯାଉ ବୋଲି ସେ ନିବେଦନ କରିଥିଲେ। ଅନ୍ୟପଟେ ଇଞ୍ଜିନିୟର ଅଶୋକ ବସା ବିଶ୍ୱବ୍ୟାପୀ ଜଳ ସଂକଟ ଉପରେ ଗୁରୁତ୍ୱ ଦେଇ ଜାତିସଂଘଙ୍କ ଦ୍ୱାରା ଘୋଷିତ "ୱାଟର ଆକ୍ସନ ଡିକେଡ୍ ୨୦୧୮-୨୦୨୮' ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି ୬,୧୧,୧୩ ଓ ୧୪)ରେ ଜଳର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଆଗାମୀ ୨୦୩୦ ସୁଦ୍ଧା ଜଳ ଚାହିଦା ଯୋଗାଣର ଦ୍ୱିଗୁଣିତ ହେବ ଏବଂ ୨୦୫୦ ସୁଦ୍ଧା ଦେଶର ଜିଡିପିର ୬ପ୍ରତିଶତ ହ୍ରାସ ହେବାର ଆଶଙ୍କା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଏକ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରି ରାଜ୍ୟ ଜଳ ପରିଚାଳନା ପ୍ରାଧିକରଣ ଗଠନ କରି ଜଳ ନୀତିକୁ ପୁନର୍ଗଠନ କରିବାକୁ ସେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଏକ ବିସ୍ତୃତ ଟିପ୍ପଣୀ ମଧ୍ୟ ଇଞ୍ଜିନିୟର ବସା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି। ଜାତୀୟହିତରେ ନିଜ ନିଜ ମତାମତ ବ୍ୟକ୍ତିଗତ ଭାବେ ରଖିବାର ସୁଯୋଗ ଦେଇଥିବାରୁ ଉଭୟ ଯମଜ ଭାଇ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ପୁଣି ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ!

ରେଢ଼ାଖୋଲ, ୧୮।୧୧ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡ଼ବାହାଲ ରେଞ୍ଜ ଅଧୀନ ବଡ଼କୁଡ଼ାଗ୍ରାମ ନିକଟସ୍ଥ ପାଳଦର ଜଙ୍ଗଲରୁ ଆଜି ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ଖବର ପାଇ ରେଢ଼ାଖୋଲ ଡିଏଫ୍‌ଓ, ସମ୍ବଲପୁର

- ବର୍ଷକରେ ମଲେଣି ୬ ହାତୀ
- ୧୮ ତାରିଖକୁ ନେଇ ଚର୍ଚ୍ଚା

ଆରସିସିଏଫ୍ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଏହି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ଭୁବନେଶ୍ୱରରୁ ଜେଟିଏଫ୍ ଟିମ୍ ଆସିବା ପରେ ହାତୀଟିର ବ୍ୟବଚ୍ଛେଦ ହେବ। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ରେଢ଼ାଖୋଲ ବନଖଣ୍ଡ ଅଧିକାରୀ ଗୋପୀନାଥ ଯାଦବ କହିଛନ୍ତି। ମୃତ ଦନ୍ତାର ଆନୁମାନିକ ବୟସ ୨୦ ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, ଗତ କିଛି ଦିନ ହେବ, ରେଢ଼ାଖୋଲ ବନଖଣ୍ଡକୁ ଲାଗି ରହିଥିବା ଚାଷ ଜମିଗୁଡ଼ିକରେ ହାତୀପଲଙ୍କ ଉପଦ୍ରବ ଲାଗି ରହିଛି। ହାତୀପଲ ଦିନବେଳେ ଜଙ୍ଗଲରେ ଲୁଚି ରହୁଥିବା ବେଳେ ସଂଧ୍ୟା ବେଳେ ଜନବସତିମୁହାଁ ହେଉଛନ୍ତି। ବିଲରେ ପଶି ଧାନ ଖାଇବା ସହ ବ୍ୟାପକ ନଷ୍ଟ କରୁଛନ୍ତି। ପ୍ରାଣ ହରାଇଥିବା ଦନ୍ତାଟି କିଛି ଦିନ ହେଲା ଗୋଠଛଡ଼ା ହୋଇ ଏକୁଟିଆ ଗାଁରୁ ଗାଁ ଘୂରି ବୁଲୁଥିଲା। ତାକୁ ଦେଖିଲେ ତା'ର ସ୍ୱାସ୍ଥ୍ୟବସ୍ଥା ମଧ୍ୟ ଖରାପ ଭଳି ଲାଗୁନଥିଲା। ତେଣୁ ଆଜି ତା'ର ହଠାତ୍ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଅପରପକ୍ଷେ, ଏହି ବନଖଣ୍ଡରେ ପାଖାପାଖି ବର୍ଷକ ମଧ୍ୟରେ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ସମସ୍ତଙ୍କ ମୃତ୍ୟୁ ମାସର ୧୮ ତାରିଖରେ ହୋଇଛି। ହାତୀମୃତ୍ୟୁ ସହ ୧୮ ତାରିଖର ଆକସ୍ମିକ ସଂଯୋଗ, ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁସାରେ, ନାକଟିଦେଉଳ ରେଞ୍ଜରେ ୧୮.୮.୨୦୨୪ ରେ ଚହଡ଼ପଶିରେ ଗୋଟିଏ ମାଈ ହାତୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲା। ୧୮.୧୧.୨୦୨୪ରେ ଘୁଷୁରାମାଳର ବୁରମାଲ ଜଙ୍ଗଲରେ ୩ ଟି ହାତୀ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିଲେ। ଆଜି ପୁଣି ୧୮ ନଭେମ୍ବର ୨୦୨୫ରେ ଗୋଟିଏ ଦନ୍ତାହାତୀର ପ୍ରାଣ ଯାଇଛି। ତେବେ ଏ ସଂପର୍କରେ ଡିଏଫ୍‌ଓ କହିଛନ୍ତି ଯେ ଏହା ସଂଯୋଗମାତ୍ର ହୋଇପାରେ। ତାରିଖ ସହ ହାତୀମୃତ୍ୟୁର କୌଣସି କାରଣ ନାହିଁ।


## AFFIDAVIT

I, **Shreemati Ojha,** W/o.: Jitu Ojha, Permanent resident of At/PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: 6015, sworn before Executive Magistrate, Angul on Dt.17.11.2025 that from now onwards my daughters name Sonalika Ojha will be known as **Muni Ojha** for all future legal purposes.

## AFFIDAVIT

I, **Jaiga Sahu,** W/o.: Brahmananda Sahu, Permanent resident of At/PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: 6016, sworn before Executive Magistrate, Angul on Dt.17.11.2025 that from now onwards my daughters name Pragyanparamita Sahoo will be known as **Prajna Paramita Sahu** for all future legal purposes.

## NAME CHANGE

By virtue of an affidavit sworn before the Executive Magistrate, Tangi, Khordha CF.NO. 2682, dated 23/10/2025, I, **DEBDAS RAY**, S/o Bimal Ray resident of At: Gobardhanpur Colony Po: Bhusandpur, Ps - Tangi, Dist-Khordha, State- Odisha, Pin-752021 declare that I have changed my daughter's name from **KUMARI RIYA RAY** (Old Name) to **RIYA RAY** (New Name). Henceforth, she shall be known as **RIYA RAY** for all future purposes.

(Sd- **DEBDAS RAY**)

## AFFIDAVIT

By virtue of an affidavit sworn before The Notary Public, Bhubaneswar, dated: 17/11/2025, I, Gayatri Choudhury, permanent resident of At: Bangarada, PO: Phasiguda, PS: Patapur, Dist. Ganjam, Odisha, currently residing at Plot No.1734/3740, Kalpana Flat Area, PO: BJB Nagar, PS: Laxmisagar, Bhubaneswar, Dist. Khordha, PIN: 751014, Odisha declare that I have changed the name of my daughter from Sunali Choudhury to Sonali Choudhury. Henceforth, she shall be known as Sonali Choudhury for all purposes.

## AFFIDAVIT

I, Sushant Ranjan Chaini, S/o- Sudarshan Chaini, Resident of Plot No-54/1490, Flat No-207, Dream Avenue Apartment, Bhagabanpur, Patrapada, Bhubaneswar, Dist-Khurda, Odisha, Pin-752104 declare by this affidavit No. 949, dated-18/11/2025 that now onwards I shall be known as **SUSANTA RANJAN CHAINI** for all future purposes.

## AFFIDAVIT

I, PURANDARA SAHU, aged about 42 years, S/o- Sidheswar Sahu, Resident of Vill: Majhipada, PO: Sonapur, Biramaharajpur, Dist.: Sonapur, Odisha, PIN-767017 declared by this Affidavit No.: 1484/2025, Dated: 18.11.2025. That now onwards I shall be known as **PURANDAR SAHU** for all future Purposes.

## AFFIDAVIT

By virtue of an affidavit before the Notary Public, Titilagarh, on dated-16/11/2025. I, **Pramodini Naik** (applicant name), W/o Surendra Kumar Naik, permanent resident of AT- Bohidarpada W.N. 15, PO-Titilagarh, PS- Titilagarh, Dist-Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Shennhamai Naik** (old name) to **Sneha Mayee Naik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Sneha Mayee Naik** (new name) for all future purposes.

**Pramodini Naik**

## AFFIDAVIT

By virtue of an affidavit sworn before Executive Magistrate, Aska vide no.-1672 dtd.14.11.2025 I, Rabindra Nahak, S/o-Late Nilamani Nahak resident of Vill./Po.- Baragan, Ps.- Koti-nada, Dist.- Ganjam, Odisha, Pin- 761111 state that, in my Aadhaar Card my name has been mentioned as Rabindra Nahak. In my passport my name has been mentioned as Rabindra Kumar Nahak. That **Rabindra Nahak** and **Rabindra Kumar Nahak** is one and same person.i.e. myself.

## AFFIDAVIT (for Minor)

By virtue of an affidavit sworn before Executive Magistrate, Banpur, vide No.- 4176, dated 14/11/2025 I, Buti Jani, aged about 44 years, Address W/o-Biranchi Jani, At- Baguda, Po.-Damiabarabara, Ps.- Banpur, Dist.- Khordha, Odisha, Pin-752035 declare that, I have changed the name of my son from **Rajendra Jani** to **Rajesh Jani**. Henceforth, he shall be known as **Rajesh Jani** for all purposes.

Rajesh Jani

## AFFIDAVIT

I, Swetapadma Patnaik, aged about 46 years, W/o-shivnarayan Pattanaik, resident of At- Plot No-379, Cuttack Road, Bomikhal, Budheswari, Ps-Laxmisagar, Bhubaneswar, Dist- Khurda, Odisha, Pin-751006 declare by this affidavit No. 2252, dtd-16/11/2025, that now onwards I shall be known as **SWETAPADMA PATTNAIK** for all future purposes.

## AFFIDAVIT

By virtue of an affidavit sworn before Executive Magistrate, Athagarh on dated, 27.10.2025, I Gobinda Sundi, resident of vill- Orda ( Gobara), Po- Gobara , Ps- Gurudijhatia Dist- Cuttack, Odisha, PIN-754028 declare that I have changed my name from Gobind Sundi to Gobinda Sundi . Henceforth, I shall be known as **GOBINDA SUNDI** for all purposes.

## AFFIDAVIT

By virtue of an affidavit (CF No.02, dtd- 18/11/2025) sworn before the Executive Magistrate, Padampur. I, **Brundabana Rana,** S/o Shashikanta Rana, resident of At- Padampur (Kapsila), Po-Rajborasambar, Ps- Padampur, Dist- Bargarh, PIN- 768036, Odisha declare that I have changed my name from **Brundaban Rana** (old name) to **Brundabana Rana** (new name). Henceforth, I shall be known as **Brundabana Rana** (new name) for all purposes.

**Brundabana Rana**

## AFFIDAVIT

Bikash kumar Agarwalla, S/O-Late Nanda kishore Agarwalla, Resident of ward no-2 Babusahi, po- Babusahi, ps-Baripada Town, Dist - Mayurbhanj -757001 Odisha, declared by this affidavit no-242,Dated-17/11/2025 that now onwards I shall be known as **BIKASH AGARWAL** for all future purpose.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜୁଆରେ ହାରିଲେ...

କରିଥିଲେ ବୋଲି ମହିଳା ଅଭିଯୋଗ କରିଛନ୍ତି। ଯୌତୁକ ଆଣି ନଥିବାରୁ ଶଶୁର ବାରମ୍ବାର ଦୁଷ୍କର୍ମ କରୁଥିଲେ ବୋଲି ମହିଳା ଜଣକ ଥାନରେ ଅଭିଯୋଗ କରିଛନ୍ତି। ଏହାପରେ ଗର୍ଭପାତ କରିବାକୁ ଶଶୁର ଘର ଲୋକ ବାରମ୍ବାର ଚାପ ପକାଉଥିଲେ। ତାଙ୍କ ଉପରକୁ ଏସିଡ୍ ମାଡ଼ କରି ହତ୍ୟା କରିବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ସେ କୌଣସି ପ୍ରକାରେ ସେଠାରୁ ମୁକୁଳି ବାପାଘରକୁ ପଳାଇ ଆସିଥିଲେ। ବାପଘର ଲୋକଙ୍କ ସହାୟତାରେ ସେ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ମାମଲା ପ୍ରତ୍ୟାହାର କରିବାକୁ ଶାଶୂଘର ଲୋକେ ତାଙ୍କ ବାପାଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ସେ କହିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଆନ୍ଧ୍ରରେ ହେବ...

କମ୍ପୋଜିଟ୍ ଷ୍ଟ୍ରକଚର ତିଆରି କରାଯିବ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଏହି କ୍ଲଷ୍ଟରରୁ ବାର୍ଷିକ ୧୦୦୦ଟି ପରବର୍ତ୍ତୀ ପିଢ଼ିର ବିମାନ ଉତ୍ପାଦନ କରାଯାଇପାରିବ। ଘୋଷଣାର ଦୁଇ ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ପ୍ରଥମ ଡ୍ରୋନ୍ ଟ୍ୟାକ୍ସି ଆରମ୍ଭ ହେବ। ଏହି ପ୍ରକଳ୍ପ ୨୦୨୭ ସୁଦ୍ଧା ୪୦ଟି ସ୍ୱତନ୍ତ୍ର ନିଯୁକ୍ତି ଏବଂ ୧୪୦ଟି ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ। ଏହା ଉନ୍ନତ ଉତ୍ପାଦନ, ମହାକାଶ କ୍ଷେତ୍ରରେ ନବସୃଜନ ଏବଂ ଗ୍ରୀନ ଟେକ୍ନୋଲୋଜି କ୍ଷେତ୍ରରେ ଉଚ୍ଚ-ମୂଲ୍ୟର ନିଯୁକ୍ତି ସୃଷ୍ଟି କରିବ। ଏହି ପ୍ରକଳ୍ପ ଦ୍ୱାରା ଆନ୍ଧ୍ରପ୍ରଦେଶ ଏୟାର ଟ୍ୟାକ୍ସିର ଉତ୍ପାଦନର ରାଜଧାନୀ ହେବ। ଦୀର୍ଘକାଳୀନ ହିସାବରେ ଦେଖିଲେ ବିଶାଳ ଫ୍ରାଞ୍ଚାଇଜ୍ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ। ଆଉ ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ।

### ଏସ୍‌ସିବିରେ ଲଜ୍ଜା...

ଏତଲା ଦେଇଥିଲେ। ଏହାପରେ ଏସ୍‌ସିବି ପରିସରରେ ପୁଲିସ ଚଢ଼ଉ କରି ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ମାନସଙ୍କୁ ଗିରଫ କରିଥିଲା। ତାକୁ ଜେରା କରିବା ସମୟରେ ସେ ପୁଲିସ ସାମ୍ନାରେ ନିଜର ଅପରାଧ ସ୍ୱୀକାର କରିଥିବା ଜଣାପଡ଼ିଛି। ମାତ୍ରାଧିକ ମଦ୍ୟପାନ କରି ସେ ସମ୍ପୃକ୍ତ ଯୁବତୀଙ୍କୁ ଅସଦାଚରଣ କରିଛି ବୋଲି ପୁଲିସ ସାମ୍ନାରେ କହିଛି। ଅନ୍ୟପଟେ ଘଟଣା ସମ୍ପର୍କରେ ଏସ୍‌ସିବି ଅତିରିକ୍ତ ଅଧୀକ୍ଷକ ଜ୍ୟୋତିର୍ମୟ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୁକ୍ତ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତାକୁ ଚାକିରିରୁ ବହିଷ୍କାର କରାଯିବା ପରେ ଆଗାମୀ ଦିନରେ ପ୍ରତ୍ୟେକ ଆଇସିୟୁ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

### ଅମାନିଆ ବାବୁଙ୍କ...

ଉତ୍ତରଦାୟୀ ରହିବେ? ପଠାଣି ସାମନ୍ତଙ୍କ ଜୟନ୍ତୀ ଅବସରରେ ଖଣ୍ଡପଡ଼ାଠାରେ ଏକ ପ୍ଲାନେଟୋରିୟମ ପ୍ରତିଷ୍ଠା ପାଇଁ ମୁଁ ନିଜେ ପ୍ରତିଶ୍ରୁତି ଦେଇଥିଲି। ଏଦିଗରେ ନୟାଗଡ ଜିଲ୍ଲାପାଳ କ'ଣ ପଦକ୍ଷେପ ନେଇଛନ୍ତି ? ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ ୨୯୬୦ କୋଟି ଟଙ୍କା ବରାଦ କରିଛନ୍ତି। ମାତ୍ର ଏଯାବତ୍ ଅଳ୍ପ କିଛି ବିଦ୍ୟାଳୟର ଭିତ୍ତିପ୍ରସ୍ତର ହୋଇଥିବା ବେଳେ ଯୋଜନାଟି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ବାବଦ ଅର୍ଥ ଆଗାମୀ ୪-୫ ମାସ ମଧ୍ୟରେ କିପରି ଖର୍ଚ୍ଚ ହେବ, ତାହା ଆମ ପାଇଁ ବଡ଼ ଆହ୍ୱାନ। ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପରି ଜନକଲ୍ୟାଣକାରୀ ଯୋଜନା ଆଜିଯାଏଁ ଆରମ୍ଭ ହୋଇପାରିଲା ନାହିଁ। ଏହାକୁ କିପରି କାର୍ଯ୍ୟକାରୀ କରାଯିବ, ତାହା ବର୍ତ୍ତମାନ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଜେଟ ଗୃହୀତ ହେବାକୁ ୮ ମାସ ପୂରି ସାରିଥିବା ବେଳେ ଆଉ ୪ ମାସ ପରେ ଆର୍ଥିକ ବର୍ଷ ସରିବାକୁ ଯାଉଛି। ଏଭଳି ଯୋଜନା ପାଇଁ ଯଦି ଦିଶା, ନିର୍ଦ୍ଦେଶ ପ୍ରସ୍ତୁତ ହୋଇପାରୁନାହିଁ, ତାହେଲେ ଜିଲ୍ଲାପାଳ ଏହାକୁ କିପରି କାର୍ଯ୍ୟକାରୀ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ଏହା ସହ ସରକାରୀ ଯୋଜନା ଯେପରି ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେବ, ସେ କ୍ଷେତ୍ରରେ ତତ୍ପରତା ପ୍ରକାଶ କରିବାର ସର୍ବାଧିକ ଆବଶ୍ୟକତା ଅଛି ବୋଲି ଉଲ୍ଲେଖ କରି ମୁଖ୍ୟ ସଚିବ ଏବଂ ଉନ୍ନୟନ କମିଶନର ବିଭିନ୍ନ ପ୍ରକଳ୍ପର ସମୟ ଅନୁସାରେ ସମୀକ୍ଷା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୁନଶ୍ଚ ନିଜ ଅଭିଭାଷଣରେ ମାର୍ଚ୍ଚ ସିଣ୍ଡ୍ରୋମ ପ୍ରସଙ୍ଗ ମଧ୍ୟ ଉତ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ଯେ ମାର୍ଚ୍ଚ ମାସ ସିଣ୍ଡ୍ରୋମର ଅର୍ଥ ହେଉଛି ବର୍ଷ ସାରା କାମକୁ କଚ୍ଛପ ଗତିରେ ଚଲାଇବା ଏବଂ ମାର୍ଚ୍ଚ ମାସକୁ ଲକ୍ଷ୍ୟ ରଖି ନଭେମ୍ବର-ଡିସେମ୍ବରରୁ କାର୍ଯ୍ୟ ବେଗ ବଢ଼ାଇବା। ଏହି ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ କରିବାକୁ ଚେଷ୍ଟା କରାଯାଏ। ମାତ୍ର ଏହା ସମ୍ଭବ ପର ହୋଇପାରୁ ନାହିଁ। ଏହାଦ୍ୱାରା କାର୍ଯ୍ୟର ଗୁଣାତ୍ମକ ମାନ ହ୍ରାସ ପାଉଛି। ଏମିତି କଲେ ଆମେ ଆମ ଲକ୍ଷ୍ୟ ୨୦୩୬ ପ୍ରାପ୍ତ କରିପାରିବା ନାହିଁ। ଏହାକୁ ଆଗାମୀ ଦିନରେ ବନ୍ଦ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ତୃଣମୂଳସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟନ୍ୱୟନରେ ଜିଲ୍ଲା ଜିଲ୍ଲା ମଧ୍ୟରେ ବହୁ ପାର୍ଥକ୍ୟ ରହୁଥିବା ନେଇ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କୁକୁଡା ପାଳନ ଯୋଜନା ୩୦ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି। ମାତ୍ର କେଉଁଠି ଯୋଜନା ୮୦ ପ୍ରତିଶତ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ବେଳେ କେଉଁ ଜିଲ୍ଲାରେ ୨୦ ପ୍ରତିଶତ କାର୍ଯ୍ୟକାରୀ ହୋଇଛି। ତେଣୁ ଅଧିକାରୀମାନେ ଏନେଇ ଉତ୍ତରଦାୟିତ୍ୱ ନିଅନ୍ତୁ। ତୃଣମୂଳସ୍ତରକୁ ନିୟମିତ ଗସ୍ତ କରି ଯୋଜନାର କାର୍ଯ୍ୟନ୍ୱୟନରେ ଆଉଟଷ୍ଟାଣ୍ଡିଂ ସ୍ତରରେ ପହଞ୍ଚିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### କୁଖ୍ୟାତ ମାଓନେତା...

ନିପାତ କରିବା ପାଇଁ ସୁରକ୍ଷାବାହିନୀକୁ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ। ଏହା ପରେ ଆନ୍ଧ୍ର, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମା ସ୍ଥିତ ମରେଡିମିଲ୍ଲିର ଘନ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ମାତ୍ର କଣ୍ଟ ସରିବାର ୧୨ ଦିନ ପୂର୍ବରୁ ସୁରକ୍ଷାବାହିନୀକୁ ଏହି ସଫଳତା ମିଳିଛି। ଗତ ୨ ଦଶନ୍ଧି ମଧ୍ୟରେ ହିଡ଼ମା ଜଙ୍ଗଲରେ ରହି ସୁରକ୍ଷାବାହିନୀ ଉପରେ କ୍ରମାଗତ ଭାବେ ଆକ୍ରମଣ କରୁଥିଲା। ସେ ୨୬ରୁ ଅଧିକ ବଡ଼ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା। ଏଗୁଡ଼ିକ ମଧ୍ୟରେ ୨୦୧୦ ଦାନ୍ତେୱାଡ଼ା ଆକ୍ରମଣ ସାମିଲ ଥିଲେ। ଏଥିରେ ୭୬ ସିଆରପିଏଫ ଯବାନ ପ୍ରାଣ ହରାଇଥିଲେ। ଏହା ବ୍ୟତୀତ ୨୦୧୩ର ଝିରମ ଘାଟୀରେ ଚାରିପଟୁ ଘେରି ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ୨୭ ଜଣଙ୍କ ଜୀବନ ଯାଇଥିଲା। ୨୦୨୧ରେ ସୁକମା-ବିଜାପୁରରେ ମଧ୍ୟ ଏଭଳି ଆକ୍ରମଣ କରାଯାଇ ୨୧ ଯବାନଙ୍କୁ ହତ୍ୟା କରାଯାଇଥିଲା। ହିଡ଼ମାକୁ ମାରିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଫୋନରେ ସୁରକ୍ଷାବାହିନୀ ସହ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି। ୧୯୮୧ରେ ମଧ୍ୟପ୍ରଦେଶର ସୁକମାରେ ଜନ୍ମିତ ହିଡ଼ମା ପିପୁଲ୍ସ ଲିବରେସନ ଗରିଲା ଆର୍ମୀର ନେତୃତ୍ୱ ନେଉଥିଲା। ସେ ସିପିଆଇ ମାଓବାଦୀର ପ୍ରମୁଖ ନିଷ୍ପତ୍ତି ନେଉଥିବା ସଂଗଠନ କେନ୍ଦ୍ରୀୟ କମିଟିରେ ମଧ୍ୟ ସାମିଲ ହୋଇଥିଲା। ସେ ଏହି ସଂଗଠନର ସବୁଠାରୁ ଯୁବ ଏବଂ ବସ୍ତର କ୍ଷେତ୍ରର ଏକମାତ୍ର ସଦସ୍ୟ ଥିଲା। ହିଡ଼ମା ମୁଣ୍ଡ ଉପରେ ୫୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ହିଡ଼ମାର ହତ୍ୟା ମାଓବାଦୀ ସଂଗଠନ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇପାରେ। ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ପାଇଁ ସଦସ୍ୟ ଅଭାବ ସମସ୍ୟାର ସମ୍ମୁଖୀନ ହେଉଥିବା ମାଓବାଦୀଙ୍କ ନିମନ୍ତେ ଆତ୍ମସମର୍ପଣ ବ୍ୟତୀତ ଆଉ କିଛି ବାଟ ନାହିଁ ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟ ଅନେକ ସଦସ୍ୟ ଆତ୍ମସମର୍ପଣ କରି ମୁଖ୍ୟ ଧାରାକୁ ଫେରିଛନ୍ତି।

### ଶୀତରେ ଥରୁଛି...

ଆସନ୍ତା ୭ଦିନ ଯାଏଁ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାସହ ୩ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବ। ସାମାନ୍ୟ ତାପମାତ୍ରା ବଢ଼ିଲେ ମଧ୍ୟ ଶୀତର ପ୍ରକୋପ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ସମୁଦ୍ରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପ୍ରଭାବରେ ଆଗାମୀ ୨୨ ତାରିଖ ଯାଏଁ ଦେଶର ବିଭିନ୍ନ ସ୍ଥାନରେ ବିଶେଷକରି ଦକ୍ଷିଣ ଭାରତରେ ବର୍ଷା ଆଶଙ୍କା ରହିଛି। ୨୨ ତାରିଖ ଯାଏଁ ତାମିଲନାଡୁରେ ପ୍ରବଳ ବର୍ଷା ହେବାକୁ ଥିବା ବେଳେ ୨୦ ତାରିଖ ଯାଏଁ କେରଳରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ଉପକୂଳ ଆନ୍ଧ୍ରପ୍ରଦେଶରେ ବୁଧବାର ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ କାଲିଠାରୁ ୨୧ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ଘୁ.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୫.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସେମିଳିଗୁଡ଼ାରେ ୭.୭, ଦାରିଙ୍ଗବାଡ଼ି ଓ ଫୁଲବାଣୀରେ ୮, ଅନୁଗୁଳରେ ତାପମାତ୍ରା ୯.୮ ଡିଗ୍ରୀ ରେକର୍ଡ କରାଯାଇଛି।

### ଜଳପ୍ରପାତରେ ଭାସିଗଲେ...

ମହାବିଦ୍ୟାଳୟର ଛାତ୍ର। ମାଥିଲି ଦମକଳ ବାହିନୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି।

ସୂଚନା ଅନୁଯାୟୀ, ଶ୍ରୀକାନ୍ତ ଓ ଲିଙ୍ଗରାଜଙ୍କ ସମେତ କିଛି ଯୁବକ ଆଜି ଏହି ଜଳପ୍ରପାତ ନିକଟକୁ ବଣଭୋଜି କରିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ଗାଧୋଉଥିବା ବେଳେ ଜଳପ୍ରପାତର ସ୍ରୋତରେ ଭାସି ଯାଇଥିଲେ। ଦୁଇଜଣ ପହଁରିପହଁରି ଫେରିଆସିଥିବା ବେଳେ ଶ୍ରୀକାନ୍ତ ଓ ଲିଙ୍ଗରାଜ ନିଖୋଜ ହୋଇଯାଇଥିଲେ।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ପୁବାଶାସନ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୁବାଶାସନ ଶାଖାର** ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ପୁବାଶାସନ ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ଲିଙ୍ଗରାଜ ଫ୍ଲାଏ ଆଶ୍ ବ୍ରିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଆଶିଷ କୁମାର ସାହୁ, ୨) ଶ୍ରୀ ଆଶିଷ କୁମାର ସାହୁ, ପିତା: ଯୋଗେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୩୪/୨୧୮୯, ସା: ଉତ୍ତରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ / **ବନ୍ଧକଦାତା/ ଗ୍ୟାରେଣ୍ଟିଦାତା: ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ୰ କୃଷ୍ଣ ଚନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ସା: ଉତ୍ତରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ | କ୍ୟାଶ କ୍ରେଡିଟ୍ | ୨୬.୦୮.୨୦୨୫ / ୧୦.୦୯.୨୦୨୫ / ୩୧.୦୮.୨୦୨୫ ସୁଦ୍ଧା ଟ.୨୫,୨୫,୬୧୧.୦୯ | ୧) ଶ୍ରୀ ଯୋଗେନ୍ଦ୍ର ସାହୁ, ପିତା: ୰ କୃଷ୍ଣ ଚନ୍ଦ୍ର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୪/୨୧୮୯, ଖାତା ନଂ.: ୭୬୭/୪୦୫, କ୍ଷେତ୍ର: ଏକର୦.୦୪୦ଡିସିମିଲି, ମୌଜା: ପୁବାଶାସନ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଅନୁରୂପ ପୂର୍ବ ଖାତା ନଂ.: ୭୬୭/୧୬୨, ପ୍ଲଟ୍ ନଂ.: ୩୪, ପୋ.: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଭାଗବତ ବାସୁଦେବ, ପୂର୍ବ: ବସନ୍ତ ସ୍ୱାଇଁ, ପଶ୍ଚିମ: ପ୍ଲଟ୍ ନଂ.: ୨୨ର ଅଂଶ, **୨) ବନ୍ଧକପ୍ରାପ୍ତ କଳକବ୍ଜା, ଯନ୍ତ୍ରପାତି ଏବଂ ଷ୍ଟକ୍** |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୮.୧୧.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# କୋଟିଆରେ ଜୀବନ ଜୀବିକା ସମ୍ପର୍କ ମେଳା



ପଟ୍ଟାଙ୍ଗି,୧୮।୧୧(ସମିସ): ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆ ପଞ୍ଚାୟତ ଅନ୍ତର୍ଗତ ଫାଟୁସିନେରି ଗ୍ରାମଠାରେ ଓଡିଶା ସରକାରଙ୍କ ପକ୍ଷରୁ ଜୀବନ ଜୀବିକା ସମ୍ପର୍କ ମେଳା ଆୟୋଜନ କରାଯାଇଛି। ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ଏବଂ କୋରାପୁଟ ଜିଲ୍ଲା ଆଇଟିଡିଏ ବିଭାଗର ମିଳିତ ଆନୁକୁଲ୍ୟରେ ଗ୍ରାମର ମଣ୍ଡପ ଠାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିଏଆଇଟିଡିଏ ସ୍ନେହପ୍ରଭା ମାଝି ଯୋଗଦାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୋଟିଆ ସରପଞ୍ଚ ଲିୟୁଗେମେଲ ଉପସ୍ଥିତ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଲପାଗୁଡ଼ା, କୋଣାଦୋରା, ହରମାଣ୍ଡିଙ୍ଗି, ଫାଟୁସିନେରି,ଫଗୁଣିଶିନେରି ଗ୍ରାମର ମହିଳା ମାନେ ଯୋଗଦାନ ଦେଇଥିଲେ। ସ୍ଥାନୀୟ ମହିଳା ମାନଙ୍କ କିଭଳି ଆର୍ଥିକ ସ୍ଥିତି ସୁଦୃଢ ହୋଇ ପାରିବ ସେଥିନେଇ ସଚେତନ କରାଯାଇଥିଲା। ମହିଳାମାନେ କଳା ହଳଦୀ, ମହୁ, ଷ୍ଟବେରି ଚାଷ ଏବଂ ମାଣ୍ଡିଆକୁ ବ୍ୟବହାର କରି ବିଭିନ୍ନ ସାମଗ୍ରୀର୍ ତିଆରି କରି ନିଜର ଆର୍ଥିକ ସ୍ଥିତି ସୁଦୃଢ କରି ପାରବା ଆଦି ବିଷୟ ନେଇ ସଚେତନ କରାଯାଇଥିଲା।

## କଚ୍ଛପଗତିରେ ମେଗା ଜଳପ୍ରକଳ୍ପ

# ଠିକାସଂସ୍ଥାର ଅବହେଳା; କାଟୁକରୁନି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ନନ୍ଦପୁର,୧୮।୧୧ (ସମିସ): ରାଜ୍ୟ ସରକାରଙ୍କ ଲୋକପ୍ରିୟ ଓ ଜନହିତକର ବହୁମୁଖି ମେଗା ପାନୀୟ ଜଳ ପ୍ରକଳ୍ପ, ଯେଉଁଥିରେ ବ୍ଲକର ୨୩ ପଞ୍ଚାୟତ ସହ ସେମିଳିଗୁଡା ବ୍ଲକର ୨ ପଞ୍ଚାୟତ ମିଶି ସମୁଦାୟ ୫୦,୦୦୦ରୁ ଅଧିକ ଅଧିବାସୀ ଜଳ ଅଭାବରୁ ମୁକ୍ତି ପାଇବେ ବୋଲି ଆଶା ରଖାଯାଇଥିଲା। ତାହା ଏବେ ସୁଦ୍ଧା ଦିବାସ୍ୱପ୍ନ ହୋଇ ରହିଯାଇଛି। ଗତ ୨୦୨୧ ମସିହାରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଯାହା ୨୦୨୩ରେ କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ ରଖାଯାଇଥିଲା । କିନ୍ତୁ ସଂପୃକ୍ତ ମହାରାଷ୍ଟ୍ରର ଠିକା ସଂସ୍ଥା ବର୍ଷ ପରେ ବର୍ଷ ଗଡ଼ାଇ ଚାଲିଛି। ହେଲେ ପ୍ରକଳ୍ପ ବର୍ତ୍ତମାନ ସୁଦ୍ଧା ଲୋକାର୍ପଣ ହେବା ସ୍ଥିତିକୁ ନ ପହଞ୍ଚିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଅକ୍ଟୋବର ମାସରେ ଜିଲ୍ଲାପାଳଙ୍କ ନନ୍ଦପୁର ଗସ୍ତ ସମୟରେ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଥିବା ବେଳେ ଅଗ୍ରଗତି ଦେଖି ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରି ଧାର୍ଯ୍ୟ ସମୟ ସୀମାରେ ସମାପନ କରିବାକୁ ସଂପୃକ୍ତ ଠିକା ସଂସ୍ଥାକୁ ସେ ଚେତାବନୀ ମଧ୍ୟ ଦେଇଥିଲେ। କିନ୍ତୁ ଦେଖାଯାଉଛି ଠିକା ସଂସ୍ଥାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କାଟୁ କରୁନି। ସୂଚନା ଅନୁଯାୟୀ, ୯,୦୦,୦୦୦ ଲିଟର ସମ୍ବଳିତ ରିଜର୍ଭ ଟାଙ୍କିର ଛାତ କାମ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନି। ମୁଖ୍ୟ ପମ୍ପ୍ ହାଉସ ଲାଗି ଗୃହ ନିର୍ମାଣ କାର୍ଯ୍ୟର ମୂଳଦୁଆ ପଡିନଥିବା ହେତୁ ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତ ଦେଖାଯାଉଛି। ପ୍ରକଳ୍ପର ଏହି ଦୟନୀୟ ଅଗ୍ରଗତି ଦେଖିଲେ ଯାହା ପ୍ରତିତ ହେଉଛି ଆସନ୍ତା ଦେଢ଼ କିମ୍ବା ଦୁଇ ବର୍ଷ ପର୍ଯ୍ୟନ୍ତ ମେଗା ପ୍ରକଳ୍ପ ଦ୍ୱାରା ଜଳ ଯୋଗାଣ ସମ୍ଭବ ନୁହେଁ। ଜନସାଧାରଣ ଆଶା କରୁଛନ୍ତି, ଜିଲ୍ଲାପାଳଙ୍କ ସିଧା ସଳଖ ହସ୍ତକ୍ଷେପ ଓ ସରକାରୀ କଠୋର ନିଷ୍ପତ୍ତିରେ ମେଗା ପାନୀୟ ଜଳ ପ୍ରକଳ୍ପ ପୁନର୍ଜୀବନ ପାଇ ତ୍ୱରାନ୍ୱିତ ହେବ।



## ■ ନିମ୍ନମାନର ମଧ୍ୟାହ୍ନଭୋଜନ ନେଇ ଅସନ୍ତୋଷ

# ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗ ଚୁପ୍

କାକିରିଗୁମା,୧୮।୧୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ତୁନୁପାର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଥିବା ଅଭିଯୋଗ ପୁଣି ଆସିଛି। ଅନେକ ସମୟରେ ଖାଇବା ଛୁଟି ସମୟରେ ମଧ୍ୟାହ୍ନଭୋଜନ ଦିଆଯାଉ ନଥିବାରୁ ଛାତ୍ରଛାତ୍ରୀ ଦୀର୍ଘ ସମୟ ପର୍ଯ୍ୟନ୍ତ ଉପବାସରେ ଥାକି ଧରି ଛିଡ଼ା ହେଉଥିବା ଦେଖିବାକୁ ମିଳୁଛି। ୪୦୦ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାୟ ୧୫ କିଲୋ ପରିବା, ଗୋଟିଏ କିଲୋ ପିଆଜ, ଅଧା ଲିଟର ତେଲରେ ତରକାରୀ ପ୍ରସ୍ତୁତ କରା ଯାଉଥିବା ବିଷୟ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମାନେ ପ୍ରକାଶ କରୁଛନ୍ତି। ପୁଣି ଅଣ୍ଡା ତରକାରୀ ବଦଳରେ ଆଳୁ ଝୋଳ ଓ ଗୋଟିଏ ଗୋଟିଏ ସିଝା ଅଣ୍ଡା ଛାତ୍ରଛାତ୍ରୀଙ୍କ ହାତରେ ଧରାଇ ଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଦିନେ କି ଦୁଇ ଦିନ ନାହିଁ ବାରମ୍ବାର ଏପରି ନିମ୍ନମାନର ଖାଦ୍ୟ ପ୍ରଦାନ କରୁଥିବାରୁ ନିୟମିତ ଅଭିଯୋଗ ହେଉଛି। ଗତ ସେପ୍ଟେମ୍ବର ୮ ଓ ୧୫ ତାରିଖରେ ୨.୩୦ ପର୍ଯ୍ୟନ୍ତ ମଧ୍ୟାହ୍ନଭୋଜନ ଦିଆଯାଇ ନଥିବା ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଯୋଗ କରିଥିଲେ। ଏହା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସେପ୍ଟେମ୍ବର ୨୩ ତାରିଖରେ ତଦନ୍ତ ପାଇଁ ଲକ୍ଷ୍ମୀପୁର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଳୟ ଗସ୍ତ କରି ଛାତ୍ରଛାତ୍ରୀମାନଙ୍କୁ ଏବଂ ପରିଚାଳନା କମିଟିକୁ ପଚାରିଥିଲେ। ତଦନ୍ତକାରୀ ଅଧିକାରୀଙ୍କୁ ମଧ୍ୟାହ୍ନଭୋଜନ ଅନିୟମିତତା ଘଟଣା ସଂପର୍କରେରେ ଛାତ୍ରଛାତ୍ରୀ ଓ ପରିଚାଳନା କମିଟି ସଦସ୍ୟ ମାନେ ଅଭିଯୋଗ କରିଥିଲେ। ତଦନ୍ତ ଅଧିକାରୀ ସବୁ ଜାଣି ଶୁଣି ତଦନ୍ତ କରି ଫେରିଥିବା ବେଳେ ଏହି ତଦନ୍ତ ରିପୋର୍ଟକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଉକ୍ତ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ନିମ୍ନମାନର ଏବଂ ବିଳମ୍ବରେ ମଧ୍ୟାହ୍ନଭୋଜନ ଅଣ୍ଡା ତରକାରୀ ବଦଳରେ ଆଳୁ ଝୋଳ ସାଙ୍ଗକୁ ସିଝା ଅଣ୍ଡା ଗୋଟିଏ ଗୋଟିଏ ହାତରେ ଧରାଇ ଦେଇଥିବା ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉନାହିଁ। ତେଣୁ ଏହାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ରୋଷେଇ ଦାୟିତ୍ୱରେ ଥିବା ସଦସ୍ୟା ମାନଙ୍କୁ ପଚାରିବାରୁ ବିଳମ୍ବ ହେଉଥିବା କଥା ସ୍ୱୀକାର କରିଛନ୍ତି। ପ୍ରଧାନ ଶିକ୍ଷକ ସ୍ୱୟଂ ସହାୟିକା ଗୋଷ୍ଠୀ ଉପରେ ଦୋଷ ଲଦି ଖସିବାକୁ ଚେଷ୍ଟା କରୁଛନ୍ତି। ରୋଷେୟା ଏବଂ ପ୍ରଧାନ ଶିକ୍ଷୟିତ୍ରୀ କହିବା ଅନୁସାରେ ଉକ୍ତ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଅନିୟମିତତା ଏବଂ ସରକାରୀ ଯୋଜନା ବାଟବଣା ହେଉଥିବା ଜଣାପଡୁଛି। ମଧ୍ୟାହ୍ନଭୋଜନ ଅନିୟମିତତା ଏବଂ ନିମ୍ନମାନର ମଧ୍ୟାହ୍ନ ଭୋଜନ ପ୍ରଦାନ କରୁଥିବା ସମ୍ପର୍କରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ , ଗୋଷ୍ଠୀ ଶିକ୍ଷା ଅଧିକାରୀ ରିତା ମହାନ୍ତିଙ୍କୁ ଯୋଗଯୋଗ କରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ସୂଚନା ଦେଇଛନ୍ତି।

# ପଞ୍ଚାୟତ ଓ ବ୍ଲକ୍‌ସ୍ତରୀୟ ପରବ ପ୍ରସ୍ତୁତି ବୈଠକ



ନାରାୟଣପାଟଣା ୧୮।୧୧(ସମିସ): ଚଳିତ ବର୍ଷ ପରବ କମିଟିର ଅଧ୍ୟକ୍ଷ ତଥା ପ୍ରୋବେସନାରୀ ପ୍ରଶାସକ ତଥା ବିଡିଓ ସନ୍ତୋଷ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ବ୍ଲକ ସଭାଗୃହ ପରିସରରେ ପଞ୍ଚାୟତ ଓ ବ୍ଲକ ସ୍ତରୀୟ ପରବ ୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ଉପାଧ୍ୟକ୍ଷା ରିନୁ ଦାସ, ବିଧାୟକ ପବିତ୍ର ସାଉଁନ୍ତା, ଓଏଏସ୍ ଅଧିକାରୀ ବିକ୍ରମ କୁମାର ଦୋରା, ତହସିଲଦାର ପ୍ରଭାତି ଝଡିଆ, ବିଇଓ ଅର୍ପିତା ନାୟକ, ଏଇ ସୁଶାନ୍ତ କୁମାର ମହାଲିକ ସମେତ ସମସ୍ତ ଜନପ୍ରତିନିଧି, ବ୍ଲକର ସମସ୍ତ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ କିପରି ଆଡମ୍ବର ସହକାରେ ଏହି ପରବ ପାଳନ ହେବ ସେ ନେଇ ସମସ୍ତଙ୍କ ସହଯୋଗ କାମନା କରିବା ସହ ଜିଲ୍ଲାର ୧୪ ଟି ବ୍ଲକ ମଧ୍ୟରୁ ନାରାୟଣପାଟଣା ଯେମିତି ପ୍ରଥମରେ ରହିବ ସେ ନେଇ ସମସ୍ତଙ୍କ ସହଯୋଗ ଲୋଡ଼ାଯାଇଥିଲା। ପଞ୍ଚାୟତ ସ୍ତରୀୟ ପରବ ଆୟୋଜନ ନ କରିବାକୁ ସମସ୍ତ ସରପଞ୍ଚ ମନା କରିବା ପରେ ବ୍ଲକସ୍ତରୀୟ ଆୟୋଜନ କରିବାକୁ ମତ ପ୍ରକାଶ କରିଥିଲେ। ସେହିପରି ଆସନ୍ତା ୨୮ ତାରିଖରେ ବ୍ଲକ୍‌ସ୍ତରୀୟ 'ପରବ' ପାଳନ ପାଇଁ ନିଷ୍ପତ୍ତି ନିଆ ଯାଇଥିଲା। ଜିଲ୍ଲାରେ ନାରାୟଣପାଟଣା ବ୍ଲକ ଯେପରି ପ୍ରଥମ ସ୍ଥାନ ପାଇବ ସେ ନେଇ ଆଶାବ୍ୟକ୍ତ କରାଯାଇଛି। ହନୁମାନ ମନ୍ଦିରରୁ କଳସ ଶୋଭାଯାତ୍ରା ସହ ବ୍ଲକ୍‌ସ୍ତରୀୟ ପାଳନ ପାଇଁ ମତାମତ ପ୍ରକାଶ ପାଇଥିଲା। ପ୍ରତ୍ୟେକ ପଞ୍ଚାୟତରୁ ତିନୋଟି ଲେଖାଏଁ ସାଂସ୍କୃତିକ ଦଳ ବ୍ଲକସ୍ତରରେ ଭାଗ ନେବେ। ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ନିଜ ନିଜ ମତ ପ୍ରକାଶ କରିଥିଲେ।

# ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଉଦ୍‌ବୋଧନୀ କାର୍ଯ୍ୟକ୍ରମ



ନବରଙ୍ଗପୁର,୧୮।୧୧(ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ନବରଙ୍ଗପୁର ଜିଲ୍ଲା ଶାଖା ତରଫରୁ ଧୋଡ୍ରାସ୍ଥିତ ଅଲେଖ ମହିମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ବିବେକାନନ୍ଦଙ୍କ ବକ୍ତୃତାମାଳା " ଉଦ୍‌ବୋଧନୀ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଜିଲ୍ଲା ସଂପାଦକ ବଂଶୀଧର ଭୂୟାଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ତଥା ମାଧ୍ୟମିକ ବିଦ୍ୟାଳୟର ସଂପାଦକ କେଦାରେଶ୍ୱର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ତଥା ସାରସ୍ୱତ ସାଧକ ବଲ୍ଲଭ ରାଉତ ଯୋଗଦେଇ ବିବେକାନନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣୀତ ହେବାପାଇଁ ଛାତ୍ର ଛାତ୍ରୀ ମାନଙ୍କୁ କହିଥିଲେ। ଦକ୍ଷିଣ ସଂଭାଗର ବିଚାରଧାରା ପ୍ରମୁଖ ତଥା ସ୍ଥାନୀୟ ଚଢେଇଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ ସ୍ୱାମୀଜୀଙ୍କର ମାନବ ସେବା ଧର୍ମୀ ଚିକାଗୋ ବକ୍ତବ୍ୟ ଉପରେ କହିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିନ୍ତାମୁକ୍ତ ରାଜଯୋଗ ଶିବିର

ନବରଙ୍ଗପୁର,୧୮।୧୧(ସମିସ): ନବରଙ୍ଗପୁରର ସର୍ବପୁରାତନ ଶ୍ରୀଚୈତନ୍ୟ ମନ୍ଦିର ପରିସରରେ ଗୀତାର ଆଧ୍ୟାତ୍ମିକ ରହସ୍ୟ ବା ଚିନ୍ତାମୁକ୍ତ ରାଜଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ପ୍ରବଚିକା ଜାମସେଦପୁରରୁ ରାଜ ଯୋଗିନୀ ବ୍ରହ୍ମା କୁମାରୀ ଅଞ୍ଜୁ ଦିଦିଜି ଯୋଗ ଦେଇଥିଲେ। ଭଗବତ ଗୀତା ସମାଜ ପରିବର୍ତ୍ତନର ମୁଖ୍ୟ ଆଧାର ଅଟେ। ବ୍ୟକ୍ତିର ବ୍ୟକ୍ତିତ୍ୱ ଦେବ ତୁଲ୍ୟ ବନାଇବା ତଥା ଏକ ସୁସ୍ଥ ସୁଦୃଢ଼ ଓ ଉନ୍ନତ ବା ମୁଲ୍ୟନିଷ୍ଠ ସମାଜ ନିର୍ମାଣର ପ୍ରାଣକେନ୍ଦ୍ର ବୋଲି ମତବ୍ୟକ୍ତ କରିଥିଲେ। ଶିବିରରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, କୁଞ୍ଜ ବିହାରୀ ଦାସ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର , ବନଖଣ୍ଡ ଅଧିକାରୀ ଧନୁର୍ଜୟ ମହାପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ଆଧ୍ୟାତ୍ମିକବାଦୀ ଏହି ଶିବିରରେ ଯୋଗ ଦେଇଥିଲେ। କେନ୍ଦ୍ର ସଂଚାଳିକା ବ୍ରହ୍ମା କୁମାରୀ ନମିତା ,ବି କେ କୋମଳ ମଞ୍ଚ ପରିଚାଳନା କରିଥିବା ବେଳେ ଏହି ଶିବିରରେ ବିକେ ରାକ୍ଷୀ ଓ ବିକେ ଗୀତା, ବିକେ ବିଜୟ ମହାପାତ୍ର , ବିକେ ସର୍ବେଶ୍ୱର ପାତ୍ର, ବି.କେ ପ୍ରବୀଣ ପାତ୍ର ପ୍ରମୁଖଙ୍କ ସମେତ ପ୍ରଜପିତା ବ୍ରହ୍ମକୁମାରି ଆଶ୍ରମର ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

ନାରାୟଣପାଟଣା,୧୮।୧୧(ସମିସ): ନାରାୟଣପାଟଣା ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଏବଂ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ଅଭିଯାନ ଆନକୂଲ୍ୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଇଓ ଅର୍ପିତା ନାୟକ, ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନାଗ, ଏବିଇଓ ଈଶ୍ୱର ମୁଦୁଲି, ସରପଞ୍ଚ ରେବତୀ କୁନ୍ଦାରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପ ଗୁଡ଼ିକ ବୁଲି ଦେଖିଥିଲେ। ବ୍ଲକର ବିଭିନ୍ନ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନ ମେଳାରେ ୯୪ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ବିଭିନ୍ନ ପ୍ରକଳ୍ପ ବୁଲି ଦେଖି ଛାତ୍ରଛାତ୍ରୀଙ୍କଠାରୁ ପ୍ରକଳ୍ପ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଅପରାହ୍ନରେ ଏକ ସଭାର ଆୟୋଜନ କରାଯାଇ ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶନ କରିଥିବା ୭ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ୭ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ଶିକ୍ଷକ ସୁରେଶ ସୁରୀ ସଭା ପରିଚାଳନା କରିଥିବା ବେଳେ ସୁରେନ୍ଦ୍ର ବିଡିକା, ରାଜେଶ ମହାପାତ୍ର, ସନ୍ତୋଷ କୁମାର ଡାକୁଆ, କମଳଲୋଚନ ଭତ୍ରା, ଟିଲୁ ମାଣ୍ଡିଙ୍ଗି, ଅମି ଶିବଶଙ୍କର ରାଓ, ଏନ୍. ସତୀଶ କୁମାର, ସୁବାସ ଦ୍ୱିବେଦୀ, ଶିଶିର ଦାସ, ନିବେଦିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା

ନବରଙ୍ଗପୁର,୧୮।୧୧(ସମିସ): ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମତିଥି ପାଳନ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ରୂପେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝି ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ରୂପେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ପ୍ରମୁଖ ଯୋଗ ଦେଇ ପାପଡ଼ାହାଣ୍ଡି ସ୍ଥିତ ସହିଦ ମିନାର ସ୍ମୃତିସ୍ତମ୍ଭ ଠାରେ ସହିଦ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ସମାଜସେବୀ କୁଞ୍ଜ ବିହାରୀ ଦାସ, ପିଏ, ଆଇଟିଡିଏ ରାଜୀବ ସାହୁ , ଡିଇଓ ଛତ୍ରପତି ସାହୁ, ଡିଡ଼ବ୍ଲୁଓ ରବୀନ୍ଦ୍ର ପାଳକା, ଡିଆଇପିଆର୍‌ଓ ମନୋଜ ବେହେରା, ବିଡିଓ ନନ୍ଦାହାଣ୍ଡି କ୍ଷୀରୋଦ ଚନ୍ଦ୍ର ସାହୁ, ବିଡିଓ ତେନ୍ତୁଳିଖୁଣ୍ଟି ମନୋଜ ପାଣିଗ୍ରାହୀ, ବିଡିଓ ନବରଙ୍ଗପୁର ସୁନିଲ ଖୁରା, ଡିସିଓ ଘଷିଆ ହରିଜନ, କ୍ରୀଡ଼ା ଅଧିକାରୀ ସୁଶାନ୍ତ ନାୟକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ, ଅନ୍ୟ ବିଭାଗୀୟ ଅଧିକାରୀ , ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା, ଯୁବକ, ଏସ ଏଚ୍ ଜି ମହିଳା, ଅଙ୍ଗନୱାଡ଼ି କର୍ମୀ ସାମିଲ ହୋଇଥିଲେ। ପ୍ରାୟ ୧୫ କିମି ପାଦରେ ଯାତ୍ରାରେ ଆସି ପହଞ୍ଚିବା ପରେ ଆର୍‌ସିଡି ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ସମାବେଶ ହୋଇଥିଲେ। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝି, ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଓ ବିଶ୍ୱଜିତ ବର୍ମନ୍, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାଏକ, ସମାଜସେବୀ କୁଞ୍ଜ ବିହାରୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ହାଇସ୍କୁଲ ସ୍ତର ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ।



## ଖୁର୍ଜୀ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

# ଆସିଲାନି ଗୋଟିଏ ମଧ୍ୟ ଅଭିଯୋଗ

ନନ୍ଦପୁର,୧୮।୧୧(ସମିସ): ଲୋକଙ୍କ ସମସ୍ୟା, ଅଞ୍ଚଳର ସମସ୍ୟା ଉପରେ ତୁରନ୍ତ ଶୁଣାଣି କରି ଅଞ୍ଚଳର ବିକାଶ ସହ ଉନ୍ନୟନ କାର୍ଯ୍ୟ ତ୍ୱରାନିତ କରିବା ପାଇଁ ସରକାର ଦ୍ୱାରା ପ୍ରଚଳିତ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରତି ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଜି ମଧ୍ୟ ଖୋର୍ଜି ଗ୍ରାମପଞ୍ଚାୟତରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଧାର୍ଯ୍ୟ ସମୟ ପର୍ଯ୍ୟନ୍ତ ବ୍ଲକ୍ ପ୍ରଶାସନ ସମେତ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ଜଣେ ମଧ୍ୟ ଅଭିଯୋଗ ପ୍ରକୋଷ୍ଠକୁ ଆସି ନଥିଲେ। ସେପଟେ ପଞ୍ଚାୟତ ଲୋକ ପ୍ରତିନିଧି ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବରମାନେ ମଧ୍ୟ ବାହାରେ ରହି ଅଭିଯୋଗ ପ୍ରକୋଷ୍ଠକୁ ଯାଇନଥିଲେ। ତେବେ ନିର୍ଦ୍ଧାରିତ ସମୟ ଧରି ପ୍ରଶାସନ ଅପେକ୍ଷା କରିବା ପରେ ବିନା ଅଭିଯୋଗ ଶୁଣାଣିରେ ପ୍ରଶାସନ ଫେରି ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବୁଲି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ଫେରିଛନ୍ତି ବିଡ଼ିଓ ଶ୍ରୀ ଦୋରା। ସେପଟେ ଖୁର୍ଜି ଗ୍ରାମ ପଞ୍ଚାୟତ ସରପଞ୍ଚ ପଦଲାମ ହନ୍ତାଳ କହିଛନ୍ତି, ପ୍ରତି ଅଭିଯୋଗ ଶୁଣାଣିରେ ସମସ୍ୟା, ଅଭିଯୋଗ ଦେଲେ ମଧ୍ୟ କିଛି କାର୍ଯ୍ୟକାରୀ ହେଉ ନଥିବା ଅଭିଯୋଗ କରି ଲୋକ ପ୍ରତିନିଧି ମାନେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଯାଇନଥିବା କହିଛନ୍ତି। ତେବେ ଗତ ସୋମବାର ବାଡେଲ ଗ୍ରାମପଞ୍ଚାୟତର ପୁନରାବୃତ୍ତି ଖୁର୍ଜୀ ପଞ୍ଚାୟତରେ ଦେଖିବାକୁ ମିଳିଥିଲା।

# ଗାଁକୁ ନାହିଁ ପକ୍କା ରାସ୍ତା; ପାଣି ସୁବିଧା

## ଭୋଟ ବର୍ଜନ ଧମକ ଦେଲେ ଗ୍ରାମବାସୀ

ବୈପାରିଗୁଡ଼ା,୧୮।୧୧(ସମିସ): ମୌଳିକ ସୁବିଧାରୁ ବଞ୍ଚିତ ଗାଁ ଲୋକଙ୍କ ଭୋଟ ବର୍ଜନ ଚେତାବନୀ। ଗାଁକୁ ପକ୍କା ରାସ୍ତା ଆଉ ପାଣି ସୁବିଧା ହେଲେ ଭୋଟ ଦେବେ, ନଚେତ ଭୋଟ ଦେବେନି ଗାଁ ଲୋକେ। ଏଭଳି ନିଷ୍ପତ୍ତି ନେଇଛନ୍ତି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ କୋଲାର ପଞ୍ଚାୟତର ସୁନ୍ଦରଯୋଡି ଗାଁ ଲୋକେ। ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ଗାଁର ଲୋକେ। ବଣ ପାହାଡ଼ ଘେରା ଏହି ଗାଁରେ ଆଜି ବି ସ୍ଥିତିରେ ସୁଧାର ନାହିଁ। ଭଲ ରାସ୍ତାଟିଏ ନଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଆଉ ପିଇବା ପାଣି ସୁବିଧା ନଥିବାରୁ ପ୍ରତିଦିନ ହନ୍ତସନ୍ତ ହେଉଛନ୍ତି ନିରୀହ ଗାଁ ଲୋକେ। ବାଧ ହୋଇ ଛୁଆ ପାଣି ଉପରେ ଭରସା କରିଛନ୍ତି। ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କୋଲାର ପଞ୍ଚାୟତର ସରନ୍ଦଯୋଡି ଗାଁରେ ୨୦ ପରିବାର ବସବାସ କରନ୍ତି । ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇ ନାହିଁ ଗ୍ରାମବାସୀ ୨କିମି ଦୂର ଚାଲି ଚାଲି ଗଲେ ଜାତୀୟ ରାଜପଥରେ ପହଞ୍ଚନ୍ତି। କୌଣସି ଗାଡ଼ିରେ ଭଡା କିମ୍ବା ରାସନ୍ ସାମଗ୍ରୀ ଆଣିବା ନିମନ୍ତେ ପ୍ରାୟ ୯କିମି ଦୂର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥାନ୍ତି। ୫ କିଲୋ ଚାଉଳ ପାଇଁ ଗାଡ଼ି ଭଡ଼ା ବାବଦକୁ ଶହେ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଅନ୍ୟପଟେ ସରନ୍ଦାଯୋଡ଼ି ରାସ୍ତାରେ ପାହାଡ଼ିଆ ନଦୀ ବାଟ ଓଗାଳୁଥିବାରୁ ବର୍ଷାଦିନେ ଗ୍ରାମବାସୀ ଏକପ୍ରକାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥାନ୍ତି। ଗାଁରେ ବିଦ୍ୟାଳୟ କିମ୍ବା ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ ପିଲାଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କୋମଳମତି ଶିଶୁମାନେ ପ୍ରାକ୍ ଶିକ୍ଷା ପାଇଁ ନାଳ ପାର ହୋଇ ଚାଲି ଚାଲି ୩ କିମି ଦୂର ଚିଲିମାଳ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଛନ୍ତି। ଏଥିସହ ଛାତ୍ରଛାତ୍ରୀମାନେ ୬ କିମି ଦୂର ମୁଦୁଲିଗୁଡ଼ା ବିଦ୍ୟାଳୟକୁ ପଢ଼ିବା ପାଇଁ ଯାଇଥାନ୍ତି। କିନ୍ତୁ ବର୍ଷାଦିନେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଇଥାଏ। ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏକମାତ୍ର ନଳକୂପରୁ ଗୋଳିଆ ପାଣି ବାହାରୁଥିବାରୁ ବାଧ ହୋଇ ଗ୍ରାମବାସୀ ଚୁଆ ପାଣି ପିଉଛନ୍ତି। ଏହି ଦୂଷିତ ପାଣି ପିଇ ଲୋକେ ରୋଗାକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ଗାଁକୁ କୌଣସି ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯାଇପାରୁନଥିବାରୁ ଜରୁରୀ ସମୟରେ ଗର୍ଭବତୀ ଓ ରୋଗୀଙ୍କୁ ଭାରରେ ବୋହି ଜାତୀୟ ରାଜପଥ ପର୍ଯ୍ୟନ୍ତ ନିଆଯାଉଛି। ପରେ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଉଛି। ଏଭଳି ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ସରନ୍ଦାଯୋଡ଼ି ଗ୍ରାମବାସୀଙ୍କ ପ୍ରତି ପ୍ରଶାସନର ଦୃଷ୍ଟି ନପଡ଼ିବା ପରିତାପର ବିଷୟ। ଏ ସମସ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଭୋଟ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଗାଁ ଲୋକେ।



# ନିଶାମୁକ୍ତ ଭାରତ ଅଭିଯାନ



ସେମିଳିଗଡ଼ା,୧୮।୧୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସୀ ସିଂହଙ୍କ ଅଧ୍ୟକ୍ଷତାରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀଙ୍କ ସମେତ ୧୧ ଶହରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ନିଶାମୁକ୍ତ ଭାରତ ଅଭିଯାନକୁ ପାଞ୍ଚ ବର୍ଷ ପୂର୍ତ୍ତି ଅବସରରେ ଆମ ଗୌରବ ଆମ କଲେଜ ଅଧୀନରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ହ୍ୟୁମାନ ସାଗରଙ୍କ ଆତ୍ମାର ଶାନ୍ତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମସ୍ତେ ମିଶି କୋରାପୁଟ ଜିଲାକୁ ନିଶାମୁକ୍ତ କରିବାକୁ ସଂକଳ୍ପ ନେଇଥିଲେ। ନିରଞ୍ଜନ ପୋଡ଼, ରତ୍ନମଣୀ କହଁରଙ୍କ ସହିତ ସେମାନଙ୍କ ୟୁନିଟ୍‌ର ସମସ୍ତ ସ୍ୱେଚ୍ଛାସେବୀ ନେତୃତ୍ୱ ନେଇଥିଲେ। ବରିଷ୍ଠ ଅଧ୍ୟାପକ ଦେବରାଜ ନାୟକ, ହରେକୃଷ୍ଣ ସାହୁ, ଡ. ଗୀତା ପଟ୍ଟନାୟକ, ରୋନାଲି ନାୟକ, ପ୍ରେମାନନ୍ଦ, ପିଙ୍କି ଗୋୟେଲ, ବିନୋଦ ଲେଙ୍କା, ବିନୟ ପଣ୍ଡା, ସଙ୍ଗୀତ ପଣ୍ଡା, ଭାଗିରଥି ରାଉତ, ସୁମିତ୍ରା ଗିରି ପ୍ରମୁଖଙ୍କ ମିଳିତ ଉଦ୍ୟମରେ ଶପଥ ସଭା ଅନୁଷ୍ଠିତ ହୋଇଥିଲା।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ଚନ୍ଦ୍ରପୁର,୧୮ ।୧୧(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ପରିସରରେ ଚନ୍ଦ୍ରପୁର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, କାର୍ଯ୍ୟକ୍ରମ ସଭାପତି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବଙ୍ଗାଳ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ମୃଣୟ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ ଗୌଡ଼, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ନରେଶ ଚନ୍ଦ୍ର ଜେନା, ବ୍ଲକ ଅଧ୍ୟକ୍ଷ କୋଇନ କିମ୍ବକା, ଜିଲ୍ଲାପରିଷଦ ସଭ୍ୟ ସୁଜିତ୍ କୁମାର ବ୍ରେଡେକା, ଏମ୍‌ପି ପ୍ରତିନିଧି ଭୀମ ଗୋଗେରେଙ୍ଗା, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଶଙ୍କର ହିଆଲ ଉପସ୍ଥିତ ଥିଲେ । ବ୍ଲକର ୮ ପଞ୍ଚାୟତର ଶତାଧିକ ଚାଷୀ ଯୋଗ ଦେଇଥିବା ବେଳେ ୧୦ଟି ଷ୍ଟଲ୍ ମାଧ୍ୟମରେ ଚାଷୀମାନଙ୍କୁ ସଚେତନା କରାଯାଇଥିଲା । ଚନ୍ଦ୍ରପୁର ବ୍ଲକର ୪ଜଣ ସଫଳ କୁକୁଡା ଓ ମାଛ ଚାଷୀ ଓ ୪ଟି ଏସ୍‌ଏଚ୍‌ଜି ଗ୍ରୁପକୁ ମଧ୍ୟ ଉତ୍ତରୀୟ ଓ ଏକ ହଜାର ଟଙ୍କା ଲେଖାଏଁ ଚେକ୍ ଦେଇ ସମ୍ମାନିତ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ପ୍ରାଣୀ ଧନ ନିରୀକ୍ଷକ ରାଜ ସିଂ ବାହୀନି ପତି । ଏହାକୁ ପରିଚାଳନା କରିଥିଲେ ଗୋଷ୍ଠୀ ପ୍ରାଣୀ ସମ୍ପଦ ନିରୀକ୍ଷକ ଶଙ୍କର ହିଆଲ ସହଯୋଗ କରିଥିଲେ । ଅତିରିକ୍ତ ପ୍ରାଣୀ ସମ୍ପଦ ନିରୀକ୍ଷକ ଓମ୍ ପ୍ରକାଶ ସାହୁ ଓ ଅତିରିକ୍ତ ଗୋଷ୍ଠୀ ମତ୍ସ୍ୟ ଅଧିକାରୀ ଆଶିଷ ଚୌଧୁରୀ ସହଯୋଗ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଗୋଷ୍ଠୀ ପ୍ରାଣୀ ସମ୍ପଦ ଅଧିକାରୀ ଶ୍ରୀ ହିଆଲ୍ ।

## ଖରିଫ ଧାନ ବିକ୍ରୟ ନେଇ ୪୪ ହଜାର ୧୦୪ ଚାଷୀ ପଞ୍ଜିକୃତ

# ୨୮ ହଜାର ୪୬୯ ସନ୍ଦେହଜନକ ଧାନଚାଷ ଜମି

ଜୟପୁର,୧୮ ।୧୧(ସମିସ): ଚଳିତ ବର୍ଷ ଖରିଫ ଧାନ ବିକ୍ରି ନେଇ ଚାଷୀ ମାନେ ନିଜ ନିଜ ଅମଳ ଧାନ ମଣ୍ଡିରେ ବିକ୍ରୟ ନେଇ କୋରାପୁଟ ଜିଲ୍ଲାର ଚାଷୀ ଗତ ଅଗଷ୍ଟ ମାସ ୩୧ ତାରିଖ ଶେଷ ସୁଦ୍ଧା ୪୪ ହଜାର୧୦୪ ଚାଷୀ ପଞ୍ଜିକୃତ କରିଛନ୍ତି । ସେଟେଲାଇଟ୍ ଯାଞ୍ଚରେ ଚାଷୀ ପ୍ରଦାନ କରିଥିବା ଚାଷ ଜମିର ସ୍ଥାନ ପ୍ରଦାନ କରିଥିବା ପ୍ଲଟ ନମ୍ବର ଅନୁଯାୟୀ ମଧ୍ୟରୁ ୨୮ ହଜାର ୪୬୯ଟି ପ୍ଲଟରେ ଚାଷ ହୋଇ ନଥିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ଏହିପରି ସମବାୟ ବିଭାଗର ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ମଣ୍ଡି ଗୁଡିକରେ ଚାଷୀଙ୍କ ଅମଳ ଖରିଫ ଧାନ କ୍ରୟ ନେଇ ନିଯୁକ୍ତ ହୋଇଥିବା ୨୦ଟି ଲ୍ୟାମ୍ପସ, ୨୪ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ୩ଟି ପାଣିପଞ୍ଚାୟତ ସଂସ୍ଥାକୁ ସନ୍ଦେହଜନର ପ୍ଲଟର ସମସ୍ତ ବିବରଣୀ ପ୍ରଦାନ କରାଯିବା ସହ ଯାଞ୍ଚ ନେଇ



ନିର୍ଦ୍ଦେଶ ପରେ ଗତ ୧୫ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ୧୧୭ ଜଣ କ୍ଷେତ୍ର ଯାଞ୍ଚ କର୍ମଚାରୀଙ୍କୁ ଜମିକୁ ଯାଇ ଜିପିଆରଏସ ମାଧ୍ୟମରେ ଯାଞ୍ଚ କରିବେ । ଏଥିନେଇ ଆଡି ସମବାୟ କାର୍ଯ୍ୟାଳୟ ଠାରେ ଏକ ତାଲିମ ଶିବର ସମେତ ବୈଠକ ଡିଆରସିଏସ ମୋନିକା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ସମସ୍ତ ମଣ୍ଡିରେ ଧାନ କ୍ରୟକାରୀ ସଂସ୍ଥାର କର୍ମକର୍ତ୍ତା ଏବଂ ସମବାୟ ଅଧିକାରୀ ମାନେ ଯୋଗଦେଇଥିଲେ । ଏହିପରି ଜୟପୁର ଉପଖଣ୍ଡର ୫ଟି ବ୍ଲକରେ ୧୯ ହଜାର ୨୫୪ଟି ଧାନ ଚାଷ ଜମି ପ୍ଲଟ, କୋରାପୁଟ ଉପଖଣ୍ଡର ୨୨୮୭ଟି ପ୍ଲଟ, ୨୪ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଅଧିନରେ ୬୦୫୫ଟି ପ୍ଲଟ ଏବଂ ୩ଟି ପାଣିପଞ୍ଚାୟତ ଅଧିନରେ ୮୭୩ଟି ପ୍ଲଟ ଏହିପରି ସମୁଦାୟ ୨୮ ହଜାର ୪୬୯ଟି ପ୍ଲଟ ଧାନ ଚାଷ ହୋଇଥିବା ନେଇ ସନ୍ଦେହରେ ରହିଛି । ଏହିପରି କ୍ଷେତ୍ର ପରିଦର୍ଶନ ଏବଂ ଯାଞ୍ଚ ପରେ ପ୍ରକୃତ କେତେ ଚାଷଜମିରେ ଧାନ ଚାଷ ହୋଇଛି ନେଇ ସ୍ପଷ୍ଟ ହୋଇପାରିବ ।

# ପଦ୍ମପୁର ବିଜୟା ନନ୍ଦ ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ ମେଳା

ପଦ୍ମପୁର,୧୮ ।୧୧(ସମିସ): ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ଏବଂ ବିଜ୍ଞାନ ପ୍ରଦର୍ଶନୀ ମେଳା- ୨୦୨୫ ଅନୁଷ୍ଠିତ ହୋଇଯାଇଛି । ପଦ୍ମପୁର ଗୋଷ୍ଠି ଶିକ୍ଷାଧିକାରୀ ହୃଷିକେଶ ରଥ, ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ତଥା ବିଆରସିସି ଚନ୍ଦ୍ରସେନ ଲିମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୋଷ୍ଠି ଶିକ୍ଷାଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ରମେଶ ଚନ୍ଦ୍ର ପଣ୍ଡା, ରଶ୍ମିତା କୁମାରୀ ସ୍ୱାଇଁ, ବରିଷ୍ଠ ବିଜ୍ଞାନ ଶିକ୍ଷକ ନିରଞ୍ଜନ ସାହୁ ଏବଂ ଭି ଚକ୍ରଧର ମଞ୍ଚାସୀନ ଥିଲେ । ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାୟ ୯୮ ଗୋଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା । ଏହି ବିଜ୍ଞାନ ମେଳାରେ ବିଚାରକ ରୂପେ ଆର୍ ଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ଏବଂ ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଶ୍ରୀମତି ରଶ୍ମିତା ସ୍ୱାଇଁ ବିଭିନ୍ନ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ । ଏହି ପ୍ରକଳ୍ପ ମଧ୍ୟରୁ ୭ଟି ବିଭାଗର ଶ୍ରେଷ୍ଠ ୭ଟି ପ୍ରକଳ୍ପକୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।ଉକ୍ତ ପ୍ରକଳ୍ପ ଗୁଡିକ ଆଗାମୀ ଜିଲ୍ଲା ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳାରେ ପ୍ରଦର୍ଶିତ ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ପଦ୍ମପୁର ବ୍ଲକ ଅନ୍ତର୍ଗତ ୮ ଗୋଟି କ୍ଲଷ୍ଟରର ସିଆର୍‌ସିସି ପରିଚାଳନା କରିଥିବା ବେଳେ ଚିତ୍ତ ରଞ୍ଜନ ସେନାପତି ମଞ୍ଚ ପରିଚାଳନା କରିଥିଲେ । ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଶେଷରେ ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ, ପଦ୍ମପୁର ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଲ୍ ହେଲା ୩ କୋଠା

ଗୁଡାରି, ୧୮ ।୧୧(ସମିସ): ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଗୁଡାରି ମୁଖ୍ୟ ରାସ୍ତାରେ ଥିବା ପରିଷଦର ୪ ମାର୍କେଟ ଷ୍ଟଲ୍‌କୁ ସିଲ କଲେ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ । ସୂଚନା ମୁତାବକ ଏହି ୪ ମାର୍କେଟ କମ୍ପ୍ଲେକ୍ସକୁ ବ୍ୟବହାର କରୁଥିବା ଦୋକାନୀ ଦୀର୍ଘ ବର୍ଷ ହେଲା ଟଙ୍କା ପୈଠ କରି ନ ଥିବାରୁ ସିଲ କରାଯାଇଛି । ଏହା ପୂର୍ବରୁ ଅନେକ ଥର ଟଙ୍କା ପୈଠ କରିବା ନିମନ୍ତେ ବାରମ୍ବାର ନୋଟିସ ଜାରି କରିଥିଲେ ସୁଦ୍ଧା ଟଙ୍କା ପୈଠ କରୁ ନ ଥିବା ଯୋଗୁଁ ମଙ୍ଗଳବାର ଦିନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ, ଅତିରିକ୍ତ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଏ ସ୍ନେହଲତା, ଗୁଡାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ଏବଂ ପୋଲିସ ବାହିନୀ ଉପସ୍ଥିତ ରହି ସିଲ କରିଥିଲେ । ସିଲ କରିବା ସମୟରେ ଦୋକାନି ଏବଂ ସରକାରୀ କର୍ମଚାରୀଙ୍କ ସହ ଅପ୍ରୀତିକର ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି । ଏହି କୋଠା ନିର୍ମାଣ ହୋଇ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ବିତି ଯାଇଛି । ଏହାକୁ ପରିଷଦ ରକ୍ଷଣାବେକ୍ଷଣ କରିବା ଜରୁରୀ ବୋଲି କୁହାଯାଉଛି ।

# ଜଳ ପରିମଳ ସ୍ୱଚ୍ଛତା ନେଇ କର୍ମଶାଳା

ରାୟଗଡ଼ା,୧୮ ।୧୧(ସମିସ):



ଗୋଷ୍ଠୀ ସମ୍ବଳ ବ୍ୟକ୍ତି ସିଆରପି ତଥା ଗୋଷ୍ଠୀ ସଚେତକ (ସିଏମ୍)ମାନଙ୍କ ବ୍ଲକ୍‌ସ୍ତରୀୟ ଦିନିଆ ଦକ୍ଷତା କର୍ମଶାଳା ରାୟଗଡା ବ୍ଲକ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ଜୀବିକା ମିଶନ ତରଫରୁ ସୁଶ୍ରୀ ଜସ୍ମିନ ମୁଟିକା ବ୍ଲକ ପରିଚାଳିକା, କ୍ଷୀରୋଦ ଚନ୍ଦ୍ର ଭୂୟାଁ, ଦକ୍ଷତା ବିକାଶ ସଂଯୋଜକ, ରାୟଗଡା କାର୍ଯ୍ୟକ୍ରମକୁ ପରିଚାଳନା ଓ ତ୍ୱରାନ୍ୱିତ କରିଥିଲେ । କାର୍ଯ୍ୟକ୍ରମରେ ସମ୍ବଳ ବ୍ୟକ୍ତି ଭାବେ ଶୁକଦେବ ପାତ୍ର, ଜିଲ୍ଲାସ୍ତରୀୟ ୱାସ ପରାମର୍ଶଦାତା, ଏଲଏନ ଦୋରା, ଜିଲ୍ଲା ସ୍ତରୀୟ ସଂଯୋଜକ, ସ୍ୱଚ୍ଛ ଭାରତ ମିଶନ ଓ ବିକ୍ଷାତ କନ୍ଧପାଣି, ବ୍ଲକ ସମ୍ବଳ ସଂଯୋଜକ, ରାୟଗଡ଼ା ଉପସ୍ଥିତ ରହି ସିଆରପି ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ କାଳୁ ଚରଣ ନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ କ୍ଷେତ୍ର ସ୍ତରରେ ଫଳପ୍ରଦ କରାଇବା ପାଇଁ ପରାମର୍ଶ ଦେଇଥିଲେ ।। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଲା ଗାଁ ସ୍ତରରେ ଲୋକମାନଙ୍କ ମାନସିକ ପରିବର୍ତ୍ତନ କରାଇବା ଫଳରେ ଲୋକେ ପାନୀୟ ଜଳର ସଦୁପଯୋଗ, ଜଳ ସୁପରିଚାଳନା, କଠିନ ବର୍ଜ୍ୟବସ୍ତୁ ର ପରିଚାଳନା, ତରଳ ବର୍ଜ୍ୟବସ୍ତୁ ର ପରିଚାଳନା, ସଫାସୁତୁରା ରହିବା, ସ୍ୱାସ୍ଥ୍ୟ ସଚେତନ, ଅନ୍ୟାନ୍ୟ ପରିମଳ ଯଥା - ପାଇଖାନା ବ୍ୟବହାର ପ୍ରତି ସଚେତନ ହୋଇପାରିବା । ଜଳ ପରିମଳ ଋଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମେମ୍ବରମାନେ ବାର୍ଷିକ ୬ ପ୍ରତିଶତ ସୁଧ ହାରରେ ଋଣ ବ୍ୟାଙ୍କ ଏବଂ ମହାସଂଘଠାରୁ ପାଇପାରିବେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ତାଲିମ କାର୍ଯ୍ୟକ୍ରମକୁ ଶେଷ କରାଯାଇଛି ।

## ● ମନ୍ଦିର ନିର୍ମାଣ କାମକୁ ନେଇ ବିବାଦର ଅନ୍ତ

# ନୂଆ ପରିଚାଳନା କମିଟି ଗଠନ ପାଇଁ ପଦକ୍ଷେପ



ଗୁଡାରୀ,୧୮ ।୧୧(ସମିସ): ଗୁଡାରୀର ନୂତନ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପରେ ପାଶ୍ୱର୍ ମନ୍ଦିରକୁ ନେଇ ଯେଉଁ ବିବାଦ ଉଠିଥିଲା, ତାହାର ଅନ୍ତ ଘଟିଛି । ସୂଚନା ମୁତାବକ ଗତ ବର୍ଷ ମାଘମାସରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପରେ ଏହି ବର୍ଷ ମନ୍ଦିରର ଦୁଇ ପାଶ୍ୱର୍ରେ ଥିବା ଲକ୍ଷ୍ମୀ ମନ୍ଦିର ଏବଂ ହନୁମାନ ମନ୍ଦିରକୁ ପୁନଃଉଦ୍ଧାର ପାଇଁ ନୂତନ ମନ୍ଦିର ନିର୍ମାଣ କମିଟି ଯୋଜନା କରିଥିଲେ । ଏହାକୁ ନେଇ ଦୀର୍ଘ ୪୦ ବର୍ଷ ଧରି ଜଗନ୍ନାଥ ସଂସଦ ନାମରେ ଥିବା ମନ୍ଦିର ପରିଚାଳନା କମିଟି ବିରୋଧ କରିଥିଲେ । କାରଣ ପାଶ୍ୱର୍ ମନ୍ଦିର ଗୁଡିକୁ ଯେଉଁଠି ସ୍ଥାପନ କରାଯାଇଛି, ସେହି ମନ୍ଦିରଗୁଡିକୁ ପୁରୁଣା ସ୍ମୃତି ଭାବରେ ରଖି ବାକି ସ୍ଥାନରେ ମନ୍ଦିର ନିର୍ମାଣ କରିବାକୁ କହିଥିଲେ । କିନ୍ତୁ ଏହା ସମ୍ଭବ ନୁହେଁ ବୋଲି ନିର୍ମାଣ କମିଟି କହିଥିଲେ । ଏହାକୁ ନେଇ ପ୍ରାୟ ୬ ମାସ ହେଲାଣି ବିବାଦ ଉଠିଥିଲା । ଏ ନେଇ ମନ୍ଦିର କାମ ଆଧାର ଅଟକିଥିବା ଜଣାପଡିଛ । ଗତ ସୋମବାର ଗୁଡାରୀ ସମସ୍ତ ଯୁବ ପୀଢି ଏବଂ ବୁଦ୍ଧିଜୀବୀ ମିଶି ଏହାର ସମାଧାନ କରିଛନ୍ତି । ପରିଚାଳନା କମିଟିର ସମ୍ପାଦକ ସୁଜୟ ପଟ୍ଟନାୟକ ଏବଂ ପାଣ୍ଡବ ସାହୁ କହିଛନ୍ତି ଯଦି ପୁରୁଣା ମନ୍ଦିର ଭଙ୍ଗାଯାଏ, ତେବେ ଆମେ ସମସ୍ତ ଦାୟିତ୍ୱ ନୂତନ ପରିଚାଳନା କମିଟି ହସ୍ତାନ୍ତର କରିବୁ । ଏହାକୁ ନେଇ ନୂତନ ପରିଚାଳନା କମିଟି ଦାୟିତ୍ୱ ନେବାପାଇଁ ଅଣ୍ଟା ଭିଡ଼ିଛନ୍ତ । ଆସନ୍ତା ୨୧ ତାରିଖ ଦିନ ନୂତନ ପରିଚାଳନା କମିଟି ଗଠନ ସହ ପାଶ୍ୱର୍ ମନ୍ଦିର ନିର୍ମାଣ ପାଇଁ ଉପସ୍ଥିତ ଥିବା ଜଗନ୍ନାଥ ପେମୀ ହସ୍ତାକ୍ଷର କରିଥିବା ଜଣାପଡ଼ିଛି ।

# ଚଇତି ଇଡିତାଲ ୨୦୨୫ ପାଇଁ ପ୍ରସ୍ତୁତି ବୈଠକ

ଗୁଣପୁର,୧୮ ।୧୧(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ଉପଖଣ୍ଡ ସ୍ତରୀୟ ଲୋକ ମହୋତ୍ସବ 'ଚଇତି ଇଡିତାଲ-୨୦୨୫' ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ଟାଉନ୍ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଆଇଇଟି ବିଶ୍ୱ ବିଦ୍ୟାଳୟର ଉପ ସଭାପତି ଡଃ ଚନ୍ଦ୍ରଧ୍ୱଜ ପଣ୍ଡା, ପୌର ପରିଷଦର ଅଧ୍ୟକ୍ଷା ମମତା ଗୌଡ଼, ବ୍ଲକ ଅଧ୍ୟକ୍ଷା ଝିଲି ଶବର, ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ , ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର ମଞ୍ଚାସୀନ ହୋଇଥିଲେ । ଏହି ଅବସରରେ ଚଳିତ ବର୍ଷ ଲୋକପର୍ବ ଚଇତିର ସାଂସ୍କୃତିକ ପର୍ବ ଡିସେମ୍ବର ୨୧ ତାରିଖରୁ ତିନି



ଦିନ ପାଳନ ହେବ । ମହୋତ୍ସବ କାର୍ଯ୍ୟକ୍ରମ ସେବା ସମାଜ ନିକଟ ହାଇସ୍କୁଲ ପଡିଆରେ କରିବାକୁ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି । ଏହି ଅବସରରେ ପ୍ରତି ବର୍ଷ ପରି ବିଭିନ୍ନ ପ୍ରତିଯୋଗିତା କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଓକିଲ ଉମା ଚରଣ ପଟ୍ଟନାୟକ , ରାୟଗଡ଼ା ଜିଲ୍ଲା ଆମ୍ଭସମେନ ଅକ୍ଷୟ କୁମାର ଦାସ, କଂଗ୍ରେସ ନେତା ବିଜୟ ଗମାଙ୍ଗ, ତରଣୀ ଶତପଥୀ, ଭାଜପା ନେତା ପ୍ରମୋଦ ସାହୁ, ୱାଇ. ଗଣପତି, ବିଜେଡି ନେତା ଏସ୍ ବାବା ପ୍ରସାଦ, ତ୍ରିପତି ମହାନ୍ତି ଓ ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ରହିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ଏବଂ ଅନନ୍ତ ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ସରକାରୀ କର୍ମଚାରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ପୌର ପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ମଞ୍ଚ ସଂଯୋଜନା କରିଥିଲେ ।

# ୨୫ରେ ପୌରାଞ୍ଚଳସ୍ତରୀୟ ପରବ ଉତ୍ସବ

ଜୟପୁର,୧୮ ।୧୧(ସମିସ) : କୋରାପୁଟ ଜିଲ୍ଲାସ୍ତରୀୟ ପରବ ଉତ୍ସବର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳର ସ୍ତରୀୟ ପରବ ଉତ୍ସବ ନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଜୟପୁର ପୌରାଞ୍ଚଳ ସ୍ତରୀୟ ପରବ ଆସନ୍ତା ୨୫ ତାରିଖରେ ଉଦ୍‌ଘାଟନ ହେବ । ଆଜି ପୌରସଂସ୍ଥାର ସମ୍ମିଳନୀ କକ୍ଷ ଠାରେ ପ୍ରସ୍ତୁତି ବୈଠକରେ ନିଷ୍ପତି ସହ କାର୍ଯ୍ୟକ୍ରମ ଆୟୋଜନ ନେଇ ଆଲୋଚନା ହୋଇଥିଲା । ଉଦ୍‌ଘାଟନୀ ଉତ୍ସବ ଦିବସରରେ ପୂର୍ବାହ୍ନରେ ସ୍ଥାନୀୟ ବଲ୍ଲଭ ନାରାୟଣ ମନ୍ଦିରରୁ ମଶାଲ ଶୋଭାଯାତ୍ରା ଶୁଭରାମ୍ଭ ହେବ । ୨୬ ଓ ୨୭ ତାରିଖରେ ବ୍ଲକ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଆସନ୍ତା ୨୮ ଶେଷ ଦିବସରରେ ଜୟପୁର ଦଶହରା ପଡିଆରେ ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ପ୍ରଦାନ କରାଯିବ । ଏହି ପ୍ରସ୍ତୁତି ବୈଠକରେ ଜୟପୁର ଉପ ଜିଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଏ. ଶଶ୍ୟା ରେଡ୍ଡି, ପୌର ଉପାଧ୍ୟକ୍ଷା ବି.ସୁନିତା, ଅତିରିକ୍ତ ପୌର କାଯ୍ୟନିବାହୀ ଅଧିକାରୀ ପୂଜା ରାଉତ, ପୌରଯନ୍ତ୍ରୀ ଅଜୟ ଜାନୀ, ସମାଜସେବୀ ସଞ୍ଜୟ ଜୈନ, କଳାକାର ଧିରେନ ମୋହନ ପଟ୍ଟନାୟକ, ଉପଖଣ୍ଡ କ୍ରୀଡ଼ା ସମ୍ପାଦକ ରବି ନାୟକ, କାଉନସିଲର, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ହରିଶ ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ

ରାୟଗଡ଼ା,୧୮ ।୧୧(ସମିସ): ସ୍ଥାନୀୟ ନ୍ୟୁ ଟାଉନ୍ ପୂଜା କମିଟି କମୁନିଟି ହଲରେ ସ୍ୱର୍ଗତ ହରିଶ ଚନ୍ଦ୍ର ବକ୍ସିପାତ୍ରଙ୍କ ୯୨ତମ ଜନ୍ମ ଜୟନ୍ତୀ, ଉତ୍କଳ ସମ୍ମିଳନୀ ରାୟଗଡ଼ ଜିଲ୍ଲା ଶାଖା ତରଫରୁ ପାଳନ କରାଯାଇଛି । ଏହି ଉତ୍ସବର ଅଧ୍ୟକ୍ଷତା ଉତ୍କଳ ସମ୍ମିଳନୀ ରାୟଗଡ଼ ଜିଲ୍ଲା ସଭାପତି ବ୍ରଜ ସୁନ୍ଦର ନାୟକ କରିଥିଲେ । ସମ୍ପାଦକ ବିନାୟକ କର ସ୍ୱାଗତ ଭାଷଣ ଦେଇଥିଲେ । ଅତିଥି ମାନେ ତଥା ସହରର ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଉତ୍ସବରେ ପଞ୍ଚବଟୀ ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ କବି ସୁଶାନ୍ତ ନାୟକ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ସ୍ୱର୍ଗତ ହରିଶ ଚନ୍ଦ୍ର ବକ୍ସିପାତ୍ରଙ୍କ ଛାତ୍ର ଜୀବନୀ ଠୁ ଆରମ୍ଭ କରି ରାଜନୈତିକ ତଥା ସାମାଜିକ କ୍ଷେତ୍ରରେ କରିଯାଇଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ବରିଷ୍ଠ ସଭ୍ୟ ସୁନିଲ କୁମାର କର ସ୍ୱର୍ଗତ ବକ୍ସିପାତ୍ରଙ୍କ ସହ ବିତାଇଥିବା କିଛି ଭଲ ସମୟର ସ୍ମୃତିଚାରଣ କରିଥିଲେ । ଏଥିରେ ସହରର ବରିଷ୍ଠ ଓକିଲ, ଶିକ୍ଷାବିତ୍,ସମାଜସେବୀ, ବ୍ୟବସାୟୀ, ଶିକ୍ଷକ ଓ ସାମ୍ବାଦିକ ମାନେ ଯୋଗ ଦେଇଥିଲେ । ଶେଷରେ ସଂଗଠନ ସମ୍ପାଦକ ଅରୁଣ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।



# ହ୍ୟୁମାନ୍ ସାଗରଙ୍କ ସ୍ମୃତିରେ ଶୋକସଭା

ମାଥିଲି, ୧୮ ।୧୧(ସମିସ): ଓଡ଼ିଶାର ସୁନାମ ଧନ୍ୟ ଯୁବ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ପରଲୋକ ଘଟିଛି । ଆଜି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ଏଲକେ ସୁରତାଳ କଳାକାର । ମାଥିଲି ବ୍ଲକରେ ଥିବା ଏଲକେ ସୁରତାଳ କଳାକାଳର ଦ୍ୱାରା ଆୟୋଜିତ ଶୋକସଭାରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । କଳାକାର ସଂଘର ସଭାପତି ରୋହିତ ବେହେରାଙ୍କ ତତ୍ତ୍ୱାବଧାନରେ ବିଡିଓ ପ୍ରମୋଦ ବେହେରାଙ୍କ ସମେତ କଳାପ୍ରେମୀ, ଲୋକ ପ୍ରତିନିଧି, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

# ରାୟଗଡ଼ାର ୩ କୃଷକ ପ୍ରତିନିଧିଙ୍କ ନାମ ସୁପାରିଶ କଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ

ରାୟଗଡ଼ା,୧୮ ।୧୧(ସମିସ): ଚଳିତ ୨୦୨୫-୨୬ ଖରିଫ ବର୍ଷରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲପିସି) ବୈଠକରେ ନୂତନ ଭାବେ ଚୟନ ହୋଇଥିବା ୩ଜଣ ଲେଖାଁଏ କୃଷକ ପ୍ରତିନିଧିମାନେ ଯୋଗ ଦେବାକୁ ରାଜ୍ୟ ଖାଦ୍ୟ ଯୋଗାଣ,ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ତାଲିକା ପ୍ରେରଣ କରିଛନ୍ତି । ଉକ୍ତ ତାଲିକା ପ୍ରକାରେ ରାୟଗଡ଼ା ଜିଲ୍ଲାସ୍ତରୀୟ ଡିଏଲପିସି ବୈଠକ ପାଇଁ ଜିଲ୍ଲାର ବରିଷ୍ଠ ବିଜେପି ନେତା ୟାଲ୍ଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ),ରାମନାଗୁଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ଏବଂ କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁମନ୍ତ କୁମାର ମହାରଣାଙ୍କ ନାମକୁ ମନ୍ତ୍ରୀ ସୁପାରିଶ କରିଛନ୍ତି । ରାୟଗଡ଼ା ଜିଲ୍ଲାରେ ଆଗାମୀ ନଭେମ୍ବର ୨୨ତାରିଖରେ ହେବାକୁ ଯାଉଥିବା ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଉକ୍ତ କୃଷକ ପ୍ରତିନିଧିମାନେ ଯୋଗ ଦେଇ ମଣ୍ଡି ସୁପରିଚାଳନା, ମଣ୍ଡିରେ କୃଷକଙ୍କ ପାଇଁ ଆନୁସାଙ୍ଗିକ ବ୍ୟବସ୍ଥା, ଧାନ କିଣାରେ ହେଉଥିବା ସମସ୍ୟାର ସମାଧାନ, ଡିବିଟି ମାଧ୍ୟମରେ କୃଷକଙ୍କୁ ଯଥାଶୀଘ୍ର ବିକ୍ରି ଅର୍ଥ ପ୍ରାପ୍ୟ ହେବା ଓ ଅନ୍ୟାନ୍ୟ ବିଷୟରେ ନିଜ ସୁଚିନ୍ତିତ ମତାମତ ଗୃହରେ ଉପସ୍ଥାପନା କରିବେ ବୋଲି କୃଷକ ପ୍ରତିନିଧି ସୁମନ୍ତ ମହାରଣା ପ୍ରକାଶ କରିଛନ୍ତି ।

## ହାଟରେ ବେଆଇନ ଗୋ-ମାଂସ ବିକ୍ରିକୁ ପୁଲିସର ବିରୋଧ

# ମାଂସ ତରକାରୀରେ ବାଲି ପକାଇବାରୁ ଉତ୍ତେଜନା

କଲ୍ୟାଣସିଂହପୁର,୧୮ ।୧୧(ସମିସ):

ଦୀର୍ଘ ଦଶବର୍ଷ ଧରି ହାଟରେ ବେଆଇନ ଭାବେ ଗୋ-ମାଂସ ବିକ୍ରି କରୁଥିଲେ । ଏହି ଖବର ଜାଣିବା ପରେ ପୁଲିସର ଚଢ଼ଉ କରି ରନ୍ଧା ମାଂସରେ ବାଲି ପକାଇବାର ଉତ୍ତେଜନା ସୃଷ୍ଟି ହୋଇଥିଲା । ଏହି ଘଟଣା ଘଟିଛି ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ମାଝୀଗୁଡ଼ା ହାଟରେ । ଦୀର୍ଘ ଦଶ ବର୍ଷରୁ ଅଧିକ ହେବ ସର୍ବସାଧାରଣ ସ୍ଥାନରେ ଗୋ-ମାଂସ ବିକ୍ରି କରି ଆସୁଥିଲେ ବେପାରୀ । ଖବର ପାଇ ପୁଲିସ ଆଜି ମାଝୀଗୁଡା ହାଟରେ ଦୁଇଟି ହୋଟେଲରେ ଗୋ-ମାଂସ ବିକ୍ରିକରୁଥିବା ଅଭିଯୋଗରେ ଚଢ଼ଉ କରିଥିଲା । ରୋଷେଇ ହୋଇଥିବା ମାଂସରେ



ବାଲି ପକାଇ ନଷ୍ଟ କରି ଦେବାରୁ ଉଭୟ ପୁଲିସ ଓ ଗୋ-ମାଂସ ବେପାରୀ ମଧ୍ୟରେ ଖଣ୍ଡ ଯୁଦ୍ଧ ହୋଇଥିଲା । ପାଟିତୁଣ୍ଡ ହେବାପରେ ଟଣାଓଟରା ହେଉଥିବା ବେଳେ ପୁଲିସ ଘଟଣା ସ୍ଥଳରୁ ଦୌଡ଼ି ଚାଲିଯାଇଥିଲେ । ହୋଟେଲ ମାଲିକ ପବିତ୍ର ଭତ୍ରା ଓ ଦୁର୍ଯ୍ୟ କୌଶଲ୍ୟା ପ୍ରାୟ ୮୦ କିଲୋ ମାଂସ ବିକ୍ରି କରୁଥିବା ବେଳେ ଏହି ଘଟଣା ଘଟିଥିଲା ବୋଲି ପ୍ରକାଶ କରିଛନ୍ତି । ହାଟକୁ ବିଭିନ୍ନ ଗ୍ରାମରୁ ବେପାରୀମାନେ ଆସୁଥିବାରୁ ଗୋ ମାଂସ ବିକ୍ରି ହେଉଛି । ଏପରିକି ପ୍ରତି ମଙ୍ଗଳବାର ଦିନ କ୍ୱିଣ୍ଟାଲ୍, କ୍ୱିଣ୍ଟାଲ୍ ଗୋ ମାଂସ ବିକ୍ରି କରାଯାଉଛି । ଦିନକୁ ଦିନ ଗୋ ହତ୍ୟା ବଢ଼ି ଚାଲିଥିବାରୁ ପ୍ରଶାସନ ଓ ପୁଲିସ ଚୁପ ବସିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଏଣୁ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ ବେଆଇନ ଗୋ-ମାଂସ ବିକ୍ରି, ଗୋ ହତ୍ୟା ବନ୍ଦ କରିବା ପାଇଁ ଦାବି କରିଛନ୍ତି ।

# ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଲମତାପୁଟ,୧୮ ।୧୧(ସମିସ):

ସୋମବାର ଦିନ ବିକ୍ରମଦେବ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦ ଆନୁକୁଲ୍ୟରେ ଦ୍ୱିତୀୟ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଲମତାପୁଟ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥିଭାବେ କୁଳସଚିବ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଜୟପୁର ମହେଶ୍ୱର ନାୟକ, ଖେଳ ସଚିବ ସଚିନ କୁମାର ନାୟକ, ପିଇଓ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଜୟପୁର ଭାଗବତ ପ୍ରସାଦ ସିଂ, ଲମତାପୁଟ ସରପଞ୍ଚ ପ୍ରଫୁଲ କ୍ରିସାନୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃପାସିନ୍ଧୁ ମୁଦୁଲି ଓ ସୋମନାଥ ମୁଦୁଲି, ସମାଜସେବୀ ଈଶ୍ୱର ଦାର୍ଲି ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିପରି ଲମତାପୁଟ ବ୍ଲକ ଅଧ୍ୟକ୍ଷ ତାପସ କୁମାର ଚାଲାଣ, ଓଏଭି ମିସିଙ୍ଗପୁଟ ଅଧ୍ୟକ୍ଷ ସାଗର କୁମାର ବେହେରା, ପେଟା ସମିତି ବଳ ଭଦ୍ର ପୁକିଆ, ବାଡିଗଡ଼ ରଘୁମଣୀ ଖିଲ,ସୁନାଧର ଅଡାରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଦ୍ୱିତୀୟାର୍ଦ୍ଧ ଖେଳକୁ ନିଖିଳ କୁମାର ଟାକ୍ରୀ,ରହିତ ଗତନ ଓ ବଳରାମ ହନ୍ତାଲ ଲାଇନ ମେନ ଭାବେ ସହଯୋଗ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ କାର୍ଯ୍ୟକ୍ରମକୁ ଲମତାପୁଟ ଡିଗ୍ରୀ କଲେଜ ଆୟୋଜିତ କରିଥିବା ବେଳେ ଅଧ୍ୟକ୍ଷ ପ୍ରବୀଣ କୁମାର ବିଷୋୟୀ, ମଧୁସୂଦନ ଖିଲ,ଦୀପକ କୁମାର ଟାକ୍ରି, ଆଶିଷ କୁମାର ଶତପଥୀ, ବାବୁଲା, ସତ୍ୟନାରାୟଣ ନାୟକ, ସାଗରିକା, ରଞ୍ଜିତା ଶିଶା, ସୁନିତା ମୁଦୁଲି, ରବି ନାରାୟଣ ସାମଲ, ସୁବାଷ ଚନ୍ଦ୍ର ଆଲଙ୍ଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଜଗନ୍ନାଥ ଖେମୁଣ୍ଡୁ ଉପସ୍ଥିତ ରହି ଧାରା ବିବରଣୀ କରିଥିଲେ । ଏହି ଖେଳରେ ପ୍ରଥମ ମ୍ୟାଚ୍ ଏରୋନଟିକ୍ କଲେଜ ସୁନାବେଡା ଏବଂ କୋଟପାଡ଼ କଲେଜ କୋଟପାଡ଼ ମଧ୍ୟରେ ଖେଳାଯାଇଥିଲା । ଏଥିରେ ଏରୋନଟିକ କଲେଜ ସୁନାବେଡା ବିଜୟ ଲାଭ କରିଥିଲା ଏବଂ ଦ୍ୱିତୀୟ ମ୍ୟାଚରେ ନବରଙ୍ଗପୁର କଲେଜ ନବରଙ୍ଗପୁର ଏବଂ ଡିଏଭି କଲେଜ କୋରାପୁଟ ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚରେ ଡିଏଭି କଲେଜ କୋରାପୁଟ ବିଜୟ ଲାଭ କରିଥିଲା । ଖେଳର ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବରେ ଲମତାପୁଟ ବିଡିଓ ଜୟନ୍ତ କୁମାର ମେହେର, ପେଟା ଗ୍ରାମ ପଞ୍ଚାୟତର ସରପଞ୍ଚ ଘେନୁ କିର୍ଷାନି, ଶଗର ସ୍କୁଲ ଏଚଏମ୍ ଦମ୍ବରୁଧର କରାଳି, ବନମାଳୀପୁଟ ସରପଞ୍ଚ ଗୋରା ଯାନୀ, ଜଳାହଞ୍ଜର ସରପଞ୍ଚ ଦମ୍ବରୁ ଧର କିର୍ଷାନି ଯୋଗ ଦେଇଥିଲେ ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୬୬
- ପାଉଣ୍ଡ ୧୧୬.୩୯
- ୟୁରୋ ୧୦୨.୯୩
- ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୫,୯୬୦ (ନୂଆଦିଲ୍ଲୀ)
- ରୁପା : ୧,୬୬,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୬୭୩.୦୦
- ନିଫ୍ଟି ୨୫,୯୧୦.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ଆମେରିକା କୃଷି ଉତ୍ପାଦ ଲାଗି ବଜାର ଖୋଲିବ ଭାରତ

# ଶୁଳ୍କମୁକ୍ତ ହେଲା ମକା, ଦୁଗ୍ଧ, ସୋୟାବିନ

ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି): ବାଣିଜ୍ୟ ଚୁକ୍ତି କ୍ଷେତ୍ରରେ ଟାରିଫ୍‌କୁ ନେଇ ଶେଷରେ ଆମେରିକା ଆଗରେ ମୁଣ୍ଡ ନୁଇଁଲା ଭାରତ। ଟ୍ରମ୍ପ୍ ପ୍ରଶାସନ ଆଗରେ କୃଷି ଉତ୍ପାଦରେ ଶୁଳ୍କ ଲାଗୁ କ୍ଷେତ୍ରରେ ସାଲିସ୍ କଲା ଭାରତ। ଭାରତ ଏବେ ଆମେରିକା ପାଇଁ କୃଷି କ୍ଷେତ୍ରରେ ନିଜର ବଜାର ଖୋଲିଦେଇଛି। ଏହାଫଳରେ ଆମେରିକାରୁ ଭାରତ ଆସୁଥିବା ସୋୟାବିନ୍,ମକା ଏବଂ କିଛି ଦୁଗ୍ଧ ଉତ୍ପାଦ ଉପରେ ଆଉ ଶୁଳ୍କ ଲାଗୁ ହେବ ନାହିଁ। ଭାରତ ଏସବୁ ଉତ୍ପାଦ ଉପରୁ ଶୁଳ୍କ ହଟାଇଦେଇଛି।ଯଦିବା କୃଷିକ୍ଷେତ୍ରରେ ଟାରିଫ୍ ପ୍ରସଙ୍ଗରେ ଭାରତ ଆମେରିକା ଆଗରେ ମୁଣ୍ଡ ନୁଇଁବ ନାହିଁ ବୋଲି କେନ୍ଦ୍ର ସରକାର ବାରମ୍ବାର କହୁଥିଲେ, ଶେଷରେ ଏ କ୍ଷେତ୍ରରେ ଟ୍ରମ୍ପ୍‌ଙ୍କ ସହ ସାଲିସ୍ କରିଛନ୍ତି। ଏହାପରେ ଖୁବ୍‌ଶୀଘ୍ର ହେବ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି। ଏହାକୁ ନେଇ ବର୍ତ୍ତମାନ ସକାରାତ୍ମକ ସଙ୍କେତ ମିଳିବାରେ ଲାଗିଛି। ଅପରପକ୍ଷେ ଟାରିଫ୍‌କୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଟାଣ ଭାଙ୍ଗିବାରେ ଲାଗିଛି। ଧୀରେ ଧୀରେ ନରମ ସ୍ୱଭାବ ଦେଖାଉଛନ୍ତି ଟ୍ରମ୍ପ୍।

ଚଳିତମାସ ଶେଷ ଭାଗରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ହେବା ନେଇ ଆଶା କରାଯାଉଛି। ଏ ସମ୍ପର୍କରେ ଜଣେ ଭାରତୀୟ ଅଧିକାରୀ କହିଛନ୍ତି ଯେ, ରୁଷଠାରୁ ତୈଳ ଆମଦାନୀ ପ୍ରସଙ୍ଗ ସମ୍ପୂର୍ଣ୍ଣ ଭାବେ ସମାଧାନ ହୋଇସାରିଛି। ଏହାକୁ ଟ୍ରମ୍ପ୍ ମଧ ସ୍ୱୀକାର କରିସାରିଛନ୍ତି। ସେ କହିଛନ୍ତି ଯେ, ଭାରତ ଉପରେ ରୁଷଠାରୁ ତୈଳ ଆମଦାନୀ କ୍ଷେତ୍ରରେ ଲାଗୁ କରାଯାଇଥିବା ଦଣ୍ଡାତ୍ମକ ଶୁଳ୍କ ପ୍ରତ୍ୟାହାର କରିନିଆଯିବ। ଅପରପକ୍ଷେ ଭାରତ-ଆମେରିକା ମଧ୍ୟରେ ଦ୍ୱିପାକ୍ଷିତ ବାଣିଜ୍ୟ ଚୁକ୍ତି (ବିଟିଏ) ର ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବାର ନିକଟତର। ଭାରତ-ଆମେରିକା ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୬ ପର୍ଯ୍ୟାୟ ଆଲୋଚନା ହୋଇସାରିଛି। ଚଳିତବର୍ଷ ଶେଷ ସୁଦ୍ଧା ଆଲୋଚନାର ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ କ୍ଷେତ୍ରରେ ଜଟିଳ ପ୍ରସଙ୍ଗଗୁଡିକରେ ଆଲୋଚନା ଜାରି ରହିବ।





ରିପୋର୍ଟ ଅନୁଯାୟୀ, ଭାରତ ସୋୟାବିନ୍, ମକ୍କା ସମେତ କିଛି ଦୁଗ୍ଧ ଜାତୀୟ ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ମୁକତ କରିବାକୁ ନିଜର ବଜାର ଆମେରିକା ପାଇଁ ଖୋଲିଦେବେ। ଦୁଇ ଦେଶ ବର୍ତ୍ତମାନ ଶୁଳ୍କ ଏବଂ କୃଷି ଉତ୍ପାଦ ଉପରେ ପାରସ୍ପରିକ ଶୁଳ୍କ ହାରକୁ ଅନ୍ତିମ ରୂପ ଦେବା ଉପରେ କାମ କରୁଛି। ଉଭୟ ପକ୍ଷ ଶୁଳ୍କ ମୁକ୍ତ ଏବଂ କମ୍ ଶୁଳ୍କ ଲାଗୁ ଥିବା ଆମଦାନୀ ପାଇଁ ଉତ୍ପାଦଗୁଡିକର ସୂଚୀ ସହ ଜଡିତ ଅଧିକାଂଶ ବାବାଦୀୟ ପ୍ରସଙ୍ଗର ସମାଧାନ କରିସାରିଛନ୍ତି। ନିକଟରେ ଭାରତ ପାଇଁ ନୂତନ ନିଯୁକ୍ତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର୍‌ଙ୍କ ଶପଥଗ୍ରହଣ ଉତ୍ସବରେ ଟ୍ରମ୍ପ୍ କହିଥିଲେ ଯେ, ଭାରତ ସହ ଆମେ ଏମିତି ଏକ ବୁଝାମଣା ଚୁକ୍ତି କରୁଛୁ ଯାହା ପୂର୍ବରୁ ହୋଇଥିବା ଚୁକ୍ତି ତୁଳନାରେ ଭିନ୍ନ ରହିବ। ରପୋର୍ଟ ଅନୁଯାୟୀ, ଭାରତ- ଆମେରିକା ଉଚ୍ଚ ସ୍ତରୀୟ ଆଲୋଚନାର ଲକ୍ଷ୍ୟ ଥିଲା କିଛି ଭାରତୀୟ ଉତ୍ପାଦର ରପ୍ତାନି ଉପରେ ୫୦% ଟାରଇଫ୍ ଲାଗିବା ପରେ ମଧ ବାଣିଜ୍ୟ ଉତ୍ତେଜନା ଶେଷ କରିବା।

ସୂଚନାଯୋଗ୍ୟ ଯେ, ଟ୍ରମ୍ପ୍ ଏ ପର୍ଯ୍ୟନ୍ତ ଭାରତ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରିଛନ୍ତି। ଏଥିରେ ୨୫% ପାରସ୍ପରିକ ଶୁଳ୍କ ଏବଂ ରୁଷରୁ ତେଲ କିଣିବା ପାଇଁ ୨୫% ଜରିମାନା ଅନ୍ତର୍ଭୁକ୍ତ। ପାରସ୍ପରିକ ଶୁଳ୍କ ଅଗଷ୍ଟ ୭ ରୁ ଲାଗୁ ହୋଇଛି ଏବଂ ଅଗଷ୍ଟ ୨୭ରୁ ଜୋରିମାନା ଲାଗୁ ହୋଇଛି। ଆମେରିକା ରୁଷ ଉପରେ ଚାପ ପକାଇବା ପାଇଁ ଭାରତ ଉପରେ ଆର୍ଥିକ କଟକଣା ଲଗାଇଛି। ଟ୍ରମ୍ପ୍ ଅନେକ ଥର ଦାବି କରିଛନ୍ତି ଯେ ରୁଷ ଭାରତରୁ ତେଲ କିଣିବା ଦ୍ୱାରା ପାଉଥିବା ଟଙ୍କାରେ ୟୁକ୍ରେନରେ ଯୁଦ୍ଧକୁ ପ୍ରୋତ୍ସାହିତ କରୁଛି।

# ବିଶ୍ୱବ୍ୟାପୀ କ୍ଲାଉଡ୍‌ଫ୍ଲେୟାର ଡାଉନ୍

### କାମ କରୁନି ଓପନ୍‌ଏଆଇ, ଚାର୍ଟଜିପିଟି, ପରପ୍ଲେକ୍ସିଟି ଓ ଏକ୍ସ ୱେବସାଇଟ୍

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ସାରା ବିଶ୍ୱରେ କ୍ଲାଉଡ୍‌ଫ୍ଲେୟାର ଡାଉନ ହେବା ପରେ କମ୍ପାନୀର ନେଟୱାର୍କ ଉପରେ ନିର୍ଭର କରୁଥିବା ହଜାର ହଜାର ୱେବସାଇଟ୍ ଆଜି ଡାଉନ୍ ହୋଇଯାଇଛି। ଘଟଣା ସମ୍ପର୍କରେ ଏବେ କମ୍ପାନୀ ଗ୍ରାହକମାନଙ୍କୁ ଅବଗତ କରାଇଛି। ଏ ନେଇ କମ୍ପାନୀ କହିଛି ଯେ, ସେ କ୍ଲାଉଡଫ୍ଲେୟାର ସମସ୍ୟା ବିଷୟରେ ଅବଗତ ଅଛି ଏବଂ ଏହା ଉପରେ ତଦନ୍ତ କରୁଛି। ଏହା ବିଶ୍ୱରେ ବହୁ ସହଖ୍ୟାରେ ଗ୍ରାହକଙ୍କୁ ପ୍ରଭାବିତ କରୁଛି। ବ୍ୟାପକ ୫୦୦ ଏରର, କ୍ଲାଉଡଫ୍ଲେୟାର ଡ୍ୟାସବୋର୍ଡ ଏବଂ ଏପିଆଇ ମଧ ଫେଲ୍ ହୋଇଛି। ଆମେ ଏହାର ପୂର୍ଣ୍ଣ ପ୍ରଭାବ ବୁଝିବା ସହ ସମସ୍ୟାକୁ ହ୍ରାସ କରିବା ପାଇଁ କାମ କରୁଛୁ। ଅଧିକ ଅପଡେଟ୍ ଖୁବ୍ ଶୀଘ୍ର ଆସିବ ବୋଲଇ କମ୍ପାନୀ କହିଛି। କ୍ଲାଉଡଫ୍ଲେୟାର ଡାଉନ ହେବା ପରେ ଏହାସହିତ ଜଡ଼ିତ ୱେବସାଇଟ୍ ମଧ୍ୟରେ ଏକ୍ସ (ପୂର୍ବର ଟ୍ୱିଟର), ଓପନ୍‌ଏଆଇ/ଚାର୍ଟଜିପିଟି, ଲିଗ୍ ଅଫ୍ ଲିଜେଣ୍ଡସ, ସ୍ୱର୍ଟିଫାଏ, କାନ୍‌ଭା, ପରପ୍ଲେକ୍ସିଟି, ଜେମିନି, ଗ୍ରାଇଣ୍ଡର ଏବଂ ଲେଟରବକ୍ସଡି ଆଦି ଡାଉନ ହୋଇଯାଇଛି। କ୍ଲାଉଡ୍‌ଫ୍ଲେୟାର ବିଭ୍ରାଟ ଯୋଗୁ ପ୍ରଭାବିତ ହୋଇଥିବା ସାଇଟ୍ ତାଲିକାରେ ଲୋକପ୍ରିୟ ଡିଜାଇନିଂ ପ୍ଲାଟଫର୍ମ କାନ୍‌ଭା ମଧ ରହିଛି। ଡାଉନ୍‌ଡିଟେକ୍ଟର ଅନୁଯାୟୀ,ସୋସିଆଲ ମିଡିଆ ପ୍ଲାଟଫର୍ମ ସହିତ ସନ୍ଧ୍ୟା ୫ଟା ୯ ସୁଦ୍ଧା ସର୍ବାଧିକ ଥିଲା, ୧୧,୦୦୦ରୁ ଅଧିକ ସମସ୍ୟା ନେଇ ରିପୋର୍ଟ କରିଛି। ଏଥିଯୋଗୁ ୭୫ ହଜାର ୱେବସାଇଟ ଡାଉନ୍ ରହିଛି।




# 'ଡିସେମ୍ବରରୁ ଆପାର୍ଟମେଣ୍ଟ ଓ ଜମିଜମା ସମ୍ପର୍କିତ ସମସ୍ୟାର ସମାଧାନ ହେବ'

### କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ନବ ନିର୍ବାଚିତ ପଦାଧିକାରୀଙ୍କୁ ନିଯୁକ୍ତି




ଭୁବନେଶ୍ୱର,୧୮।୧୧(ସମିସ) : ଭାରତୀୟ ରିଅଲ ଇଷ୍ଟେଟ ଡେଭଲପର୍ସ ଆସୋସିଏସନ୍ସ (କ୍ରେଡାଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଚଳିତ ନଭେମ୍ବର ୧୮ରେ ଭୁବନେଶ୍ୱରରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆଗାମୀ କାର୍ଯ୍ୟକାଳ ପାଇଁ ଏହାର ନବ ନିର୍ବାଚିତ ପଦାଧିକାରୀଙ୍କୁ ସଫଳ ଭାବରେ ନିଯୁକ୍ତି ଦେଇଛି। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ , ଆମେ ସରକାରକୁ ଆସିଲାବେଳେ ଅନେକ ସମସ୍ୟା ଜଡ଼ିତ ଥିଲା। ଏସବୁର ସମାଧାନ ସମ୍ପୂର୍ଣ୍ଣ ରୂପେ କରିବା ପାଇଁ ସରକାର ସମ୍ପୂର୍ଣ୍ଣ ତତ୍ପର। ଡିସେମ୍ବରରୁ ଆପାର୍ଟମେଣ୍ଟ ଓ ଜମି ଜମା ସମ୍ପର୍କିତ ସମସ୍ୟାର ସମାଧାନ ହେବ। ସେ ରାଜ୍ୟର ସହରାଞ୍ଚଳ ବିକାଶରେ କ୍ରେଡାଇର ଭୂମିକାକୁ ପ୍ରଶଂସା କରିବା ସହ ଐତିହ୍ୟ ସମସ୍ୟାର ସମାଧାନ, ଅନୁମୋଦନକୁ ସୁଗମ କରିବା ଏବଂ ନୈତିକ ରିଅଲ ଇଷ୍ଟେଟ୍ ଅଭ୍ୟାସ ପାଇଁ ଏକ ଅନୁକୂଳ ପରିବେଶ ପ୍ରୋତ୍ସାହିତ କରିବାରେ ସରକାରୀ ସମର୍ଥନ ଜାରି ରଖିବାର ପ୍ରତିଶ୍ରୁତି ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଶେଖ ମୈରାଜୁଲ ହକ୍ କ୍ରେଡାଇ ଭୁବନେଶ୍ୱରର ନୂତନ ସଭାପତି ଭାବରେ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଛନ୍ତି। ନବ ନିର୍ବାଚିତ ଅନ୍ୟ ପଦାଧିକାରୀଙ୍କ ମଧ୍ୟରେ ଉପାଧକ୍ଷ ଶରତ କୁମାର ସାହୁ, ମନୋଜ କୁମାର ସାହୁ, ସଚିବ କଳିଙ୍ଗ କେଶରୀ ରଥ, ଯୁଗ୍ମ ସଚିବ ସୌଭାଗ୍ୟ ସୁନ୍ଦର ରାଉତରାୟ , ନାଭାଲ ମହାଜନ ଏବଂ କୋଷାଧକ୍ଷ ମନମୋହନ ଅଗ୍ରୱାଲା ପ୍ରମୁଖ ରହିଛନ୍ତି। ପରିଚାଳନା କମିଟିରେ ଅନ୍ତର୍ଭୁକ୍ତ ଅନ୍ୟ ବିଶିଷ୍ଟ ସଦସ୍ୟଙ୍କ ମଧ୍ୟରେ ଶଶି ଶେଖର ଗଡ଼ବାବୁ, ଅଭୟ କୁମାର ପଣ୍ଡା, ଆଦିତ୍ୟ ଦାସ, ମାନସ କୁମାର ବେହେରା ଏବଂ ଅଶ୍ୱିନୀ କୁମାର ପାଢ଼ୀ ରହିଛନ୍ତି। ବରିଷ୍ଠ ନେତା ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କ୍ରେଡାଇ ଓଡ଼ିଶାର ପ୍ରତିଷ୍ଠାତା ସଦସ୍ୟ ମଧୁ ମହାନ୍ତି ଶପଥ ପାଠ କରାଇଥିଲେ। ନବନିର୍ବାଚିତ ସଭାପତି ଶେଖ୍ ମୈରାଜୁଲ୍ ହକ୍ ତାଙ୍କର ଦୃଷ୍ଟିକୋଣ ଏବଂ ଭବିଷ୍ୟତ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ, ସରକାରଙ୍କ ସହିତ ସହଯୋଗ, ରେରା ନିର୍ଦ୍ଦେଶାବଳୀ ପାଳନ ଏବଂ ଅଂଚଳରେ ସୁଲଭ ଏବଂ ସ୍ଥାୟୀ ଗୃହ ନିର୍ମାଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ନିର୍ବାଚିତ ସଭାପତି ଉମାଶଙ୍କର ପାଣିଗ୍ରାହୀ ମଧ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂହ (ଏକାମ୍ର, ଭୁବନେଶ୍ୱର) ଏବଂ ବିଧାୟିକା ସୋଫିଆ ଫିରଦୌସ (ବାରବାଟୀ-କଟକ) ଯୋଗଦେଇଥିଲେ। ଏଥିରେ କ୍ରେଡାଇ ଭୁବନେଶ୍ୱରର ସଭାପତି କହିଛନ୍ତି, ଆମେ ସରକାର ଏବଂ ସମସ୍ତ ଅଂଶୀଦାରଙ୍କ ସହିତ ଘନିଷ୍ଠ ଭାବରେ କାମ କରି ଭୁବନେଶ୍ୱର ଏବଂ ଓଡ଼ିଶାକୁ ସ୍ୱଚ୍ଛ, କ୍ରେତା-ଅନୁକୂଳ ଏବଂ ସ୍ଥାୟୀ ରିଅଲ୍ ଇଷ୍ଟେଟ୍ ବିକାଶ ପାଇଁ ଏକ ମଡେଲ୍ କରିବା ପାଇଁ ପ୍ରତିବଦ୍ଧ।

### ବନ୍ୟପ୍ରାଣୀଙ୍କ ଉପଦ୍ରବ ଏବଂ ଧାନ କ୍ଷେତରେ ଜଳବନ୍ଦୀ ପାଇଁ ମିଳିବ ଫସଲ କ୍ଷତି କ୍ଷତିପୂରଣ

# କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଅନୁମୋଦନ

ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି): କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିଓ୍ୱାଇ) ଅଧୀନରେ ଚାଷୀମାନଙ୍କୁ ଏକ ବଡ଼ ଉପହାର ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ବନ୍ୟପ୍ରାଣୀଙ୍କ ଉପଦ୍ରବ ଏବଂ ଧାନ କ୍ଷେତରେ ଜଳବନ୍ଦୀ ସମସ୍ୟା ଯୋଗୁଁ ଫସଲ କ୍ଷତି ଲାଗି କ୍ଷତିପୂରଣ ଦେବା ପାଇଁ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବରେ ନୂତନ ପ୍ରକ୍ରିୟାକୁ ଅନୁମୋଦନ କରିଛି।



ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ସ୍ଥାନୀୟ ବିପଦ ବର୍ଗ ଅଧୀନରେ ବନ୍ୟ ପ୍ରାଣୀମାନଙ୍କ ଦ୍ୱାରା ଫସଲ ନଷ୍ଟକୁ ପଞ୍ଚମ 'ଆଡ୍-ଅନ୍ କଭର' ଭାବରେ ସ୍ୱୀକୃତି ଦିଆଯାଇଛି। ରାଜ୍ୟ ସରକାରଗୁଡ଼ିକ ବନ୍ୟପ୍ରାଣୀଙ୍କ ସୂଚୀ ଅଧିସୂଚୀତ କରିବେ ତଥା ଐତିହାସିକ ତଥ୍ୟ ଆଧାରରେ ଅତ୍ୟଧିକଧି ପ୍ରଭାବିତ ଜିଲ୍ଲା ଜି /ବୀମା ୟୁନିଟଗୁଡ଼ିଗୁଡ଼ିକୁ ଚିହ୍ନଟ କରିବେ। ଚାଷୀମାନଙ୍କୁ ଫସକ୍ଷ କ୍ଷତ ସୂଚସୂ ନା ୭୨ ଘଣ୍ଟା ମଧ୍ୟରେ ଫସଲ ବୀମା ଆପ୍‌ରେ ଜିଓ –ଟ୍ୟାଗ ହୋଇଥିବା ଫଟୋ ସହିତ ଦାଖଲ କରିବାକୁ ହେବ। ବିଭିନ୍ନ ରାଜ୍ୟର ଦୀର୍ଘକାଳୀନ ଦାବି ଏବଂ ଚାଷୀମାନଙ୍କୁ ଆକସ୍ମିକ, ସ୍ଥାନୀୟ ଓ ଗୁରୁତର ଫସଲ କ୍ଷତିରୁ ସୁରକ୍ଷା ଦେବା ପାଇଁ ଏହି ନିଷ୍ପତ୍ତି ଏକ ଗୁରୁଗୁରୁତ୍ୱପୂର୍ଣ୍ଣପୂ ର୍ଣ୍ଣ ପଦକ୍ଷେପ। ଏହି ପ୍ରକ୍ରିୟାଗୁଡ଼ିକୁ ପିଏମଏଫବିଓ୍ୱାଇ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଅନୁସାରେ ବୈଜ୍ଞାନିକ, ସ୍ୱଚ୍ଛ ଏବଂ ବ୍ୟବହାରିକ ଭାବରେ ଡିଜାଇନ୍ କରାଯାଇଛି। ଖରିଫ ୨୦୨୬ରୁ ସାରା ଦେଶରେ କାର୍ଯ୍ୟକାରୀ କରାଯିବ। ହାତୀ, ଜଙ୍ଗଲି ଘୁଷୁରୀ , ନୀଳଗାଈ, ହରିଣ ଏବଂ ମାଙ୍କଡ଼ ଭଳି ବନ୍ୟ ପ୍ରାଣୀଙ୍କ ଆକ୍ରମଣ ଯୋଗୁଁ ସାରା ଦେଶର ଚାଷୀମାନେ ଦୀର୍ଘ ଦିନ ଧରି ଫସଲ କ୍ଷତିର ସମ୍ମୁଖୀନ ହୋଇଆସୁଛନ୍ତି। ବିଶେଷକରି ବନାଞ୍ଚଳ,ଜଙ୍ଗଲ କରିଡର ଏବଂ ପାହାଡିଆ ଅଞ୍ଚଳ ନିକଟରେ ରହୁଥିବା ଚାଷୀମାନେ ପ୍ରାୟତଃ ଏହି ସମସ୍ୟାର ସାମ୍ନା କରିଥାନ୍ତି। ଏ ପର୍ଯ୍ୟନ୍ତ ଫସଲ ବୀମା ଯୋଜନା ଦ୍ୱାରା ଏପରି କ୍ଷତିକୁ କଭର କରାଯାଇ ନ ଥିଲା , ଯାହାଫଳରେ ସେମାନେ ଯଥେଷ୍ଟ ଆର୍ଥିକ କ୍ଷତି ସହିଥାନ୍ତି।

# ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫

ଭୁବନେଶ୍ୱର, ୧୮ ।୧୧(ସମିସ): ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ 'ଓଡ଼ିଶା ପାଭିଲିୟନ୍' ରାଜ୍ୟରେ ବାଣିଜ୍ୟ ସମ୍ଭାବନା ଓ ବାଣିଜ୍ୟିକ ବାତାବରଣର ବାର୍ତ୍ତା ବାଣ୍ଟୁଛି। ସ୍ୱଦେଶୀ ଜ୍ଞାନକୌଶଳରେ ଉତ୍ପାଦିତ ଓଡିଶାର କୃଷିଜାତ ସାମଗ୍ରୀ ଠାରୁ ଆରମ୍ଭ କରି ବୟନ ଓ ହସ୍ତଶିଳ୍ପ ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଆକର୍ଷିତ କରୁଛି। ଓଡିଶା ପାଭିଲିୟନରେ ଅଂଶଗ୍ରହଣ କରିଥିବା ବରଗଡ଼ର ଗୌମୟ ପେଣ୍ଟସ ପକ୍ଷରୁ ତ୍ରିପୁରା ଶିଳ୍ପ ବିଭାଗ, ହରିୟାନାର ଅରିହନ୍ତ ପେଣ୍ଟସ, ନୂଆଦିଲ୍ଲୀର ଏ.ଏଲ୍. ଏମ୍. ଏଣ୍ଟରପ୍ରାଇଜେସ ଓ ଆର.କେ. ଜି.ଡି. ଏଣ୍ଟରପ୍ରାଇଜେସ ସହିତ ବାର୍ତ୍ତାଳାପ କରାଯାଇଛି। ସେହିପରି ଓଡିଶା ରାଜ୍ୟ ତାଳଗୁଡ ସମବାୟ ସଂଘ ଲିମିଟେଡ ସହିତ ବହୁ ରାଜ୍ୟ ବ୍ୟବସାୟିକ ଆଲୋଚନା କରିଛନ୍ତି। ଧାନ, କଳାକୃତି, ସଉରା ଓ ଗଣ୍ଡ ଜନଜାତି ଚିତ୍ରକଳା, କୋରାପୁଟ କଫି ଓ ଜନଜାତି ସମୁଦାୟଙ୍କ ସଂଗୃହିତ, ଉତ୍ପାଦିତ ଓ ପ୍ରକ୍ରିୟାକୃତ ସାମଗ୍ରୀକୁ ନେଇ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ବିଭାଗ ତରଫରୁ ଅଂଶଗ୍ରହଣ କରିଥିବା ଷ୍ଟଲ ସମେତ ଓରମାସ ଓ ମିଶନ ଶକ୍ତି ଆନୁକୂଲ୍ୟରେ ଅଂଶଗ୍ରହଣ କରିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ବିଭିନ୍ନ ସୁଦୃଶ୍ୟ ସାମଗ୍ରୀ ମଧ ବାଣିଜ୍ୟ ମେଳାରେ ସ୍ଥାନ ପାଇଛି। ଏହି ବାଣିଜ୍ୟ ମେଳା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।



# ଭୁବନେଶ୍ୱରରେ ନୋଭା ଆଇଭିଏଫ ଫର୍ଟିଲିଟି କେନ୍ଦ୍ର

ଭୁବନେଶ୍ୱର,୧୮।୧୧(ସମିସ): ଅନ୍ତର୍ଜାତୀୟ ମାନର ଫର୍ଟିଲିଟି ଚିକିତ୍ସା ସୁବିଧାଥିବା ଫର୍ଟିଲିଟି ଚେନ ନୋଭା ଆଇଭିଏଫ ଫର୍ଟିଲିଟି ଭୁବନେଶ୍ୱରରେ ନିଜର ପ୍ରଥମ ସେଣ୍ଟର ଶୁଭାରମ୍ଭ କରିଛି। ଏହି ସେଣ୍ଟରରେ ଆଡଭାନ୍ସଡ ଇଲେକ୍ଟ୍ରୋନିକ ୱିଟ୍‌ନେସିଙ୍ଗ ସିଷ୍ଟମ ଓ ଆର୍ଟିଫିସିଆଲ ଇନଟେଲିଜେନ୍ସ ସକ୍ଷମ ଟେକ୍ନୋଲୋଜିଗୁଡ଼ିକ ସହିତ ଶୁଭାରମ୍ଭ ହୋଇଛି। ଉଭୟ ଟିୟର ୧ ଓ ଟିୟର ୨ ସହର ଗୁଡିକରେ ନିଃସନ୍ତାନ ସମସ୍ୟା ବୃଦ୍ଧି ପାଉଥିବାବେଳେ ଏହି ଫର୍ଟିଲିଟି ଚେନର ୪୦ ପ୍ରତିଶତ ସେଣ୍ଟର ଟିୟର ୨ ଓ ଟିୟର ୩ ସହରଗୁଡିକରେ ରହିଛି। ଏସମ୍ପର୍କରେ ନୋଭା ଆଇଭିଏଫ ଫର୍ଟିଲିଟିର ମେଡିକାଲ ଡାଇରେକ୍ଟର ଡ. ରୋହିତ ଗୁଟ୍‌ଗୁଟିଆ କହିଛନ୍ତି ସଠିକ୍ ଚିକିତ୍ସା ଓ ସଫଳତା ହାର ବୃଦ୍ଧି କରିବା ପାଇଁ ଆର୍ଟିଫିସିଆଲ ଇଂଟେଲିଜେନନ୍ସକୁ ବ୍ୟବହାର କରାହେଉଛି। ଭୁବନେଶ୍ୱର ସେଣ୍ଟରର ଶୁଭାରମ୍ଭରେ ଫର୍ଟିଲିଟି ବିଶେଷଜ୍ଞମାନେ ବର୍ତମାନେ ପ୍ରଚଳିତ ଆଞ୍ଚଳିକ ଟ୍ରେଣ୍ଡଗୁଡିକ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଭୁବନେଶ୍ୱରର ଫର୍ଟିଲିଟି ସ୍ପେଶାଲିଷ୍ଟ ଡ. ଗାୟତ୍ରୀ ଶତପଥୀ କହିଛନ୍ତି ଭୁବନେଶ୍ୱରରେ ନୋଭା ଆଇଭିଏଫ ଫର୍ଟିଲିଟି ଷ୍ଟେଟ-ଅଫ୍-ଦ–ଆର୍ଟ ଲାବ୍ରୋଟେରୀ ଇନ୍‌ଫ୍ରାଷ୍ଟ୍ରକ୍‌ଚର, ଏଆଇ ଏମ୍ବ୍ରୋ ସିଲେକ୍ସନ, ଇଲେକ୍‌ଟ୍ରୋନିକ ୱିଟନେସିଙ୍ଗ ସିଷ୍ଟମ ଓ ଆନ୍ତର୍ଜାତୀୟ ପ୍ରୋଟୋକଲଗୁଡିକର ଅନୁପାଳନ ସହିତ ଏକ ସୁବ୍ୟବସ୍ଥିତ କେନ୍ଦ୍ରରେ ବିସ୍ତୃତ ଫର୍ଟିଲିଟି ଚିକିତ୍ସା ପ୍ରଦାନ କରିବ। ଏହାର ମୁଖ୍ୟ ପରିଚାଳନା ଅଧିକାରୀ ବିଶ୍ୱନାଥ ଗାଙ୍ଗୁଲି ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




### ଆର୍‌କମ୍ ଜାଲିଆତି ମାମଲା; ଯାଞ୍ଚକୁ ନେଇ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# କେନ୍ଦ୍ର-ଇଡି-ସିବିଆଇ ଓ ଅନିଲ ଅମ୍ବାନୀଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର, ସିବିଆଇ, ଇଡି, ଅନିଲ ଅମ୍ବାନୀ ଏବଂ ଅନ୍ୟ କିଛି ଲୋକଙ୍କୁ ସୁପ୍ରିମକୋର୍ଟ ଦେଇଛନ୍ତି ନୋଟିସ୍। ଏହି ନୋଟିସ୍ ରିଲାଏନ୍ସ କମ୍ୟୁନିକେସନ୍ସ (ଆରକମ୍), ଅନିଲ ଧୀରୁଭାଇ ଅମ୍ବାନୀ (ଏଡିଏ) ଗ୍ରୁପର ଅନ୍ୟ କମ୍ପାନୀ ଏବଂ ପ୍ରମୋଟର ଅନିଲ ଅମ୍ବାନୀଙ୍କ ବିରୁଦ୍ଧରେ ଆସିଥିବା ବ୍ୟାଙ୍କିଙ୍ଗ ଏବଂ କର୍ପୋରେଟ୍ ଠକେଇ ଅଭିଯୋଗ ସହ ଜଡ଼ିତ। ପ୍ରକୃତରେ ଏହି ମାମଲାର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ହେଉ ବୋଲି ଏକ ପିଆଇଏଲ୍ ଆବେଦନ ହୋଇଥିଲା। ଯାହାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନୋଟିସ ଜାରି କରିଛନ୍ତି।

ସୂଚନା ଅନୁସାରେ, ପୂର୍ବତନ କେନ୍ଦ୍ର ସଚିବ ଇ.ଏ.ଏସ ଶର୍ମାଙ୍କ ଦ୍ୱାରା ଦାୟର ପିଆଇଏଲ୍ ଉପରେ ଶୁଣାଣି କରି କୋର୍ଟ ମଙ୍ଗଳବାର ଏହି ନୋଟିସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ବି.ଆର. ଗଓ୍ୱାଇ ଏବଂ ବିଚାରପତି କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ପିଆଇଏଲ୍ ଉପରେ ଶୁଣାଣି କରି ସମସ୍ତଙ୍କୁ ତିନି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ, ଦୁର୍ନୀତିର ପରିମାଣ ଏତେ ଥିଲେ ବି ସିବିଆଇ ଓ ଇଡି, ବ୍ୟାଙ୍କ ଏବଂ ବ୍ୟାଙ୍କ ଅଧିକାରୀଙ୍କ ସଲାସୁତୁରାର ଯାଞ୍ଚ କରୁନାହାଁନ୍ତି। ସେ କୋର୍ଟଙ୍କୁ ଅନୁରୋଧ କରିଛନ୍ତି ଯେ, ବ୍ୟାଙ୍କ ଏବଂ ଅଧିକାରୀଙ୍କ ବିରୁଦ୍ଧରେ କ'ଣ ତଦନ୍ତ ଚାଲିଛି ତାହାର ଏକ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ସିବିଆଇ ଏବଂ ଇଡିକୁ ନିର୍ଦ୍ଦେଶ ଦିଅନ୍ତୁ। ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଏଡିଏ ଗ୍ରୁପ୍‌ରେ ଥିବା ଅନେକ କମ୍ପାନୀ ସାଧାରଣ ଲୋକଙ୍କ ଟଙ୍କାକୁ ବିଭିନ୍ନ ଉପାୟରେ ଅପବ୍ୟବହାର କରିଥିଲେ। ମିଥ୍ୟା ବାଲାନ୍ସ ସିଟ୍ ପ୍ରସ୍ତୁତ କରିଥିଲେ। ଆଉ ଏସବୁ ବ୍ୟାଙ୍କ ଏବଂ ବ୍ୟାଙ୍କ୍ ଅଧିକାରୀଙ୍କ ସହମତିରେ ହୋଇଥିଲା। ସିବିଆଇ ଅଗଷ୍ଟ ୨୧ର ଏକ ଏଫଆଇଆର ରୁଜୁ କରିଥିଲା। ଅନିଲ ଅମ୍ବାନୀଙ୍କ ବିରୁଦ୍ଧରେ ଇଡିରେ ଚାଲିଥିବା କାର୍ଯ୍ୟାନୁଷ୍ଠାନ ଏହି ଦୁର୍ନୀତିର ଏକ ଛୋଟ ଅଂଶ। ଫୋରେନସିକ୍ ଅଡିଟ୍ରେ ଅନେକ ଗୁରୁତର ଅନିୟମିତତା ଧରାପଡ଼ିଛି। ବମ୍ବେ ହାଇକୋର୍ଟ ପୂର୍ବରୁ ହିଁ ଏକ ରାୟରେ ସମସ୍ତ ଠକେଇ ଏବଂ ପାଣ୍ଠିର ଅପବ୍ୟବହାର କଥା ପ୍ରମାଣିତ କରିସାରିଛନ୍ତି।

# ଆପୋଲୋ ଟାୟାର୍ସ-କିଟ୍ ସହଭାଗିତା

ଭୁବନେଶ୍ୱର,୧୮।୧୧(ସମିସ): ଆପୋଲୋ ଟାୟାର୍ସ ଲିମିଟେଡ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍), ଭୁବନେଶ୍ୱର ପକ୍ଷରୁ ଆଜି ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ପାଇଁ ଟାୟାର ଟେକ୍ନୋଲୋଜି ଉପରେ ଏକ ସ୍ୱତନ୍ତ୍ର ଇଲେକ୍ଟିଭ / ମଡ୍ୟୁଲର ଶୁଭାରମ୍ଭ କରିବା ପାଇଁ ଏକ ପ୍ରଥମ ଧରଣର ରଣନୈତିକ ସହଭାଗିତା ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ଭାରତରେ ଏଭଳି ଐତିହାସିକ ସହଭାଗିତା କରାଯାଇଛି, ଯେଉଁଠାରେ ଏକ ଟାୟାର ନିର୍ମାତା ଓ ଏକ ବୈଷୟିକ ଶିକ୍ଷାନୁଷ୍ଠାନ ଟାୟାର ସାଇନ୍ସ, ଡିଜାଇନ ଓ ଉତ୍ପାଦନ ପ୍ରକ୍ରିୟାକୁ ଏକ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଏକୀକୃତ କରିବା ପାଇଁ ଏକାଠି ହୋଇଛନ୍ତି। ଏହି ସହଭାଗିତା ଅଧିନରେ ଆପୋଲୋ ଟାୟାର୍ସ ଲିଃ ପାଠ୍ୟକ୍ରମ ପାଇଁ ଶିକ୍ଷାନୁଷ୍ଠାନ ବିଷୟବସ୍ତୁକୁ ନୂଆ ରୂପ ଦେବା କ୍ଷେତ୍ରରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ। ଏହି ସହଭାଗିତା ଅବସରରେ କିଟ୍, କିସ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର (ଡଃ) ଅଚ୍ୟୁତ ସାମନ୍ତ, ଆପୋଲୋ ଟାୟାର୍ସ ଲିଃର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଆର ମହାଲକ୍ଷ୍ମୀ ଏବଂ ସମ୍ପର୍କରେ କିଟ୍-ଡିୟୁର ଭାଇସ ଚାନ୍ସେଲର ପ୍ରଫେସର (ଡଃ) ସରଞ୍ଜିତ ସିଂହ ଉପସ୍ଥିତ ଥିଲେ। ଏଥିରେ ସ୍କୁଲ୍ ଅଫ୍ ମେକାନିକାଲ୍ ଇଞ୍ଜିନିୟରିଂର ଡିନ୍ ଡା. ବି. ସୁରେଖା, ପ୍ରଫେସର ପି. ଚନ୍ଦ୍ର ଶେଖର, ଆସୋସିଏଟ ଡିନ୍ ଆଇ, ସ୍କୁଲ ଅଫ୍ ମେକାନିକାଲ୍ ଇଞ୍ଜିନିୟରିଂ, କିଟ୍‌ଡିୟୁ ପ୍ରଶାନ୍ତ କୁମାର ଏସ୍,ଉତ୍ପାଦ ବିକାଶ ମୁଖ୍ୟ ସିଭି ଟିବିଆର, ରୀମା ଶର୍ମା, ବିଭାଗୀୟ ମୁଖ୍ୟ ଏଚଆରବିପି ବାଣିଜ୍ୟିକ, ଆଇଏସଏସଇଏ, ଶ୍ରୀଯୁକ୍ତ ଅନିତ ଚାକୁ, ମୁଖ୍ୟ ଏଫଟିଏସ, ଆଇଏସଏସଇଏ, ଆପୋଲୋ ଟାୟର୍ସ, ଏବଂ ଡା. ଶିର୍ଷେନ୍ଦୁ ବାନାର୍ଜୀ, ଆସୋସିଏଟ ଡିନ୍, ଇଣ୍ଡଷ୍ଟ୍ରିଆଲ୍ ଏଙ୍ଗେଜମେଂଟସ୍, କିଟ୍‌ଡିୟୁ ପ୍ରମୁଖ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବାର୍ଯଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୨୪- ରୁଷର ସେଣ୍ଟ ପିଟର୍ସବର୍ଗ ବନ୍ୟାରେ ଦଶହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୮୨୮- ଝାନ୍ସୀ ରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମ।
- ୧୮୩୮- ସ୍ୱାଧୀନତା ସଂଗ୍ରାମୀ କେଶବ ଚନ୍ଦ୍ର ସେନ୍‌ଙ୍କ ଜନ୍ମ।
- ୧୯୪୬- ସ୍ୱେନ୍ ୟୁନେସ୍କୋର ସଦସ୍ୟ ହେଲା।
- ୧୯୮୬- ପରିବେଶ ସଂରକ୍ଷଣ ଅଧିନିୟମ ଲାଗୁ ହେଲା।
- ୧୯୯୪- ଐଶ୍ୱର୍ଯ୍ୟା ରାୟ ବିଶ୍ୱସୁନ୍ଦରୀ ମୁକୁଟ ପିନ୍ଧିଲେ।

# ଲୌହ ମାନବୀ ଇନ୍ଦିରା



ଇନ୍ଦିରା ଗାନ୍ଧୀ ଭାରତୀୟ ରାଜନୀତିରେ ଏପରି ନାମ, ଯାହାଙ୍କ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଇନ୍ଦିରା ତାଙ୍କ ଦୃଢ଼ ନେତୃତ୍ୱ ଓ କୂଟନୈତିକ ଦକ୍ଷତା ପାଇଁ ଜଣାଯାନ୍ତି। ସେ ଦେଶର ପ୍ରଥମ ତଥା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଥିଲେ। ଇନ୍ଦିରା ଜଣେ ପ୍ରଭାବଶାଳୀ ନେତ୍ରୀ ହେବା ସହ ରାଜନୀତିରେ ଅତି ପାରଙ୍ଗମ ମହିଳା ଥିଲେ। ଲୌହ ମାନବୀ ଇନ୍ଦିରା ଗାନ୍ଧୀ ୧୯୧୭ ମସିହା ଆଜିର ଦିନରେ ଆହ୍ଲାବାଦସ୍ଥିତ 'ଆନନ୍ଦଭବନ'ଠାରେ ଜନ୍ମଗ୍ରହଣ କରିଥିଲେ। ଜବାହରଲାଲ ନେହରୁ ଏବଂ କମଳା ନେହରୁଙ୍କର ସେ ଏକମାତ୍ର ସନ୍ତାନ ଥିଲେ। ମାତାଙ୍କ ସହ ଆନନ୍ଦ ଭବନରେ ତାଙ୍କ ପିଲାଦିନ କଟିଥିଲା। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଇନ୍ଦିରା, ପିଲାବେଳୁ ହିଁ ବେଶ ସଚେତ ଓ ନିର୍ଭୀକ ଥିଲେ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ସୁଇଜରଲ୍ୟାଣ୍ଡରେ ହୋଇଥିଲା। 'ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ'ରେ ଭର୍ତ୍ତି ହେବା ସମୟରେ ଇନ୍ଦିରା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ସଂସ୍ପର୍ଶରେ ଆସିଥିଲେ। ରବୀନ୍ଦ୍ରନାଥ ଠାକୁର ହିଁ ତାଙ୍କ ନାମ 'ପ୍ରିୟଦର୍ଶିନୀ' ରଖିଥିଲେ। ସେହିଦିନଠାରୁ ତାଙ୍କ ନାମ ଇନ୍ଦିରା ପ୍ରିୟଦର୍ଶିନୀ ହୋଇଥିଲା। ସେ ଆନୁଷ୍ଠାନିକ ଭାବରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ଜବାହରଲାଲ ନେହରୁ ଭାରତର ପ୍ରଧାନମନ୍ତ୍ରୀ ଥିବାବେଳେ ଇନ୍ଦିରା ତାଙ୍କ ସହ କାମ କରିବା ଆରମ୍ଭ କରି ଦେଇଥିଲେ। ନେହରୁଙ୍କ ମୃତ୍ୟୁ ପରେ କଂଗ୍ରେସ ଦଳରେ ଇନ୍ଦିରା ଗାନ୍ଧୀଙ୍କ ଆଧିପତ୍ୟ ବୃଦ୍ଧି ପାଇଲା। ତାଙ୍କୁ ଲାଲ ବାହାଦୂର ଶାସ୍ତ୍ରୀଙ୍କ କ୍ୟାବିନେଟରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ କରାଯାଇଥିଲା। ୧୯୬୬ ମସିହାରେ ଶାସ୍ତ୍ରୀଙ୍କ ମୃତ୍ୟୁ ପରେ ଇନ୍ଦିରା ଗାନ୍ଧୀ ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ପାଇଲେ। ୧୯୬୬ ମସିହାରୁ ୧୯୭୭ ଏବଂ ୧୯୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନମନ୍ତ୍ରୀ ଥିଲେ। ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀଙ୍କୁ ନେଇ ଯେତେ ଚର୍ଚ୍ଚା ହୁଏ, ତାଙ୍କର କଠୋର ନିଷ୍ପତ୍ତି ଓ ଅଦମ୍ୟ ସାହସକୁ ଭାରତୀୟ ରାଜନୀତିରେ ଏକ ଭିନ୍ନ ଦୃଷ୍ଟିକୋଣରେ ଦେଖାଯାଏ। ଇନ୍ଦିରା ଗାନ୍ଧୀଙ୍କ ସମୟରେ ହିଁ ୨୫ ଜୁନ୍ ୧୯୭୫ ମସିହାରେ ଭାରତରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିରରୁ ଆତଙ୍କବାଦୀଙ୍କୁ ବାହାର କରିବା ପାଇଁ କରାଯାଇଥିବା ଅପରେସନ୍ ବ୍ଲୁ ଷ୍ଟାର ଇନ୍ଦିରାଙ୍କ ଶାସନ ସମୟରେ ହିଁ କରାଯାଇଥିଲା। ୧୯୬୯ରେ 'ବ୍ୟାଙ୍କ୍ ଜାତୀୟକରଣ' ଏବଂ ୧୯୭୧ରେ ରାଜା-ମହାରାଜାଙ୍କ 'ପ୍ରିଭି ପର୍ସ'ର ଉଚ୍ଛେଦ କଲେ, ଯାହା ତାଙ୍କ ଦୃଢ଼ ନିଷ୍ପତ୍ତିର ପରିଚାୟକ ଥିଲା। ୧୯୭୧ ମସିହାରେ ବଂଗଳାଦେଶ ମୁକ୍ତି ଯୁଦ୍ଧରେ ଭାରତ ଜିତିବା ପରେ ଇନ୍ଦିରାଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା। ୧୯୮୪ ଅକ୍ଟୋବର ୩୧ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଇନ୍ଦିରା ପ୍ରାଣ ହରାଇଥିଲେ।

# 'ତେରେ ଇସ୍କ ମେଁ' ମନ ଜିଣିଲା ଟ୍ରେଲର୍



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଧନୁଷ ଓ କ୍ରିତି ସାନନ୍‌ଙ୍କ ମ୍ୟୁଜିକାଲ ରୋମାଣ୍ଟିକ୍ ଫିଲ୍ମ 'ତେରେ ଇସ୍କ ମେଁ'ର ଟ୍ରେଲର୍ ନିକଟରେ ରିଲିଜ୍ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି 'ତନୁ ୱେଡସ୍ ମନୁ' ଫେମ୍ ଆନନ୍ଦ ଏଲ୍ ରାୟ। ପୂର୍ବରୁ ଫିଲ୍ମର ଗୀତ ଓ ଟିଜର୍ ଦର୍ଶକଙ୍କ ଉତ୍ସାହ ବଢ଼ାଇଥିବା ବେଳେ ଏବେ ଟ୍ରେଲର ସମସ୍ତଙ୍କ ମନକୁ ଛୁଇଁଛି ଓ ଫିଲ୍ମ ଦେଖିବାର ଉତ୍ସାହକୁ ଦ୍ୱିଗୁଣିତ କରିଛି। ଟ୍ରେଲର୍ ଆରମ୍ଭରେ ଧନୁଷ ଭାରତୀୟ ବାୟୁସେନା ଅଧିକାରୀ ଫ୍ଲାଇଟ୍ ଲେଫଟନାଣ୍ଟ ଶଙ୍କର ଭୂମିକାରେ ଦେଖାଯାଇଛନ୍ତି। ସେହିଭଳି କ୍ରିତିଙ୍କ ଆଖିରେ ଯନ୍ତ୍ରଣା ଓ ପଶ୍ଚାତାପ ଦେଖିବାକୁ ମିଳିଛି। ଏହାପରେ ଫ୍ଲାସ୍‌ବ୍ୟାକ୍‌କୁ ଯାଇ ସେମାନଙ୍କ ପ୍ରେମସମ୍ପର୍କ ଦେଖାଯାଇଛି। ଶଙ୍କରଙ୍କୁ ପ୍ରାରମ୍ଭରେ ଜଣେ ହିଂସ୍ର ଉଗ୍ର ପ୍ରକୃତିର ଯୁବକ ଭାବେ ଦେଖାଯାଇଛି। କ୍ରିତିଙ୍କୁ ଦେଖିବା ମାତ୍ରେ ସେ ତାଙ୍କ ପ୍ରେମରେ ପଡ଼ିଯାଏ। ଶଙ୍କର ଚରିତ୍ରକୁ ଏକତରଫା ପ୍ରେମରେ ପଡ଼ିଥିବା ଜଣେ ପାଗଳ ପ୍ରେମିକ ଭାବରେ ଦର୍ଶାଯାଇଛି। ପରେ କ୍ରିତି ତାଙ୍କ ପ୍ରେମରେ ପଡ଼ିଥିବାର ଦେଖାଯାଇଛି। ଫିଲ୍ମରେ ଜବରଦସ୍ତ ଆକ୍ସନ୍ ସିନ୍ ସହ ବେଶ୍ ସୁନ୍ଦର ସଂଳାପ ରହିଛି, ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ହିମାଂଶୁ ଶର୍ମା ଏବଂ ନୀରଜ ଯାଦବ ଏହାର କାହାଣୀ ଲେଖିଛନ୍ତି। ଏହା ୨୮ ନଭେମ୍ବରରେ ପରଦାକୁ ଆସିବ। ତେବେ ଏହାର ଟ୍ରେଲର୍ ଦେଖି ଏହି ଫିଲ୍ମ ବ୍ଲକ୍‌ବଷ୍ଟର ହେବ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

# ବିଶ୍ୱ ଶୌଚାଳୟ ଦିବସ



ବିଶ୍ୱ ପରିମଳ ସଙ୍କଟର ମୁକାବିଲା ପାଇଁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ ବିଶ୍ୱ ଶୌଚାଳୟ ଦିବସ ଭାବରେ ପାଳନ କରାଯାଏ। ପରିମଳର ପ୍ରଭାବ କିପରି ଭୂତଳ ଜଳ ଉପରେ ପ୍ରଭାବ ପକାଇଥାଏ ଏବଂ ଖୋଲା ସ୍ଥାନରେ ମଳତ୍ୟାଗ ଦ୍ୱାରା କି କି ସମସ୍ୟା ସୃଷ୍ଟି ହୋଇଥାଏ ସେଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ।

ଖାଦ୍ୟ, ବସ୍ତ୍ର, ବାସଗୃହ ପରି ଶୌଚାଳୟ ମଧ୍ୟ ମଣିଷର ଏକ ମୌଳିକ ଆବଶ୍ୟକତା ହୋଇଯାଇଛି। ବିଶ୍ୱରେ ଏବେ ବି ପ୍ରତି ତିନି ଜଣରେ ଜଣେ ମହିଳା ସୁରକ୍ଷିତ ଶୌଚାଳୟ ସୁବିଧା ପାଇବାରୁ ବଞ୍ଚିତ। ଖୋଲାରେ ଶୌଚ କରିବାକୁ ବାଧ୍ୟ ହେଉଥିବା ମହିଳା ତଥା ବାଳିକାମାନେ ନିଜର ସମ୍ମାନହାନି ସହ ଅପରାଧର ଶିକାର ହୋଇଥାନ୍ତି। ଏସବୁ ସମସ୍ୟାକୁ ଦେଖି ୨୦୦୧ ନଭେମ୍ବର ୧୯ରେ 'ବିଶ୍ୱ ଶୌଚାଳୟ ସଂଗଠନ' ଗଢ଼ା ଯାଇଥିଲା। ୨୦୧୩ରେ ମିଳିତ ଜାତିସଂଘ ଦ୍ୱାରା ବିଶ୍ୱ ଶୌଚାଳୟ ଦିବସ ପାଳନ କରିବା ନେଇ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା। ସେବେଠାରୁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ 'ବିଶ୍ୱ ଶୌଚାଳୟ ଦିବସ' ଭାବେ ପାଳନ କରାଯାଏ। ଏହି ଅବସରରେ ପରିମଳ ବାବଦରେ ଲୋକଙ୍କୁ ସଚେତନ ତଥା ଶୌଚାଳୟ ବ୍ୟବହାର ପ୍ରତି ଉତ୍ସାହିତ କରାଯାଏ। ତା'ସହ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ମଧ୍ୟ ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ଏକ ତଥ୍ୟ ଅନୁସାରେ, ସାରା ବିଶ୍ୱର ଯେତେ ଲୋକ ଖୋଲାରେ ଶୌଚ କରନ୍ତି, ତା'ର ପ୍ରାୟ ଅର୍ଦ୍ଧାଂଶ ଲୋକ ହେଉଛନ୍ତି ଭାରତର। ଭାରତର ୨୦୧୧ ଜନଗଣନା ଅନୁସାରେ, ଗାଁ ଗହଳିରେ ୬୭ ପ୍ରତିଶତ ଏବଂ ସହରାଞ୍ଚଳରେ ୧୩ ପ୍ରତିଶତ ଲୋକ ଖୋଲାରେ ଶୌଚ କରନ୍ତି। ଖୋଲା ସ୍ଥାନରେ ଶୌଚ ଯିବାର ଅର୍ଥ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରିବା। କେବଳ ସେତିକି ନୁହେଁ, ଏହାଦ୍ୱାରା ପରିବେଶ ମଧ୍ୟ ଦୂଷିତ ହୋଇଥାଏ। ଅନ୍ୟପଟେ ଏହାର ପ୍ରଭାବ ମୁଖ୍ୟତଃ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଏବେ ବି ଅନେକ ସ୍ଥାନରେ ଶୌଚାଳୟର ଉଚିତ ସୁବିଧା ସୁଯୋଗ ନ ଥିବାରୁ ଲୋକେ ଖୋଲାରେ ଶୌଚ ଯିବାକୁ ବାଧ୍ୟ ହେଉଛନ୍ତି। ଏହାବାଦ୍ ଶୌଚାଳୟ ବ୍ୟବହାରର ଗୁରୁତ୍ୱ ଜଣା ନ ଥିବାରୁ ଅନେକ ବାହାରେ ଶୌଚ ଯାଆନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ଏହି ଦିନ ଖୋଲାରେ ଶୌଚ ଯିବାକୁ ବାରଣ କରାଯାଏ। ଏ ଦିଗରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ବିଶେଷ ଫଳପ୍ରଦ ହୋଇପାରିଛି। ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ଏ ସମ୍ପର୍କିତ କର୍ମଶାଳା, ସଚେତନତା ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ତଥା ଗଣଦୌଡ଼ର ଆୟୋଜନ ହୋଇଥାଏ। ଏଭଳି କାର୍ଯ୍ୟକ୍ରମ ସବୁ ସରକାରୀ ସଂସ୍ଥା ସହ ବେସରକାରୀ ସଂସ୍ଥା ତଥା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମାଧ୍ୟମରେ ହୋଇଥାଏ।

# ୨୦୨୮ ସୁଦ୍ଧା ଆସିବ ଭଏସ୍ ଏଆଇ ଟେକ୍ନୋଲୋଜି



**ଆଗାମି ଦିନରେ କି-ବୋର୍ଡର ଯୁଗ ଶେଷ ହେବ। ଏବେ ଏକ ନୂତନ ଗବେଷଣା ଅନୁସାରେ, କିଛି ବର୍ଷ ମଧ୍ୟରେ ଲୋକେ ହାତରେ ଟାଇପ୍ କରିବା ଭୁଲିଯିବେ। ଏହାର କାରଣ ହେବ କୃତ୍ରିମ ବୁଦ୍ଧିମତା। ଏଆଇର ବଢ଼ୁଥିବା ପ୍ରଭାବ ଟେକ୍ନିକ୍‌ର ବ୍ୟବହାରକୁ ସମ୍ପୂର୍ଣ୍ଣ ବଦଳାଇ ରଖିଥିବା ବେଳେ ୨୦୨୮ ସୁଦ୍ଧା ଭଏସ୍ ଏଆଇ ଲୋକଙ୍କ କାମ କରିବାର ମୁଖ୍ୟ ସାଧନ ପାଲଟିବ ବୋଲି କୁହାଯାଉଛି।**

ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସ ଏବଂ ଜେବ୍ରା କମ୍ପାନି ସହଯୋଗରେ ଏହି ଗବେଷଣା କରାଯାଇଛି। ଅଧ୍ୟୟନରୁ ଜଣାପଡ଼ିଛି, ଭଏସ୍ ଟେକ୍ନୋଲୋଜି କାମ କରିବାର ପ୍ରତ୍ୟେକ ପାରମ୍ପରିକ ଉପାୟକୁ ପ୍ରଭାବିତ କରିବ। ଆଗାମୀ ଦିନରେ ଲାପଟପ୍, ମୋବାଇଲ ଏବଂ କମ୍ପ୍ୟୁଟରରେ ଟାଇପ୍ କରିବା ପରିବର୍ତ୍ତେ ଲୋକେ କେବଳ କଥା ମାଧ୍ୟମରେ ନିଜ କାମକୁ ପୂରା କରିବେ। ବୈଜ୍ଞାନିକଙ୍କ କହିବା କଥା, ମଣିଷର ଚିନ୍ତାଧାରା ସହିତ କଥା ଅଧିକ ମେଳ ଖାଇଥାଏ। ତେଣୁ ଏହା ଟାଇପିଂ ତୁଳନାରେ ଅଧିକ ସହଜ, ଦ୍ରୁତ ଏବଂ ପ୍ରଭାବୀ ହେବ।

ସେହିପରି ଜେନରସନ ଆଲ୍‌ଫ ୱାର୍କଫୋର୍ସରେ ସାମିଲ ହେଲା ବେଳକୁ ଏଆଇ ସମ୍ପୂର୍ଣ୍ଣ ନିତିଦିନ ଜୀବନର ଅଂଶ ହୋଇଯିବ। ସେତେବେଳେ ଲୋକେ ଟାଇପ୍ କରିବା ପରିବର୍ତ୍ତେ ଡିଭାଇସ ସହ କଥା ହୋଇ ସମସ୍ତ କାମ ପୂରା କରିବେ। ତେବେ ଏହା ଦ୍ୱାରା ଲୋକେ କେବଳ ଶୀଘ୍ର ନୁହେଁ, ବରଂ ସୃଜନାତ୍ମକ ଶୈଳୀରେ ବି କାମ କରିପାରିବେ।

ଅବଶ୍ୟ କିଛି ବିଶେଷଜ୍ଞଙ୍କ ମତରେ, ଏଆଇ ସମ୍ପୂର୍ଣ୍ଣ ଭାବେ କି-ବୋର୍ଡ ଯୁଗକୁ ଶେଷ କରିପାରିବ ନାହିଁ। ହେଲେ ଗୋଟିଏ କଥା ସ୍ପଷ୍ଟ ହେଉଛି, ଟେକ୍ନିକ ଦ୍ରୁତ ଗତିରେ ଜୀବନରେ ପରିବର୍ତ୍ତନ ଆଣୁଛି। ଯେଉଁଭଳି ଭାବେ ସିଡି ଏବଂ ଡିଭିଡ଼ି କିଛି ବର୍ଷ ମଧ୍ୟରେ ହଜିଗଲା, ସେହି ପ୍ରକାରେ କି-ବୋର୍ଡ ମଧ୍ୟ ଆଗାମୀ ଦିନରେ ପୁରୁଣା ଯୁଗର ଜିନିଷ ହୋଇଯିବ। ଅବଶ୍ୟ ଲୋକେ ଏବେ ସ୍ମାର୍ଟଫୋନ୍, ଟିଭି ଏବଂ ଲାପଟପ୍ ଭଳି ଡିଭାଇସ୍‌ରେ ଭଏସ୍ କମାଣ୍ଡର ବ୍ୟବହାର କରାଯାଉଛି। ଯଦି ଏହା ଧାରା ଏମିତି ଜାରି ରହେ, ୨୦୨୮ ସୁଦ୍ଧା ଡିଭାଇସ୍ ସହ କଥା ହେଇ ହିଁ ଲୋକେ ସେମାନଙ୍କ କାମ ପୂରା କରିବେ।

# ସମ୍ଭାବନା



## ଡିଗ୍ରୀ ନୁହେଁ, ସଫଳତାର ଆଧାର



**ପୂର୍ବରୁ ଲୋକଙ୍କୁ ସରକାରୀ ଚାକିରି, ଡାକ୍ତର ଏବଂ ଇଞ୍ଜିନିୟର ବ୍ୟତୀତ ଅନ୍ୟ କୌଣସି ଚାକିରି ଠିକ୍ ଲାଗୁ ନ ଥିଲା। ହେଲେ ଏବର ପିଢ଼ି ସେହି ଚିରାଚରିତ କ୍ୟାରିୟର ବିକଳ୍ପ ବାଛିବାକୁ ଭଲ ପାଉ ନାହାନ୍ତି। ସୋସିଆଲ ମିଡିଆ, ଟେକ୍ନୋଲୋଜି ଏବଂ ଡିଜିଟାଲ ଦୁନିଆର ଚାହିଦା ବଢ଼ୁଥିବାରୁ ଜେନ୍ ଜେଡ୍‌ଙ୍କ ପାଇଁ ଅନେକ ସୁଯୋଗ ରହିଛି।**

**କୌଶଳ ଉପରେ ପ୍ରାଥମିକତା:** ଦେଶର ଯୁବପିଢ଼ି ଏବେ ଡିଗ୍ରୀ ନୁହେଁ, ସ୍କିଲ ବା କୌଶଳ ପଛରେ ଦୌଡ଼ୁଛନ୍ତି। ଏଣୁ ଯୁବପିଢ଼ି ଡିଗ୍ରୀ ସହିତ ସ୍କିଲ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ଜେନ୍ ଜେଡ୍ ଚାକିରିର ସ୍ଥିରତା ସାଙ୍ଗକୁ ନିଶା ଓ ସ୍ୱାଧୀନତାକୁ ଗୁରୁତ୍ୱ ଦେଉଛନ୍ତି। କଣ୍ଟେଣ୍ଟ କ୍ରିଏସନ, ଡିଜିଟାଲ ମାର୍କେଟିଂ, ୟୁଏକ୍ସ ଡିଜାଇନ, ଗେମିଂ, ଡାଟା ଆନାଲିଟିକ୍ସ, ଫେଶନ ଡିଜାଇନିଂ, ସଷ୍ଟେନବଲ ବିଜନେସ ଭଳି କ୍ୟାରିୟର ଲୋକପ୍ରିୟ ହେଉଛି।

**ମାନସିକ ସ୍ୱାସ୍ଥ୍ୟ:** ପୂର୍ବରୁ ଲୋକେ କେବଳ ଚାକିରି ପଛରେ ଦୌଡ଼ୁଥିଲେ ଏବଂ ଚାକିରି ମିଳିଲେ ଏହାକୁ ସୁରକ୍ଷିତ ରଖିବା ପ୍ରୟାସ କରୁଥିଲେ। ପୂର୍ବରୁ ଲୋକେ ଏତେ ବ୍ୟସ୍ତ ରହୁଥିଲେ ଯେ, ସେମାନେ ଘର ପରିବାରକୁ ସମୟ ଦେଇପାରୁ ନ ଥିଲେ। ହେଲେ ଆଜିର ପିଢ଼ି ମାନସିକ ସ୍ୱାସ୍ଥ୍ୟ ଏବଂ ପରିବାରକୁ ବେଶି ଗୁରୁତ୍ୱ ଦେଉଛନ୍ତି।

**କ୍ୟାରିୟର ବିକଳ୍ପ:** ଆଜିର ଯୁବପିଢ଼ି ପଢ଼ା ସହିତ ୟୁଟ୍ୟୁବ, ଇନଷ୍ଟାଗ୍ରାମ୍, ପଡକାଷ୍ଟିଂ, ବ୍ଲଗିଂ ଭଳି ଜିନିଷ ପ୍ରତି ରୁଚି ଦେଖାଉଛନ୍ତି। ବହୁତ ଲୋକ ଡିଜିଟାଲ ମାର୍କେଟିଂ ଏବଂ ସୋସିଆଲ ମିଡିଆ ମ୍ୟାନେଜମେଣ୍ଟ ଭଳି ପେଶାରେ ଯୁବପିଢ଼ି ପାଦ ରଖୁଛନ୍ତି। ତେଣୁ ଟେକ୍ନୋଲୋଜି ସହିତ ଜଡ଼ିତ ଚାକିରି ଜେନ ଜେଡ୍‌ଙ୍କର ପ୍ରଥମ ପସନ୍ଦ ପାଲଟିଛି। ସେହିପରି ୟୁଏକ୍ସ ଏବଂ ୟୁଆଇ ଡିଜାଇନ, ଡାଟା ସାଇନ୍ସ, ଏଆଇ ଡେଭଲପମେଣ୍ଟ, ଆପ୍ ଡିଜାଇନିଂ ଭଳି କ୍ୟାରିୟର ସବୁଠୁ ଉତ୍ତମ ବିକଳ୍ପ। ଫେଶନ ଫଟୋଗ୍ରାଫି, ଟ୍ରାଭେଲ ବ୍ଲଗିଂ ଏବଂ ସଷ୍ଟେନବଲ ବ୍ୟବସାୟ ଭଳି କ୍ରିଏଟିଭ୍ ଫିଲ୍ଡ ବହୁତ ଲୋକଙ୍କୁ କ୍ୟାରିୟରରେ ନୂଆ ଦିଗ ପ୍ରଦାନ କରୁଛି। ଅନ୍ୟପଟେ ଜେନ୍ ଜେଡଙ୍କ ଲାଗି କ୍ୟାରିୟରର ଅର୍ଥ କେବଳ ଟଙ୍କା କମାଇବା ନୁହେଁ, ନିଜର ପରିଚୟ ସୃଷ୍ଟି କରିବା। ଏହି ଜେନରେସନ ପ୍ରମାଣିତ କରି ଦେଇଛନ୍ତି ସଫଳତାର ଆଧାର କେବଳ ଡିଗ୍ରୀ ନୁହେଁ, ବରଂ ଦକ୍ଷତା, କ୍ରିଏଟିଭିଟି ଏବଂ କୌଶଳ।

# ବୋର୍ଡ ପରୀକ୍ଷା ପ୍ରସ୍ତୁତି

**ବୋର୍ଡ ପରୀକ୍ଷାରେ ଭଲ ନମ୍ବର ଆଣିବା ଦ୍ୱାରା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ଏଥିପାଇଁ ପୂର୍ବରୁ ଯୋଜନା ମୁତାବକ ପ୍ରସ୍ତୁତି କରିବାକୁ ହୋଇଥାଏ। ତେବେ ଏ ଲାଗି ପରୀକ୍ଷା ପ୍ରସ୍ତୁତି କିଭଳି କରିବେ, ଜାଣିବା ସେ ସମ୍ପର୍କରେ।**




- ସମୟ ସାରଣୀ ପ୍ରସ୍ତୁତ କରିବା ସମୟରେ ପ୍ରତ୍ୟେକ ବିଷୟ ପାଇଁ ଠିକ୍ ଭାବେ ସମୟ ଧାର୍ଯ୍ୟ କରନ୍ତୁ। ଏହା ଦ୍ୱାରା ପଢ଼ା ସମୟରେ ଅସୁବିଧା ହୋଇ ନ ଥାଏ।
- ବୋର୍ଡ ପରୀକ୍ଷା ପୂର୍ବରୁ ପାଠ୍ୟକ୍ରମକୁ ଧ୍ୟାନରେ ପଢ଼ନ୍ତୁ। ଯେଉଁ ବିଷୟ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାର ଅଛି, ତାହାକୁ ପ୍ରଥମେ ପ୍ରାଧାନ୍ୟ ଦିଅନ୍ତୁ।
- ପରୀକ୍ଷା ପ୍ୟାଟର୍ଣ୍ଣ ଏବଂ ପ୍ରଶ୍ନକୁ ବୁଝନ୍ତୁ। ପୂର୍ବବର୍ଷର ପରୀକ୍ଷା ପ୍ରଶ୍ନ ସଂଗ୍ରହ କରି ତା'କୁ ଅଭ୍ୟାସ କରନ୍ତୁ। ଏହା ଦ୍ୱାରା ଲିଖନ ଶୈଳୀ ଉନ୍ନତ ହୋଇଥାଏ ଏବଂ ବିଷୟ ଭଲ ମନେ ରହେ।
- ପରୀକ୍ଷାର କିଛିଦିନ ପୂର୍ବରୁ ରିଭିଜନ୍ କରିବା ଆରମ୍ଭ କରନ୍ତୁ। ରିଭିଜନ ଦ୍ୱାରା ଲର୍ଣ୍ଣିଂ ସ୍କିଲ୍ ବୃଦ୍ଧି ପାଏ। ଏହାସହ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଏ।
- ପଢ଼ା ମଝିରେ ଛୋଟ ଛୋଟ ବ୍ରେକ୍ ନେବା ଜରୁରି। ବ୍ରେକ୍‌ରୁ ସ୍ଫୁର୍ତ୍ତି ଲାଗେ ଓ ବିଷୟ ମନେ ରଖିବା ସହଜ ହୁଏ।
- ପରୀକ୍ଷା ପ୍ରସ୍ତୁତି ସମୟରେ ସକାରାତ୍ମକ ଚିନ୍ତାଧାରାରେ ରହିବା ଜରୁରି। ଚିନ୍ତାଗ୍ରସ୍ତ ରହିବା ଦ୍ୱାରା ପ୍ରସ୍ତୁତି ବାଧା ପ୍ରାପ୍ତ ହୋଇପାରେ।
- ମସ୍ତିଷ୍କକୁ ଶାନ୍ତ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ସହିତ ଉପଯୁକ୍ତ ନିଦ୍ରା ଯିବା ଜରୁରି। ଏଭଳି କରିବା ଦ୍ୱାରା ଏକାଗ୍ରତା ବୃଦ୍ଧି ପାଏ ଏବଂ ପଢ଼ା ଲାଗି ଅଧିକ ଶକ୍ତି ମିଳେ।

# ସମାଲୋଚକଙ୍କ ସହ କିଭଳି କରିବେ ଆଲୋଚନା

**ଅଫିସ୍ ସହକର୍ମୀ ହୁଅନ୍ତି ଅବା ପ୍ରତିଦ୍ୱନ୍ଦ୍ୱୀ କିମ୍ବା ସାଙ୍ଗସାଥୀ ଅନେକ ସମୟରେ ସେମାନେ ସମାଲୋଚନା କରିଥାନ୍ତି। ଯାହାକୁ ଶୁଣିବା ପରେ ଜଣେ ଉତ୍ତେଜିତ ହୋଇ ଅନେକ କିଛି କହି ବସନ୍ତି। ଏଭଳି ସ୍ଥିତିରେ ଉତ୍ତେଜିତ ନ ହୋଇ ସେମାନଙ୍କ ସହ କିଭଳି ଆଲୋଚନା କରିବା ଦରକାର, ସେ ସମ୍ପର୍କରେ ଜାଣିବା।**

- କାହାକୁ କିଛି କହିବା ପୂର୍ବରୁ କିଛି ସମୟ ପାଇଁ ଶାନ୍ତିରେ ଅଲଗା ସ୍ଥାନରେ ବସନ୍ତୁ।
- କ୍ରୋଧବଶତଃ ସମାଲୋଚକଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ କିଛି ନ ଲେଖିବା ଭଲ।
- ଏଭଳି ସ୍ଥଳେ କିଛି ପ୍ରତିକ୍ରିୟା ନ ଦେଇ କ'ଣ କରିବେ, ସେନେଇ ଭରସାଯୋଗ୍ୟ ବ୍ୟକ୍ତିଙ୍କ ପରାମର୍ଶ ନେଇପାରିବେ।
- ସମାଲୋଚକଙ୍କ କଥାକୁ ଗୁରୁତ୍ୱ ନ ଦେଇ, ତାହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ।
- ନମ୍ର ତଥା ଶାନ୍ତ ସ୍ୱଭାବରେ ସମାଲୋଚକଙ୍କୁ ତାଙ୍କ ଭୁଲ୍ ଜଣାଇବାକୁ ଚେଷ୍ଟା କରିବା ଉଚିତ।



## ନାଗାଲାଣ୍ଡ ବିପକ୍ଷ ରଣଜୀରେ ସ୍ୱସ୍ତିକ-ଶୁଭ୍ରାଂଶୁଙ୍କ ଶତକ

# ପ୍ରଥମ ବିଜୟ ଅଭିମୁଖେ ଓଡ଼ିଶା

ଭୁବନେଶ୍ୱର, ୧୮ ।୧୧ (ସମିସ): ଭ୍ରମଣକାରୀ ନାଗାଲାଣ୍ଡ ବିପକ୍ଷରେ ସ୍ଥାନୀୟ କିଟ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ଦୃଢ଼ସ୍ଥିତିରେ ରହିଛି। ଘରୋଇ ଓଡ଼ିଶା ପକ୍ଷରୁ ୪୬୫

### ଶେଷ ଦିନ ନାଗାଲାଣ୍ଡ ସାମ୍ନାରେ ୪୨୪ ଲକ୍ଷ୍ୟ

ରନର ବିଶାଳ ଟାର୍ଗେଟ୍ ନାଗାଲାଣ୍ଡ ସାମ୍ନାରେ ଧାର୍ଯ୍ୟ କରାଯାଇଛି। ଏହି କଷ୍ଟସାଧ ଲକ୍ଷ୍ୟକୁ ପିଛା କରି ନାଗାଲାଣ୍ଡ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୮ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୧ ରନ ସଂଗ୍ରହ କରିଛି। ବୁଧବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ। ନାଗାଲାଣ୍ଡକୁ ବିଜୟ ଲାଗି ବଳକା ୯ ୱିକେଟ୍‌ରେ ଆହୁରି ୪୨୪ ରନ ଆବଶ୍ୟକ ହେଉଛି। ଯାହାକି ଅପେକ୍ଷାକୃତ ଦୁର୍ବଳ ନାଗାଲାଣ୍ଡ ପାଇଁ ଏକପ୍ରକାର ଅସମ୍ଭବ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହିଭଳି ଘରୋଇ ଓଡ଼ିଶା ବଳକା ୯ ୱିକେଟ୍ ନେଇ ସିଜନର ପ୍ରଥମ ବିଜୟ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିଛି।

### ୨୬୧ ରନର ଭାଗୀଦାରି; ଦ୍ୱିତୀୟ ଇନିଂସରେ ଓଡ଼ିଶା ୩୫୦/୫

୧୧୪ ରନରେ ଅଗ୍ରଣୀ ରହିଥିବା ଘରୋଇ ଓଡ଼ିଶା ଦ୍ୱିତୀୟ ପାଳିରେ ଦମ୍‌ଦାର ବ୍ୟାଟିଂ କରିଥିଲା। ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୬/୨ରୁ ମଙ୍ଗଳବାର ଖେଳ ଆରମ୍ଭ କରି ଓଡ଼ିଶା ଦ୍ରୁତଗତିରେ ରନ ସଂଗ୍ରହ କରିଥିଲା। ବିଶେଷ କରି ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ସହ ଓପନର ସ୍ୱସ୍ତିକ ସାମଲ ପ୍ରତିପକ୍ଷ ନାଗାଲାଣ୍ଡ ବୋଲରଙ୍କୁ ଅନାୟାସରେ ଖେଳିଥିଲେ। ଉଭୟ ନିଜ ନିଜର ଶତକ ହାସଲ କରିବା ସହ ୩ୟ ୱିକେଟ୍‌ରେ ୨୬୧ ରନର ବିଶାଳ ଭାଗୀଦାରି ଗଢ଼ିଥିଲେ। ଯାହାକି ଘରୋଇ ଦଳକୁ ଏକ ବିଶାଳ ସ୍କୋର ଦିଗରେ ଅଗ୍ରସର କରାଇଥିଲା। ତେବେ ଦଳୀୟ





ସ୍କୋର ୨୭୭ ରନ ହୋଇଥିବାବେଳେ ସ୍ୱସ୍ତିକଙ୍କୁ ଆଉଟ୍ କରି ପ୍ରତିପକ୍ଷ ଅଧିନାୟକ ରଙ୍ଗସେନ ନାଗାଲାଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ।

ପ୍ରଥମଶ୍ରେଣୀ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିବା ସ୍ୱସ୍ତିକ ୧୯୫ ବଲରେ ୧୬୯ ରନ କରି ଆଉଟ୍ ହୋଇଥିଲେ। ଏହି ପାଳିରେ ସେ ୧୧ ଚୌକା ଓ ୬ଟି ଛକା ମାରିଥିଲେ। ଏହାପରେ ଗୋବିନ୍ଦ ପୋଦ୍ଦାର ତାଙ୍କ ଖରାପ ଫର୍ମ ଜାରି ରଖି ମାତ୍ର ୧୨ ରନରେ ପ୍ୟାଭିଲିୟନ ଫେରିଥିଲେ। ତେବେ ଦଳୀୟ ସ୍କୋର ୩୫୦ ରନ ହୋଇଥିବାବେଳେ ପଞ୍ଚମ ବ୍ୟାଟର୍ ଭାବେ ଶୁଭ୍ରାଂଶୁ ଆଉଟ୍ ହୋଇଥିଲେ। ଶୁଭ୍ରାଂଶୁଙ୍କ ଆଉଟ୍ ସହ ଓଡ଼ିଶା ପାଳି ମଧ୍ୟ ଘୋଷଣା କରିଥିଲା। ଶୁଭ୍ରାଂଶୁ ୧୧ ଚୌକା ଓ ୪ ଛକା ସହ ୧୬୮ ବଲରେ ୧୩୭ ରନ କରିଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ଏହା ତାଙ୍କର ୯ମ ଶତକ ଥିଲା। ସମ୍ବିତ ବରାଳ ୧୯ ରନ କରି ଅପରାଜିତ ରହିଥିଲେ। ନାଗାଲାଣ୍ଡ ପକ୍ଷରୁ ଜୋନାଥନ ଓ ଭିନୋ ଝିମୋମି ୨ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ପାଳିରେ ଓଡ଼ିଶା ୨୭୫ ଓ ନାଗାଲାଣ୍ଡ ୧୬୧ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୫/୧୦
ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/୧୦
ଓଡ଼ିଶା ୨ୟ ଇନିଂସ: ୩୫୦/୫, ଘୋଷଣା (ସ୍ୱସ୍ତିକ- ୧୬୯, ଶୁଭ୍ରାଂଶୁ- ୧୩୭, ସମ୍ବିତ- ଅପରାଜିତ ୧୯, ପୋଦ୍ଦାର- ୧୨, ଭିନୋ- ୨/୭୯)
ନାଗାଲାଣ୍ଡ ୨ୟ ଇନିଂସ: ୪୧/୧, ୧୮ ଓଭର (ଟାର୍ଗେଟ- ୪୬୫)

## ହାରିବା ପରେ ଇଡେନ୍‌ରେ ଭାରତର ଜୋର୍‌ଦାର୍ ଅଭ୍ୟାସ



କୋଲକାତା,୧୮ ।୧୧(ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନ ଦକ୍ଷିଣ ଆଫ୍ରିକାଠାରୁ ୩୦ ରନ୍‌ରେ ପ୍ରଥମ ଟେଷ୍ଟ ହାରିଯିବା ପରେ ଗୌହାଟୀର ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଆସନ୍ତା ୨୨ରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ଲାଗି ଭାରତୀୟ କ୍ରିକେଟ ଦଳ ଇଡେନ ଗାର୍ଡେନ୍ସରେ ଆଜି ଜୋରଦାର ଅଭ୍ୟାସ କରିଛି। ପ୍ରଥମ ଟେଷ୍ଟଟି ଅଢ଼େଇ ଦିନରେ ଶେଷ ହୋଇଯାଇଥିବାରୁ ଭାରତ ଏଠାରେ ଅଟକି ରହିଥିଲା। ଆସନ୍ତାକାଲି ବା ବୁଧବାର ଦଳ ଗୌହାଟୀ ଯିବ। କିନ୍ତୁ ଏହା ପୂର୍ବରୁ ଅର୍ଥାତ ମଙ୍ଗଳବାର ଭାରତୀୟ କ୍ରିକେଟ ଦଳ ଦୀର୍ଘ ୩ଘଣ୍ଟାରୁ ଊର୍ଦ୍ଧ୍ୱ ଇଡେନ୍‌ରେ ଅଭ୍ୟାସ କରିଥିଲା। ବିଶେଷ କରି ଖେଳାଳିମାନେ ସ୍ପିନ୍ ବୋଲିଂକୁ ଗୁରୁତ୍ୱ ଦେଇ ଖେଳିଥିଲେ। ବ୍ୟାଟର ହୁଅନ୍ତୁ କିମ୍ବା ସ୍ପିନରଙ୍କୁ କୋଚ୍ ଗୌତମ ଗମ୍ଭୀର ପରାମର୍ଶ ଦେଉଥିବା ଦେଖାଯାଇଥିଲା। ବିଶେଷ କରି ବି. ସାଇ ସୁଦର୍ଶନ ଓ ଧ୍ରୁବ ଜୁରେଲ ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧି ଟର୍ଣ୍ଣିଂ ବଲ୍‌କୁ ଖେଳିଥିଲେ। ଯେଉଁ ସବୁ ବିଭାଗରେ ଭାରତୀୟ ବ୍ୟାଟର ଇଡେନ୍‌ରେ ଫେଲ ମାରିଥିଲେ, ସେହି ବିଭାଗରେ ବ୍ୟାଟରମାନେ ଅଧିକ ଖେଳିଥିଲେ। ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧିବା ଫଳରେ ଏଲବିଡବ୍ଲ୍ୟୁକୁ କିପରି ଏଡାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା।

■ ରାଇଜିଂଷ୍ଟାର୍ସ ଏସିଆ କପ୍ କ୍ରିକେଟ

## ମିର୍ଜାଙ୍କ ଲଢୁଆ ବ୍ୟାଟିଂ

ଦୋହା,୧୮ ।୧୧(ଏଜେନ୍ସି): ଭାରତ ଓ ପାକିସ୍ତାନ ଗ୍ରୁପ୍-ଏ'ରୁ ଏଠାରେ ଚାଲିଥିବା ରାଇଜିଂଷ୍ଟାର୍ସ ଏସିଆ କପ୍ କ୍ରିକେଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପାକିସ୍ତାନ ଗ୍ରୁପ୍‌ରେ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ପ୍ରଥମ ଦଳ ଭାବେ ସେମିକୁ ଯାଇଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ଓମାନକୁ ୬ ୱିକେଟରେ ହରାଇ ଭାରତ ଗ୍ରୁପ୍-ଏ'ରୁ ଦ୍ୱିତୀୟ ଦଳ ଭାବେ ସେମିକୁ ଉନ୍ନୀତ ହୋଇଛି। ଆସନ୍ତାକାଲି ଗ୍ରୁପ୍-ବି'ର ଲିଗ୍ ମ୍ୟାଚ୍ ପରେ ସେମିରେ କିଏ କାହା ସହ ଖେଳିବ ତାହା ଜଣାପଡ଼ିବ। ଆଜି ଅନୁଷ୍ଠିତ ଗ୍ରୁପ୍-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓମାନ ୭ ୱିକେଟରେ ୧୩୫ ରନ୍ କରିଥିଲା। ଜବାବରେ ଭାରତ ୧୭.୫ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ହର୍ଷ ଦୁବେ ସର୍ବାଧିକ ୫୩ଅ, ନମନ ଧୀର ୩୦ ଓ ନେହାଲ ୱାଧେରା ୨୩ ରନ୍ କରିଥିଲେ।

## ଭାରତ-ବାଂଲା ମହିଳା ସିରିଜ୍ ବାତିଲ

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ବିତାଡିତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ବାଂଲାଦେଶରେ ଗଠିତ ଅନ୍ତର୍ଜାତୀୟ ନ୍ୟାୟାଳୟ ଫାଶୀଦଣ୍ଡରେ ଦଣ୍ଡିତ କରିଛି। ଏହି ନିଷ୍ପତ୍ତିର ସିଧାସଳଖ ପ୍ରଭାବ ପଡ଼ିଛି ଆସନ୍ତା ମାସ ଭାରତରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ମହିଳା ସୀମିତ ଓଭର କ୍ରିକେଟ୍ ସିରିଜ୍ ଉପରେ। କୋଲକତା ଓ କଟକରେ ହେବାକୁ ଥିବା ତିନୋଟି ଲେଖାଏଁ ଦିନିକିଆ ଓ ଟି-୨୦ ସିରିଜ୍‌କୁ ବାତିଲ କରିଦିଆଯାଇଛି। ଏହା ବଦଳରେ ଆଉ ଏକ ସିରିଜ୍ ଆୟୋଜନ ଲାଗି ବିସିସିଆଇ ଯୋଜନା କରିଛି।

● କୁଚ୍ ବିହାର ଟ୍ରଫି କ୍ରିକେଟ

## ଓଡ଼ିଶାର ଇନିଂସ ପରାଜୟ

କଟକ,୧୮ ।୧୧(ସମିସ): ମହାରାଷ୍ଟ୍ରର ନାଗାଥୋନେରେ ଆଜି ଶେଷ ହୋଇଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର ପ୍ରଥମ ମୁକାବିଲାରେ ଓଡ଼ିଶା ଏକ ଇନିଂସ ଓ ୨୫୦ ରନ୍‌ରେ ମହାରାଷ୍ଟ୍ରଠାରୁ ପରାଜିତ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମହାରାଷ୍ଟ୍ର ପ୍ରଥମ ଇନିଂସରେ ୫୨୮ ରନ୍ କରିଥିଲା। ଜବାବରେ ଓଡ଼ିଶା ପ୍ରଥମ ଇନିଂସରେ ୨୦୦ ରନ୍ କରି ଫଲୋଅନ୍ ହୋଇଥିଲା। ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସରେ ଓଡ଼ିଶା ଦଳ ମାତ୍ର ୨୭.୫ ଓଭରରେ ମାତ୍ର ୭୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଫଳରେ ମହାରାଷ୍ଟ୍ର ଏକ ଇନିଂସ ଓ ୨୫୦ ରନ୍‌ରେ ବୃହତ୍ ବିଜୟ ହାସଲ କରିଥିଲା।

**ଜାତୀୟ ପାରା ସୁଇମିଂ ଉଦ୍‌ଯାପିତ**


## ୮ ସ୍ୱର୍ଣ୍ଣ ସହ ଓଡ଼ିଶା ସପ୍ତମ

ଭୁବନେଶ୍ୱର, ୧୮ ।୧୧ (ସମିସ): ହାଇଦରାବାଦ୍‌ରେ ଉଦ୍‌ଯାପିତ ହୋଇଥିବା ୨୫ତମ ଜାତୀୟ ପାରା ସୁଇମିଂ ଚାମ୍ପିଅନସିପ୍‌ରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରି ମୋଟ୍ ୩୯ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୮ଟି ସ୍ୱର୍ଣ୍ଣ, ୧୮ଟି ରୌପ୍ୟ ଓ ୧୩ଟି କାଂସ୍ୟ ପଦକ ରହିଛି। ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ୩୨ଜଣ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ୨୮ଟି ରାଜ୍ୟର ୬୨୮ ସନ୍ତରଣକାରୀ ଏଥିରେ ଭାଗନେଇଥିବାବେଳେ କର୍ଣ୍ଣାଟକ ଓଭରଅଲ୍ ଚାମ୍ପିଅନ ଟ୍ରଫି ହାସଲ କରିଛି। ଓଡ଼ିଶା ପଦକ ତାଲିକାର ସପ୍ତମ ସ୍ଥାନରେ ରହିଛି। ଓଡ଼ିଶାର ଏହି ସଫଳତାରେ ଓଡ଼ିଶା ପାରା କ୍ରୀଡ଼ା ସଂଘର ସମ୍ପାଦକ ସୁନିଲ ପ୍ରଧାନ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଗତ ସଂସ୍କରଣରେ ଓଡ଼ିଶା ୨୭ଟି ପଦକ ବିଜୟୀ ହୋଇଥିଲା। ଓଡ଼ିଶା ସନ୍ତରଣକାରୀମାନେ ଏଥିରେ ଅଂଶଗ୍ରହଣ କରିବା ପୂର୍ବରୁ କଳିଙ୍ଗ ଷ୍ଟାଡିୟମ ସୁଇମିଂ ଏଚ୍‌ପିସିରେ ୧୫ ଦିନ ଧରି ପ୍ରଶିକ୍ଷଣ ନେଇଥିଲେ। ସୁନିତା ବହିଦାର ଓ ପୂର୍ଣ୍ଣଚନ୍ଦ୍ର ସେଠୀ ଓଡ଼ିଶା ଦଳର କୋଚ୍ ଦାୟିତ୍ୱ ତୁଲାଇଥିଲେ।



## ସୁବ୍ରତଙ୍କୁ ହରାଇ ଆଶୁତୋଷ ବିଲିୟାର୍ଡ୍ସ ଚାମ୍ପିଅନ

ଭୁବନେଶ୍ୱର,୧୮ ।୧୧(ସମିସ): ଗୁରୁ ସୁବ୍ରତ ଦାସ୍‌ଙ୍କୁ ହରାଇ ଶିଷ୍ୟ ତଥା ରାଜ୍ୟର ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ସିନିଅର ର‌୍ୟାଙ୍କିଙ୍ଗ୍ ବିଲିଆର୍ଡ୍ସ ଟାଇଟଲ ବିଜୟୀ ହୋଇଛନ୍ତି। ପଟିଆ ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଆଜି ଅନୁଷ୍ଠିତ ଫାଇନାଲରେ ଆଶୁତୋଷ ୪-୧ ଫ୍ରେମ୍‌ରେ ସୁବ୍ରତଙ୍କୁ ହରାଇ ୬ଷ୍ଠ ଥର ଟାଇଟଲ ହାସଲ କରିଛନ୍ତି। ଆଜି ଅନୁଷ୍ଠିତ ସିନିଅର ର‌୍ୟାଙ୍କିଙ୍ଗ୍ ସ୍ନୁକର ବିଭାଗରେ ଚେତନ ଆନନ୍ଦ, ଅବିନାଶ ମହାପାତ୍ର, ବିଶେଷ ସିଂଘାଲ, ଜ୍ଞାନ ଦାସ, ଶୁଭାଶିଷ ସେଠୀ, ଅମିତ ସିଂ ବିଜୟୀ ହୋଇଛନ୍ତି। ୱାକ୍ ଓଭର ପାଇ ହରି କ୍ରିଷ୍ଣା ଓ ଆୟାମ ସିଂ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



## ଏଫ୍‌ଆଇଏଚ୍‌ର ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ଜିତିଲେ ରଘୁ



ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଭାରତର ରଘୁ ପ୍ରସାଦ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ବର୍ଷର ଶ୍ରେଷ୍ଠ ପୁରୁଷ ଅମ୍ପାୟର ପୁରସ୍କାର ଜିତିଛନ୍ତି। ମ୍ୟାଚ୍ ପରିଚାଳନାରେ ତାଙ୍କର ବୃତ୍ତିଗତତା, ସମର୍ପଣ ଓ ଉତ୍କର୍ଷତା ଲାଗି ଏଫ୍‌ଆଇଏଚ୍ ଅମ୍ପାୟାରିଂ କମିଟି ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛି। କର୍ଣ୍ଣାଟକ ଜନ୍ମିତ ରଘୁ ୨୨ ବର୍ଷର ଲମ୍ବା ଅମ୍ପାୟରିଂ କ୍ୟାରିୟରରେ ୧୯୮ଟି ଅନ୍ତର୍ଜାତୀୟ ହକି ମ୍ୟାଚ୍ ପରିଚାଳନା କରିଛନ୍ତି। ସେହିଭଳି ୩୩ଟି ମ୍ୟାଚରେ ଭିଡିଓ ଅମ୍ପାୟର ଭୂମିକା ତୁଲାଇଛନ୍ତି। ସେ ୪ଟି ବିଶ୍ୱକପ୍ ଓ ୩ଟି ଅଲିମ୍ପିକ୍ସରେ ମ୍ୟାଚ୍ ପରିଚାଳନା କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଅପରପକ୍ଷରେ ଆର୍ଜେଣ୍ଟିନାର ଇରେନି ପ୍ରିସେନକ୍ସି ବର୍ଷର ଶ୍ରେଷ୍ଠ ମହିଳା ହକି ଅମ୍ପାୟର ବିବେଚିତ ହୋଇଛନ୍ତି।

## ଅଷ୍ଟ୍ରେଲିଆନ୍ ଓପନ୍ ସାତ୍ତ୍ୱିକ୍-ଚିରାଗଙ୍କ ବିଜୟ

ସିଡ୍‌ନୀ, ୧୮ ।୧୧ (ଏଜେନ୍ସି): ତାରକା ଭାରତୀୟ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୫-୨୩, ୨୧-୧୬ ଗେମରେ ଚାଇନିଜ ତାଇପେଇର ଚାଙ୍ଗ୍ କୋ-ଚି ଓ ପୋଲି-ୱି ଯୋଡ଼ିଙ୍କୁ ହରାଇଛନ୍ତି। ପ୍ରି-କ୍ୱାର୍ଟରରେ ସାତ୍ତ୍ୱିକ-ଚିରାଗ ଅନ୍ୟତମ ଚାଇନିଜ ତାଇପେଇ ଯୋଡ଼ି ସୁ ଚିଙ୍ଗ ହେଙ୍ଗ ଓ ଗୁଆନ ଜୁନଙ୍କୁ ଭେଟିବେ। ଲକ୍ଷ୍ୟ ସେନ, କିଦାମ୍ବୀ ଶ୍ରୀକାନ୍ତ, ଏଚଏସ୍ ପ୍ରଣୟ ପ୍ରମୁଖ ବୁଧବାର ସେମାନଙ୍କ ଅଭିଯାନ ଆରମ୍ଭ କରିବେ।

## ମ୍ୟାଚ୍‌ବେଳେ ଷ୍ଟମ୍ପ୍ ଭାଙ୍ଗି ବାବର ଦଣ୍ଡିତ

ଦୁବାଇ,୧୮ ।୧୧(ଏଜେନ୍ସି): ପାକିସ୍ତାନର ଶୀର୍ଷ ବ୍ୟାଟର ବାବର ଆଜମ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରି ଦଣ୍ଡିତ ହୋଇଛନ୍ତି। ଦଣ୍ଡ ଆକାରରେ ତାଙ୍କ ମ୍ୟାଚ୍ ଫି'ର ୧୦ ଶତକଡ଼ା କାଟିନିଆଯିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ଦିଆଯାଇଛି। ଗତ ୨୪ ମାସରେ ଏହା ତାଙ୍କର ପ୍ରଥମ ଅପରାଧ ହୋଇଥିବାରୁ ଏଭଳି ଦଣ୍ଡ ମିଳିଛି। ଘଟଣାରୁ ଜଣାଯାଇଛି, ଶ୍ରୀଲଙ୍କା ସହ ତୃତୀୟ ଦିନିକିଆ ମ୍ୟାଚ୍ ଖେଳୁଥିଲାବେଳେ ପାକିସ୍ତାନ ଇନିଂସର ୨୧ତମ ଓଭରରେ ସେ ୫୬ ବଲ୍‌ରୁ ୩୪ ରନ୍ କରି ଆଉଟ ହୋଇଥିଲେ। ଆଉଟ ହେବା ପରେ ବାବର ତାଙ୍କ ବ୍ୟାଟ୍‌ରେ ଷ୍ଟମ୍ପ୍‌କୁ ବାଡେଇ ଭାଙ୍ଗିଦେଇଥିଲେ। ଏହା ଆଇସିସି ଆଚରଣ ସଂହିତାର ଧାରା ୨.୨କୁ ଉଲ୍ଲଙ୍ଘନ କରିଥିଲା। ଯାହା ଫଳରେ ତାଙ୍କୁ ଦଣ୍ଡିତ କରାଯାଇଥିଲା। ଦୀର୍ଘ ୮୦୭ ଦିନ ପରେ ଦିନିକିଆ ମ୍ୟାଚ୍‌ରେ ଶତକ ହାସଲ କରିଥିବା ଆଜମ ଏହି ସିରିଜ୍‌ରେ ସର୍ବାଧିକ ୧୬୫ ରନ୍ କରିଥିଲେ ଓ ପାକିସ୍ତାନ ୩-୦ରେ ଏହି ସିରିଜ୍‌କୁ ଜିତିନେଇଥିଲା।

## ମହିଳା କବାଡ଼ି ବିଶ୍ୱକପ୍: ଭାରତର ବିଜୟ ଅଭିଯାନ

ଢାକା, ୧୮ ।୧୧ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ଚଳିତ ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ଗ୍ରୁପ୍-ଏ'ର ଏକ ମ୍ୟାଚରେ ଭାରତୀୟ ମହିଳା ଦଳ ୪୫ ପଏଣ୍ଟ (୬୫-୨୦)ରେ ଥାଇଲାଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ସହ ୨ ପଏଣ୍ଟ ପାଇ ଭାରତ ଖାତା ଖୋଲିଛି।

ସକାଳ
THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with:
CBSE-XI & XII
SRI VINAYAKA Concept School
BHUBANESWAR

5th Anniversary

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ରାୟଗଡା | ସେଞ୍ଚୁରିୟନ ପବ୍ଲିକ ସ୍କୁଲ, ରିଙ୍ଗ ରୋଡ, ଯୁଜିଏମଆଇଟି କଲେଜ ପାଖରେ, ରାୟଗଡା | ଶିବ ନାରାୟଣ ଗୌଡ - ୭୦୦୮୯୪୧୨୧୬ |
| ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଁଗଡ, ମିର୍ଗାନ୍ ଗୁଡା, ନବରଙ୍ଗପୁର | ଗୌରାଙ୍ଗ ପାତ୍ର - ୭୯୭୮୭୩୩୬୩୬ |
| ମାଲକାନଗିରି | ମାଲକାନଗିରି ମହା ବିଦ୍ୟାଳୟ, ମାଲକାନଗିରି | ଅଶୋକ ମିଶ୍ର - ୯୦୭୮୯୩୨୬୬୬ |
| କୋରାପୁଟ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ପାରାବେଢା, ଜୟପୁର | ସୁପ୍ରିତ ପୂଜାରୀ - ୯୪୩୭୬୮୨୧୦୫ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS